OCTOBER 14, 2026
WEDNESDAY, BHUBANESWAR

ଅକ୍ଟୋବର ୧୪, ୨୦୨୬
ବୁଧବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME - 2 ● ISSUE- 42 ବର୍ଷ- ୨ ● ସଂଖ୍ୟା- ୪୨ | RNI REGD NO. ORIORI/25/A2226 ● DAILY EDITION | ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

ରାଜ୍ୟ କ୍ୟାବିନେଟ୍‌ର ୧୬ଟି ପ୍ରସ୍ତାବକୁ ମଞ୍ଜୁରି

ଦକ୍ଷତା ବିକାଶ, ମତ୍ସ୍ୟ ଉତ୍ପାଦନ ଓ ସହରାଞ୍ଚଳ ଭିତ୍ତିଭୂମିର ଉନ୍ନତି ଉପରେ ଗୁରୁତ୍ୱ

- ୩୪୦୦ କୋଟିର 'ଅଟଳ ବସ୍‌ଷ୍ଟାଣ୍ଡ' ଯୋଜନା ପାରିତ
- ୪ ଲକ୍ଷ ୨୦ ହଜାର ଯୁବକଯୁବତୀଙ୍କୁ ଦକ୍ଷତା ବିକାଶ ଯୋଜନାରେ ସାମିଲ ଲକ୍ଷ୍ୟ
- ମତ୍ସ୍ୟ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ଓ କ୍ୟାଡର ପୁନର୍ଗଠନ
- ସହରାଞ୍ଚଳର ଜଳବନ୍ଦୀ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ
- ଜାତୀୟ ଶିକ୍ଷାନୀତି ସହ ଦକ୍ଷତା ବିକାଶର ସମନ୍ୱୟ
- ସଫଳ ରୂପାୟନ ଉପରେ ନିର୍ଭର କରିବ ଯୋଜନାର ସଫଳତା

ଭୁବନେଶ୍ୱର, ୧୩/୧୦ : ରାଜ୍ୟର ଆର୍ଥିକ ପ୍ରଗତି, ଯୁବପିଢ଼ିଙ୍କ ଦକ୍ଷତା ବିକାଶ, ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଏବଂ ସହରାଞ୍ଚଳ ଭିତ୍ତିଭୂମିର ସୁଦୃଢ଼ୀକରଣକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ନୂତନ ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରିମଣ୍ଡଳର ୪୮ତମ ବୈଠକରେ ୧୧ଟି ବିଭାଗର ମୋଟ ୧୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ରାଜ୍ୟର ବିକାଶ ସହିତ ଯୁବକଯୁବତୀଙ୍କୁ ନିଯୁକ୍ତିଯୋଗ୍ୟ କରିବା, ମତ୍ସ୍ୟ କ୍ଷେତ୍ରରେ ଉତ୍ପାଦନ ଓ ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବା ଏବଂ ସହରାଞ୍ଚଳର ମୌଳିକ ସମସ୍ୟାର ସମାଧାନ କରିବା ଏହି ନିଷ୍ପତ୍ତିଗୁଡ଼ିକର ପ୍ରମୁଖ ଉଦ୍ଦେଶ୍ୟ। ବୈଠକ ପରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କ୍ୟାବିନେଟ୍‌ରେ ଅନୁମୋଦିତ ପ୍ରସ୍ତାବଗୁଡ଼ିକ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଯୁବପିଢ଼ିଙ୍କୁ ନିଯୁକ୍ତିକ୍ଷମ କରିବା ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଦିଗରେ ଦକ୍ଷତା ବିକାଶ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ଏହି ଲକ୍ଷ୍ୟକୁ ଆଗରେ ରଖି ରାଜ୍ୟରେ ୪.୨ ଲକ୍ଷ ଯୁବକଯୁବତୀଙ୍କୁ ଦକ୍ଷତାଭିତ୍ତିକ ତାଲିମ ପ୍ରଦାନ ପାଇଁ ୨,୪୫୦ କୋଟି ଟଙ୍କା ବ୍ୟୟବରାଦ ସମ୍ବଳିତ ଯୋଜନାକୁ କ୍ୟାବିନେଟ୍ ଅନୁମୋଦନ କରିଥିବା ସୂଚନା ମିଳିଛି। ଏହି ଯୋଜନା ଅଧୀନରେ ୧.୧୭ ଲକ୍ଷ ଯୁବକଯୁବତୀଙ୍କୁ ନିଯୁକ୍ତିଭିତ୍ତିକ ସଞ୍ଚକାଳୀନ ତାଲିମ ଦିଆଯିବା ସହ ପ୍ରାୟ ୩ ଲକ୍ଷ ଯୁବକଯୁବତୀଙ୍କୁ ଡିଜିଟାଲ ଦକ୍ଷତା ପ୍ରଦାନ କରାଯିବ।

ବର୍ତ୍ତମାନର ପ୍ରତିଯୋଗିତାମୂଳକ ନିଯୁକ୍ତି ବଜାରରେ କେବଳ ଶିକ୍ଷାଗତ ଯୋଗ୍ୟତା ନୁହେଁ, ବରଂ ବୈଷୟିକ ଜ୍ଞାନ ଓ ବ୍ୟବହାରିକ ଦକ୍ଷତା ମଧ୍ୟ ଅତ୍ୟନ୍ତ ଜରୁରୀ। ତେଣୁ ଏହି ଯୋଜନାର ସଫଳ ରୂପାୟନ ହେଲେ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ଓ ଆତ୍ମନିଯୁକ୍ତିର ନୂଆ ସୁଯୋଗ ସୃଷ୍ଟି ହୋଇପାରିବ। ତେବେ ତାଲିମର ଗୁଣବତ୍ତା, ଶିଳ୍ପ ସଂସ୍ଥାଗୁଡ଼ିକ ସହ ସମନ୍ୱୟ ଏବଂ ତାଲିମ ପରବର୍ତ୍ତୀ ନିଯୁକ୍ତିର ସୁଯୋଗ ଏହି ଯୋଜନାର ସଫଳତା ନିର୍ଣ୍ଣୟ କରିବ।

ରାଜ୍ୟର ଅର୍ଥନୀତିରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ କ୍ଷେତ୍ରର ଗୁରୁତ୍ୱ ଅଧିକ। ଏହି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି, ମତ୍ସ୍ୟଜୀବୀଙ୍କ ଆୟ ବଢ଼ାଇବା ଏବଂ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମତ୍ସ୍ୟ ସେବା କ୍ୟାଡରର ପୁନର୍ଗଠନ ପ୍ରସ୍ତାବକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଉପସ୍ଥାପିତ ତଥ୍ୟ ଅନୁଯାୟୀ, ୨୦୪୭ ସୁଦ୍ଧା ରାଜ୍ୟର ମାଛ ଉତ୍ପାଦନକୁ ୫୧ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନର ଉତ୍ପାଦନ ୧୨.୭ ଲକ୍ଷ ମେଟ୍ରିକ୍ ଟନ୍ ବୋଲି ଦିଆଯାଇଥିବା ତଥ୍ୟରୁ ଜଣାପଡ଼ିଛି। ଏହି ଲକ୍ଷ୍ୟ ହାସଲ ପାଇଁ ଉତ୍ପାଦନ ବୃଦ୍ଧି ସହ ଉନ୍ନତ ମାଛଚାଷ ପ୍ରଣାଳୀ, ଆଧୁନିକ ପ୍ରଯୁକ୍ତିର ବ୍ୟବହାର, ମତ୍ସ୍ୟଜୀବୀଙ୍କୁ ତାଲିମ ଏବଂ ବଜାର ସଂଯୋଗକୁ ଗୁରୁତ୍ୱ ଦେବା ଆବଶ୍ୟକ। ସେହିପରି ମତ୍ସ୍ୟ ବିଭାଗରେ ମାନବ ସମ୍ବଳ ବୃଦ୍ଧି ଏବଂ ପଦବୀ ପୁନର୍ବିନ୍ୟାସ ଦ୍ୱାରା କ୍ଷେତ୍ରସ୍ତରରେ ସେବା ପ୍ରଦାନ ବ୍ୟବସ୍ଥା ଅଧିକ ସୁଦୃଢ଼ ହୋଇପାରିବ। ପ୍ରସ୍ତାବିତ ପରିବର୍ତ୍ତନ ଅନୁଯାୟୀ, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକଙ୍କ ପଦବୀ ସଂଖ୍ୟା ୧୨୭ରୁ ବୃଦ୍ଧି କରି ୨୨୪ କରାଯିବା ସହ ବେତନ ହାରକୁ ଲେଭଲ୍-୪ରୁ ଲେଭଲ୍-୯କୁ ଉନ୍ନୀତ କରିବାର ବ୍ୟବସ୍ଥା ରହିଛି। ଅନ୍ୟପକ୍ଷରେ, କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକଙ୍କ ପଦବୀ ସଂଖ୍ୟା ୩୧୮ରୁ ବୃଦ୍ଧି କରି ୫୫୦ କରିବାର ପ୍ରସ୍ତାବ ରହିଛି।

ଦ୍ରୁତ ସହରୀକରଣ ସହିତ ଜଳବନ୍ଦୀ, ଅପର୍ଯ୍ୟାପ୍ତ ଡ୍ରେନେଜ୍ ବ୍ୟବସ୍ଥା ଓ ଜଳ ନିଷ୍କାସନ ସମସ୍ୟା ରାଜ୍ୟର ବିଭିନ୍ନ ସହରରେ ଏକ ପ୍ରମୁଖ ଆହ୍ୱାନ ଭାବେ ଦେଖାଦେଇଛି। ଏହି ସମସ୍ୟାର ସମାଧାନ ପୃଷ୍ଠା-୨

ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆଭାସୀ ମାଧ୍ୟମରେ କ୍ୟାବିନେଟ ବୈଠକରେ ଯୋଗଦେଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ମା' କଟକ ଚଣ୍ଡୀଙ୍କ ଜଗଦ୍ଧାତ୍ରୀ ବେଶ

ଓଡ଼ିଶାର ୧୦ ଜିଲ୍ଲାରୁ ଫେରିଗଲା ମୌସୁମୀ

ଭୁବନେଶ୍ୱର, ୧୩/୧୦ : ଚଳିତ ଖରିଫ ଋତୁର ଶେଷ ପର୍ଯ୍ୟାୟରେ ବର୍ଷାର ଘୋର ଅଭାବ ଦେଖାଯାଇଛି। ଗତ ଜୁନରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଭଲ ବର୍ଷା ହୋଇଥିଲା ବେଳେ ଅକ୍ଟୋବର ମାସରେ ବର୍ଷାର ଅଭାବ ଦେଖାଯାଇଛି। ଚାଷଜମି ମାଟି ଫାଟି ଆଁ କରିଛି। ଚାଷୀକୁଳ ଏବେ ବର୍ଷାଜଳକୁ ଅପେକ୍ଷା କରିଥିବା ବେଳେ ମୌସୁମୀ ଚିନ୍ତା ବଢ଼ାଇଛି। ଓଡ଼ିଶାରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରତ୍ୟାହାର ଜାରି ରହିଛି। ଓଡ଼ିଶାର ୧୦ଟି ଜିଲ୍ଲା ଯଥା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ସୋନପୁର, ବରଗଡ଼, ନୂଆପଡ଼ା, ବଲାଙ୍ଗର, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରୁ ସମ୍ପୂର୍ଣ୍ଣ ବିଦାୟ ନେଇଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୃଷ୍ଠା-୨

ସମ୍ବଲପୁରରେ ମହିଳାଙ୍କ ସୁରକ୍ଷା ପାଇଁ 'ନିର୍ଭୟା' ଯୋଜନା

ସହରରେ ଲାଗିବ ୮୦୦ ସିସିଟିଭି, ଚାଲିବ ୪୦ଟି ଇ-ରିକ୍ସା

- ସମ୍ବଲପୁର ପାଇଁ ଆସିଲା ୧୦ କୋଟିର 'ନିର୍ଭୟା' ପ୍ରସ୍ତାବ
- 'ଶକ୍ତି ସାରଥୀ' ଅଧୀନରେ ୧୫ଟି ଦୁଇଚକିଆ ଯାନ ସହାୟତା

ଭୁବନେଶ୍ୱର, ୧୩/୧୦ : ମହିଳା ଓ ବାଳିକାଙ୍କ ପାଇଁ ସୁରକ୍ଷିତ, ସମାବେଶୀ ଓ ଭୟମୁକ୍ତ ସହର ଗଠନ ଲକ୍ଷ୍ୟରେ ନିର୍ଭୟା ପଦକ୍ଷେପ ଅଧୀନରେ ସମ୍ବଲପୁରଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ଯୋଜନାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଥିଲେ। ଗୃହ ପୃଷ୍ଠା-୨

୨୪ ମାସର ପ୍ରତିଶ୍ରୁତି

୧୬୦୮ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ଭେଟି

ଘାଟିକିଆ ଓ ଗାଡ଼କଣଠାରେ ଦୁଇଟି ସୁଲଭ ଆବାସିକ ପ୍ରକଳ୍ପର ଲୋକାର୍ପଣ

- କ୍ରୀଡ଼ା ଓ ସୁସ୍ଥତା ପାଇଁ ରାଜଧାନୀ ଓ ଆଖପାଖ ଅଞ୍ଚଳରେ ୧୨ଟି ଅତ୍ୟାଧୁନିକ ଖେଳପଡ଼ିଆ ଉତ୍ସର୍ଗୀକୃତ
- ସମାଜର ପ୍ରତ୍ୟେକ ବର୍ଗଙ୍କୁ ସୁରକ୍ଷା ଓ ସମ୍ମାନର ସହିତ ପକ୍କା ଘର ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିବଦ୍ଧ: ମୁଖ୍ୟମନ୍ତ୍ରୀ
- ଭୁବନେଶ୍ୱରରେ ସୁଲଭ ଆବାସର ନୂତନ ଅଧ୍ୟାୟ
- ଗରିବର ମୁଣ୍ଡ ଉପରେ ପକ୍କା ଛାତ

ଭୁବନେଶ୍ୱର, ୧୩/୧୦ : ରାଜଧାନୀ ଭୁବନେଶ୍ୱରର ମାଟିରେ ଆଜି ଏକ ଅଭୂତପୂର୍ବ ଓ ଭାବବିହ୍ୱଳ ପରିବେଶ ଦେଖିବାକୁ ମିଳିଛି। ଯେଉଁମାନଙ୍କ ପାଇଁ ରାଜଧାନୀରେ ଛାତ ଖଣ୍ଡେ ସପ୍ନ ଥିଲା, ଆଜି ସେହି ଶ୍ରମିକ ଏବଂ ନିମ୍ନ ଆୟବର୍ଗର ପରିବାରମାନେ ପାଇଛନ୍ତି ସେମାନଙ୍କ ନିଜର ପକ୍କା ଘର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଘାଟିକିଆ ଏବଂ ଗାଡ଼କଣଠାରେ ଦୁଇଟି ଅତ୍ୟାଧୁନିକ ସୁଲଭ ଆବାସିକ ପ୍ରକଳ୍ପର ଲୋକାର୍ପଣ କରାଯାଇଛି। ଗାଡ଼କଣରେ ୬ ଏକରରୁ ଅଧିକ ଜମି ଉପରେ ପ୍ରାୟ ୯୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬୮୦ଟି ଆବାସ ଗୃହ ଏବଂ ଘାଟିକିଆରେ ୫ ଏକରରୁ ଅଧିକ ଜମି ଉପରେ ୬୬ କୋଟି ୪୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୯୨୮ଟି ଆବାସ, ଅର୍ଥାତ୍ ମୋଟ ୧,୬୦୮ଟି ସୁଲଭ ଆବାସ ସହ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ୧୨ଟି ଅତ୍ୟାଧୁନିକ ଖେଳ ପଡିଆ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି । ଏଥିସହିତ ବୁଦ୍ଧ ବିହାର, ନୀଳମାଧବ, ସୁବୁଦ୍ଧିପୁର ଓ ଶାନ୍ତିପଲ୍ଲୀଠାରେ ମଧ୍ୟ ୯୬୨ଟି ପରିବାରକୁ ଗୃହପ୍ରବେଶ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଖାଦ୍ୟ ପରେ ଜଣେ ବ୍ୟକ୍ତିଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଉଛି 'ମୁଣ୍ଡ ଉପରେ ଛାତ'। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବଳ ଘର ନିର୍ମାଣ ନୁହେଁ, ବରଂ ଶୌଚାଳୟ, ପୃଷ୍ଠା-୨

ସବୁଜ ଶକ୍ତିରେ ଓଡ଼ିଶାର ବାଜିମାତ୍

'ଓ୍ୱିଣ୍ଡ ଇଣ୍ଡିଆ ୨୦୨୬' ନେତୃତ୍ୱ ପୁରସ୍କାର

ଭୁବନେଶ୍ୱର, ୧୩/୧୦ : ସ୍ୱଚ୍ଛ ତଥା ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ଓଡ଼ିଶା ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଚେନ୍ନାଇରେ ଅନୁଷ୍ଠିତ ଜାତୀୟ ସମ୍ମିଳନୀ 'ଓ୍ୱିଣ୍ଡର୍ଜ ଇଣ୍ଡିଆ ୨୦୨୬'ରେ ଓଡ଼ିଶାକୁ ସମ୍ମାନଜନକ ''ଓ୍ୱିଣ୍ଡ ଇଣ୍ଡିଆ ୨୦୨୬: ଲିଡରସିପ୍ ଇନ୍ ଓ୍ୱିଣ୍ଡ ଏନର୍ଜି ଡି-ରିସ୍କିଂ'' ପୁରସ୍କାରରେ ସମ୍ମାନିତ କରାଯାଇଛି। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଏହି ସମ୍ମାନଜନକ ପୁରସ୍କାର ଆନୁଷ୍ଠାନିକ ଭାବେ ପ୍ରଦାନ କରିଛନ୍ତି। ଏହି ପୁରସ୍କାର ପ୍ରଦାନ ଉତ୍ସବରେ ଓପିଟିସିଏଲର ଚେୟାରମ୍ୟାନ୍ ତଥା ମ୍ୟାନେଜିଂ ଡାଇରେକ୍ଟର ଭାସ୍କର ଜ୍ୟୋତି ଶର୍ମା, ଗ୍ରୀଡକୋର ପରିଚାଳନା ନିର୍ଦ୍ଦେଶକ ଡ ସତ୍ୟପ୍ରିୟ ରଥ ଏବଂ ଶକ୍ତି ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଚେନ୍ନାଇରେ ଆୟୋଜିତ ଓ୍ୱିଣ୍ଡର୍ଜ ଇଣ୍ଡିଆ ୨୦୨୬ ସମ୍ମିଳନୀରେ ଗତ ୮ ତାରିଖରେ ଏହି ପୁରସ୍କାର ପ୍ରଦାନ ପୃଷ୍ଠା-୨

ପବନ ଶକ୍ତିର ନୂତନ ଗନ୍ତବ୍ୟସ୍ଥଳ ଓଡ଼ିଶା

ଦେଓଗାଁରେ ସେବାର ସଙ୍କଳ୍ପ, ରକ୍ତଦାନରେ ନୂଆ ଉତ୍ସାହ

ଅନ୍ୟର ଜୀବନ ରକ୍ଷାଠାରୁ ବଡ଼ ପୂଜ୍ୟ କାର୍ଯ୍ୟ କିଛି ନାହିଁ : ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

- 'ସେବା ସଙ୍କଳ୍ପ ଅଭିଯାନ'ରେ ୨୧୦ ୟୁନିଟ୍ ରକ୍ତ ସଂଗ୍ରହ
- ଯୁବପିଢ଼ିଙ୍କ ମହତ୍ ଉଦ୍ୟମକୁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରଶଂସା

ଗଁଦିଆ, ୧୩/୧୦ (ବେତୁଜୀ ପ୍ରସାଦ) : ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରେରଣାଦାୟୀ ଉପସ୍ଥିତି ଏବଂ ମାର୍ଗଦର୍ଶନରେ ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ଦେଓଗାଁ ସାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି ବହୁ ପ୍ରତୀକ୍ଷିତ 'ସେବା ସଙ୍କଳ୍ପ ଅଭିଯାନ' ଅଧୀନରେ ଏକ ବିରାଟ ରକ୍ତଦାନ ଶିବିର। ମାନବିକତାର ମହାନ ବାର୍ତ୍ତା ବହନ କରିଥିବା ଏହି ଶିବିରରେ ମୋଟ ୨୧୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି, ଯାହାକି ସ୍ଥାନୀୟ ଅଞ୍ଚଳରେ ସେବା ଓ ପରୋପକାରର ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି।

ଶିବିରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରକ୍ତଦାତା ଓ ଆୟୋଜକମାନଙ୍କୁ ଉତ୍ସାହିତ କରିବା ସହ ନିଜର ବକ୍ତବ୍ୟରେ ମାନବ ସେବାକୁ ସର୍ବଶ୍ରେଷ୍ଠ ବୋଲି ଅଭିହିତ କରିଥିଲେ। ସେ କହିଥିଲେ ଯେ, 'ଅନ୍ୟର ଦୁଃଖରେ ସହଭାଗୀ ହେବା ଏବଂ ଅମୂଲ୍ୟ ଜୀବନ ରକ୍ଷା ପାଇଁ ନିଜର ରକ୍ତଦାନ କରିବାଠାରୁ ପୃଷ୍ଠା-୨



ଅକ୍ଷର AKHYARA ODISHA ଓଡ଼ିଶା

ବ୍ୟଙ୍ଗ ବିଚାର

ଡ.ଗିରୀଶ ରଂଜନ

ବିଜେଡି ନେତାଏ ରାଜନୀତି କଲେ
କଲେଜ ଭିତରେ ପଶି
ବିଜେପି କହିଲା ଭଲ ନୁହେଁ ଏହା
ସେଇମାନେ ସବୁ ଦୋଷୀ
କଂଗ୍ରେସ କହୁଛି ହସି
ଆମେ ଭାଇ ସବୁ ମଜା ନେଉଛୁ
ନଖରେ ନଖକୁ ଘଷି



ବୁଧବାର ୧୪।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ରାଜ୍ୟ କ୍ୟାବିନେଟ୍‌ର...

ଲାଗି ୫୦୦ କୋଟି ଟଙ୍କା ବ୍ୟୟବରାଦ ସମ୍ବଳିତ ଯୋଜନାକୁ ଅନୁମୋଦନ ମିଳିଥିବା ତଥ୍ୟରେ ଉଲ୍ଲେଖ ରହିଛି । ସହରାଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତି କେବଳ ଯାତାୟାତ ଓ ଦୈନନ୍ଦିନ ଜୀବନକୁ ସହଜ କରିବ ନାହିଁ, ବରଂ ଜନସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ଦିଗରେ ମଧ୍ୟ ସହାୟକ ହେବ । ତେବେ ଏହି ଯୋଜନାର ପ୍ରକୃତ ସଫଳତା ପାଇଁ ବୈଜ୍ଞାନିକ ଯୋଜନା ପ୍ରସ୍ତୁତି, ନିୟମିତ ରକ୍ଷଣାବେକ୍ଷଣ ଏବଂ ସ୍ଥାନୀୟ ପ୍ରଶାସନର ଉତ୍ତରଦାୟିତ୍ୱ ଅତ୍ୟନ୍ତ ଜରୁରୀ । ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଶିକ୍ଷାକୁ ଅଧିକ ବ୍ୟବହାରିକ, ନିଯୁକ୍ତିଭିତ୍ତିକ ଓ ଦକ୍ଷତାକୈନ୍ଦ୍ରିକ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ସହ ଦକ୍ଷତା ବିକାଶକୁ ସଂଯୋଗ କରିବା ଏବଂ ବିଭିନ୍ନ ସରକାରୀ ଶିକ୍ଷାନୁଷ୍ଠାନରେ ‘ସ୍କିଲ୍ ହବ୍’ ପ୍ରତିଷ୍ଠା କରିବା ଏକ ଉଲ୍ଲେଖନୀୟ ପଦକ୍ଷେପ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ପାରମ୍ପରିକ ଶିକ୍ଷା ସହିତ ବୈଷୟିକ ଓ ବୃତ୍ତିଗତ ଦକ୍ଷତା ହାସଲ କରିବାର ସୁଯୋଗ ପାଇପାରିବେ । ଶିକ୍ଷାନୁଷ୍ଠାନ, ଶିଳ୍ପ ସଂସ୍ଥା ଓ ନିଯୁକ୍ତିଦାତାଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି ପାଇଲେ ଏହି ବ୍ୟବସ୍ଥା ଯୁବପିଢ଼ିଙ୍କ ଭବିଷ୍ୟତ ଗଠନରେ ସହାୟକ ହୋଇପାରିବ । ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦିତ ପ୍ରସ୍ତାବଗୁଡ଼ିକ ରାଜ୍ୟର ବିକାଶ ଓ ଜନକଲ୍ୟାଣ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିପାରିବ । ଯୁବପିଢ଼ିଙ୍କୁ ଦକ୍ଷ କରିବା, ମତ୍ସ୍ୟ କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ସହରାଞ୍ଚଳର ମୌଳିକ ସମସ୍ୟାର ସମାଧାନ ଭଳି ପଦକ୍ଷେପ ଦୀର୍ଘମିଆଦୀ ବିକାଶ ପାଇଁ ଗୁରୁତ୍ୱ ବହନ କରେ । ତେବେ କେବଳ ଯୋଜନା ଘୋଷଣା କିମ୍ବା ଅର୍ଥ ମଞ୍ଜୁରି ଦ୍ୱାରା ଲକ୍ଷ୍ୟ ହାସଲ ସମ୍ଭବ ନୁହେଁ । ସ୍ୱଚ୍ଛତା, ସମୟବଦ୍ଧ କାର୍ଯ୍ୟାନ୍ୱୟନ, ନିୟମିତ ସମୀକ୍ଷା ଓ ଜନସାଧାରଣଙ୍କ ପାଖରେ ଯୋଜନାର ସୁଫଳ ପହଞ୍ଚାଇବା ଉପରେ ହିଁ ଏହାର ପ୍ରକୃତ ସଫଳତା ନିର୍ଭର କରିବ । ଓଡ଼ିଶାକୁ ଏକ ସମୃଦ୍ଧ, ଦକ୍ଷ ଓ ଆତ୍ମନିର୍ଭରଶୀଳ ରାଜ୍ୟରେ ପରିଣତ କରିବା ପାଇଁ ଏହି ପଦକ୍ଷେପଗୁଡ଼ିକର ପ୍ରଭାବଶାଳୀ ରୂପାୟନ ହେଉଛି ଏବେ ସବୁଠାରୁ ବଡ଼ ଆବଶ୍ୟକତା ।

ଓଡ଼ିଶାର ୧୦ଜିଲ୍ଲାରୁ...

ପକ୍ଷରୁ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି । ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ମୟୂରଭଞ୍ଜ ଓ କେନ୍ଦୁଝରର ଅଧିକାଂଶ ଅଞ୍ଚଳରୁ ମୌସୁମୀର ବିଦାୟ ପର୍ବ ଆରମ୍ଭ ହୋଇଛି । ଅନୁଗୁଳ, ବୌଦ୍ଧ, କନ୍ଧମାଳ, ଢେଙ୍କାନାଳର କିଛି ଅଞ୍ଚଳରୁ ମୌସୁମୀ ବିଦାୟ ନେଉଥିବା ଜଣାପଡ଼ିଛି । ସେହିପରି ରାୟଗଡ଼ା, କୋରାପୁଟ ଓ ମାଲକାନଗିରିର କିଛି ଅଞ୍ଚଳରୁ ମଧ୍ୟ ବିଦାୟ ନେଇଛି । ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଦେଶର ଅବଶିଷ୍ଟ ଅଞ୍ଚଳରୁ ମୌସୁମୀ ଫେରିଯିବ ।

୧୬୦୮ ପରିବାରକୁ...

ପାଇପ୍ ଯୋଗେ ପିଇବା ପାଣି, ବିଦ୍ୟୁତ୍ ଏବଂ ରନ୍ଧନ ଗ୍ୟାସ ଯୋଗାଇ ଦେଇ ଗରିବ ପରିବାରଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ କରୁଛନ୍ତି । ଓଡ଼ିଶା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଅଧୀନରେ ୨ ଲକ୍ଷରୁ ଅଧିକ ଘର ମଞ୍ଜୁର ହୋଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ‘ଅନ୍ତ୍ୟୋଦୟ ଗୃହ ଯୋଜନା’ ମାଧ୍ୟମରେ ପ୍ରାୟ ପାଞ୍ଚ ଲକ୍ଷ ଘର ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । କେବଳ ଆବାସ ନୁହେଁ, ପିଲାମାନଙ୍କ କ୍ରୀଡ଼ା ପ୍ରତିଭା ବିକଶିତ କରିବା ଏବଂ ବରିଷ୍ଠ ନାଗରିକଙ୍କ ସୁସ୍ଥତା ପାଇଁ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ବିଡ଼ିଏ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ୧୭ଟି ଅତ୍ୟାଧୁନିକ ଖେଳପଡ଼ିଆକୁ ମଧ୍ୟ ଲୋକଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଉତ୍ସର୍ଗ କରିଛନ୍ତି । ଏହି ଖେଳପଡ଼ିଆଗୁଡ଼ିକ ମଧ୍ୟରେ ବଜରଙ୍ଗୀ, କେ-୪, କୋଳଥିଆ, ତମାଣ୍ଡୋ, ନଖରା, ସିବିଏସ୍‌ଇ ଆଞ୍ଚଳିକ କାର୍ଯ୍ୟାଳୟ, ଯଦୁପୁର, ଡମଣା ହାଇସ୍କୁଲ, ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱର ସେଣ୍ଟ୍ରାଲ ୟୁପି ସ୍କୁଲ, ଘାଟିକିଆ, ୟୁନିଟ୍-୮ ବାଳକ ଉଚ୍ଚ ବିଦ୍ୟାଳୟ ଏବଂ ସହିଦ ନଗର ହାଇସ୍କୁଲ ଖେଳପଡ଼ିଆ ଅନ୍ତର୍ଭୁକ୍ତ । ଏହି ସମସ୍ତ ପଦକ୍ଷେପ ଭୁବନେଶ୍ୱରକୁ ଏକ ସୁରକ୍ଷିତ, ସମାବେଶୀ ଓ ସନ୍ତୁଳିତ ସହର ଭାବେ ଗଢ଼ିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

ସହରରେ ପ୍ରବାସୀ ଶ୍ରମିକ ଓ ନିମ୍ନ ଆୟବର୍ଗର ପରିବାରଙ୍କୁ ସୁଲଭ ଭଡ଼ାରେ ଘର ଯୋଗାଇ ଦେବା ପାଇଁ ‘‘PMAY -Urban BANDHU’’ ଯୋଜନା ଆରମ୍ଭ କରାଯାଇଥିବା କଥା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଗାଡ଼କଣଠାରେ ସୁଲଭ ଭଡ଼ା ଆବାସ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହାଦ୍ୱାରା ଶ୍ରମିକମାନେ ନିଜ କାର୍ଯ୍ୟସ୍ଥଳୀ ନିକଟରେ କମ୍ ଭଡ଼ାରେ ନିଶ୍ଚିନ୍ତରେ ରହିପାରିବେ । ଏହାଛଡ଼ା ହିତାଧିକାରୀମାନଙ୍କୁ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥା ମାଧ୍ୟମରେ ଗୃହ ଋଣ ପ୍ରଦାନ କରାଯାଇଛି, ଯାହାଦ୍ୱାରା ସେମାନେ ନିଜର ଅଂଶ ଟଙ୍କା ପରିଶୋଧ କରି ନିଜ ଘରର ମାଲିକ ହୋଇପାରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମଞ୍ଚରେ ଉପସ୍ଥିତ ରହି ଘାଟିକିଆସ୍ଥିତ ’ନୀଳକଣ୍ଠେଶ୍ୱର ରେସିଡେନ୍ସି’ର ହିତାଧିକାରୀ ଲକ୍ଷ୍ମୀଧର ସେଠୀ, ନଇମୁଦ୍ଦିନ ଖାନ୍, ରାମଚନ୍ଦ୍ର ସେଠୀ ଓ ରସିକ ଖଣ୍ଡାୟତରାୟ ଏବଂ ଗାଡ଼କଣାସ୍ଥିତ ’ମୁକ୍ତେଶ୍ୱର ରେସିଡେନ୍ସି’ର ନିର୍ମଳା ବାରିକ, ଶଶ୍ମିତା ପାତ୍ର, ରୂପା ସାହୁ ଓ ଦ୍ରୌପଦୀ ଦେବୀଙ୍କୁ ସିଧା ସଳଖ ଭାବେ ବାସଗୃହ ଆବଣ୍ଟନ କରିଛନ୍ତି । ଏହାସହିତ ମୁଖ୍ୟମନ୍ତ୍ରୀ ବୁଦ୍ଧବିହାର ବାସିନ୍ଦା ତୁଳସୀ ତିରିଆଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା, ଦୁର୍ଗା ଚରଣ ସିଂହଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା, ରଶ୍ମିକା ନାଏକଙ୍କୁ ୧ ଲକ୍ଷ ୩୫ ହଜାର ଟଙ୍କା, ସର୍ବେଶ୍ୱର ଗୟାଙ୍କୁ ୧ ଲକ୍ଷ ୨୫ ହଜାର ଟଙ୍କା ଏବଂ ପ୍ରଫୁଲ୍ଲ ମହାରଣାଙ୍କୁ ୧ ଲକ୍ଷ ୩୫ ହଜାର ଟଙ୍କାର ବ୍ୟାଙ୍କ ଋଣ ସହାୟତା ରାଶି ମଧ୍ୟ ନିଜ ହସ୍ତରେ ବିତରଣ କରିଛନ୍ତି ।

ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଏହି ବାସଗୃହଗୁଡ଼ିକ ବସ୍ତି ବାସିନ୍ଦାମାନଙ୍କୁ ଏକ ନୂଆ ପରିଚୟ ପ୍ରଦାନ କରିବ । ସମସ୍ତ ବସ୍ତି ବାସିନ୍ଦାଙ୍କୁ ସୁନ୍ଦର ତଥା ସୁଲଭ ମୂଲ୍ୟରେ ବାସଗୃହ ଯୋଗାଇ ଦେବା ପାଇଁ ଆମ ମୁଖ୍ୟମନ୍ତ୍ରୀ ସପ୍ନ ଦେଖିଛନ୍ତି, ଯାହାଦ୍ୱାରା କେହି ବି ସେମାନଙ୍କର ଜୀବନଶୈଳୀ ଉପରେ ପ୍ରଶ୍ନ ଉଠାଇ ପାରିବେ ନାହିଁ । ସେମାନେ ଏକ ସଠିକ୍ ଠିକଣା ସହିତ ଏକ ଉପଯୁକ୍ତ ଘର ପାଇବେ, ଯାହା ସେମାନଙ୍କର ଶିକ୍ଷା ଓ ସାମାଜିକ ପ୍ରତିଷ୍ଠା ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବ ।ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ କହିଥିଲେ ଯେ, ଆପଣମାନଙ୍କର ସପ୍ନ ଖୁବ୍‌ଶୀଘ୍ର ପୂରଣ ହେଲା । ଭୁବନେଶ୍ୱରରେ ନିଜର ଏକ ଘରଟିଏ କରିବା ସମସ୍ତଙ୍କ ପାଇଁ ଏକ ବଡ଼ ସପ୍ନ ହୋଇଥାଏ, ତେଣୁ ଯେତେବେଳେ ଜଣେ ଗରିବ ଲୋକ ଭୁବନେଶ୍ୱରରେ ନିଜର ଘରଟିଏ ପାଇବ, ସେ ନିଶ୍ଚିତ ଭାବରେ ଅତ୍ୟନ୍ତ ଆନନ୍ଦିତ ହେବ । ଏହି ସପ୍ନକୁ ସାକାର କରିବା ପାଇଁ ଆମକୁ ୨୪ ବର୍ଷର ସମୟ ଦରକାର ନାହିଁ, ବରଂ ୨୪ ମାସର ସମୟ ହିଁ ଯଥେଷ୍ଟ ଥିଲା । ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ କହିଥିଲେ ଯେ, ସମସ୍ତଙ୍କୁ ଉତ୍ତମ ଖାଦ୍ୟ, ବାସଗୃହ ଓ ପୋଷାକ ଯୋଗାଇଦେବା ଆମର ମୂଳ ଲକ୍ଷ୍ୟ ଏବଂ ଏହା ପ୍ରତ୍ୟେକ ନାଗରିକଙ୍କର ଏକ ମୌଳିକ ଅଧିକାର । ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ କହିଥିଲେ ଯେ, ଭୁବନେଶ୍ୱରବାସୀଙ୍କ ପାଇଁ ଏହା ଅତ୍ୟନ୍ତ ଖୁସିର ମୁହୂର୍ତ୍ତ ଏବଂ ଆପଣ ସମସ୍ତଙ୍କ ପାଇଁ ଏହା ଏକ ପୂଜା ଭେଟି ଅଟେ । ଆପଣ ମାନଙ୍କୁ ସମ୍ମାନଜନକ ଜୀବନ ଜିଇଁବା ପାଇଁ ଏହା ମାର୍ଗ ପ୍ରଶସ୍ତ କରିବ । BDAର ଭାଇସ୍ ଚେୟାରମ୍ୟାନ୍ ତଥା ଭୁବନେଶ୍ୱର ମହାନଗର ନିଗମ କମିଶନର୍ ଚଞ୍ଚଳ ରାଣା ସ୍ୱାଗତ ଭାଷଣ ଦେଇଥିଲେ ଓ BDAର ସଚିବ ମାନସ ରଞ୍ଜନ ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ସହରରେ ଲାଗିବ ୮୦୦...

ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ଶାସନ ସଚିବ ଅଶ୍ୱତୀ ଏସ., ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଡା ଏନ୍. ତିରୁମାଲା ନାଏକ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ ମୃଣାଳିନୀ ଦର୍ସ୍ୱାଲଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଲିରାମ ବୋନ୍ଦର ଆଭାସୀ ମାଧ୍ୟମରେ ଯୋଗଦେଇ ପ୍ରସ୍ତାବିତ ଯୋଜନାଗୁଡ଼ିକର ରୂପରେଖ ଉପସ୍ଥାପନ କରିଥିଲେ । ବୈଠକରୁ ମିଳିଥିବା ସୂଚନାନୁସାରେ, ନିର୍ଭୟା ଯୋଜନାରେ ମୋଟ ୧୦ କୋଟି ଟଙ୍କାର ବ୍ୟୟରେ ନଅଟି ପ୍ରମୁଖ ଉଦ୍ୟମ ପ୍ରସ୍ତାବିତ ହୋଇଛି । ଏଥିରେ ମହିଳା ପୁଲିସଙ୍କ ଦ୍ୱାରା ତ୍ୱରିତ ସହାୟତା, ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା, ପ୍ରଯୁକ୍ତିଭିତ୍ତିକ ନିରୀକ୍ଷଣ, ନିରାପଦ ଯାତାୟାତ, ମହିଳା ଅନୁକୂଳ ସାର୍ବଜନୀନ ସୁବିଧା ଓ ସଚେତନତା କାର୍ଯ୍ୟକ୍ରମକୁ ସାମିଲ କରାଯାଇଛି ।

‘ଶକ୍ତି ସାରଥୀ’ ଅଧୀନରେ ୧୫ଟି ଦୁଇଚକିଆ ଯାନ ମାଧ୍ୟମରେ ମହିଳା ପୋଲିସ କର୍ମଚାରୀଙ୍କ ପକ୍ଷରୁ ପାଟ୍ରୋଲିଂ ଓ ତ୍ୱରିତ ସହାୟତା ପ୍ରଦାନ ପ୍ରସ୍ତାବ ରହିଛି । ‘ପ୍ରତିକ୍ରିୟା’ ଯୋଜନାରେ ୧୫ଟି ଜରୁରୀକାଳୀନ ପ୍ରତିକ୍ରିୟା ଯାନ ଓ ଡ୍ରୋନ୍ ବ୍ୟବହାର ମାଧ୍ୟମରେ ମହିଳାଙ୍କୁ ଆବଶ୍ୟକ ସହାୟତା ଓ ଉଦ୍ଧାର ସେବା ଯୋଗାଇବାର ଯୋଜନା ରହିଛି । ‘ଦୃଷ୍ଟି’ ଅଧୀନରେ ୨୧୦ଟି ସ୍ଥାନରେ ୮୦୦ଟି ସିସିଟିଭି କ୍ୟାମେରା ସ୍ଥାପନ କରି ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପ୍ରସ୍ତାବ ରହିଛି । ସେହିପରି ‘ଏସ୍-ଷ୍ଟପ୍’ ଅଧୀନରେ ୫ଟି ପୋଲିସ ସହାୟତା କେନ୍ଦ୍ର ସ୍ଥାପନ କରାଯିବାର ଯୋଜନା ରହିଛି ।୧୬୧ ଦିନ ପରେ କୋଲକାତା ’ନିର୍ଭୟା’ଙ୍କୁ ନ୍ୟାୟ: ସଞ୍ଜୟ ରାୟ ଆର.ଜି କର ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତମହିଳାଙ୍କ ପାଇଁ ନିରାପଦ ଓ ସୁଲଭ ଯାତାୟାତ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ‘ସହଯାତ୍ରା’ ଅଧୀନରେ ୪୦ଟି ଗୋଲାପୀ ଇ-ରିକ୍ସା ପରିଚାଳନା ପ୍ରସ୍ତାବିତ ହୋଇଛି । ‘ନିର୍ଭୟା ସଦନ’ ଯୋଜନାରେ ଜିଲ୍ଲା ଅଦାଲତ ପରିସର, ରେଳ ଷ୍ଟେସନ, ବୁର୍ଲା ଚିକିତ୍ସା ଅଞ୍ଚଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାରିଟି ସହାୟତା କେନ୍ଦ୍ର ସ୍ଥାପନ ପ୍ରସ୍ତାବ ରହିଛି । ‘ସାଥୀ’ ଅଧୀନରେ ଛଅଟି ଶୌଚାଳୟ ଓ ନର୍ସିଂ ସୁବିଧା ସ୍ଥାପନ ସହ ‘ଯାତ୍ରା’ ଅଧୀନରେ ୫୦ଟି ଶିକ୍ଷାନୁଷ୍ଠାନର ବସ୍ ପାଇଁ ବାସ୍ତବ ସମୟ ଟ୍ରାକିଂ ବ୍ୟବସ୍ଥା ବିକାଶ କରିବାର ପ୍ରସ୍ତାବ ରହିଛି ।ଏହା ସହିତ ‘ସଚେତନା’ ଅଧୀନରେ ମହିଳା ସୁରକ୍ଷା ସମ୍ପର୍କିତ ସଚେତନତା, ଆତ୍ମରକ୍ଷା ପ୍ରଶିକ୍ଷଣ, ସାସ୍ଥ୍ୟ ଶିକ୍ଷା ଓ ଗୋଷ୍ଠୀ ସମୁଦାୟଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି ।

‘ୱିଣ୍ଡ ଇଣ୍ଡିଆ ୨୦୨୬’ ନେତୃତ୍ୱ...

କରାଯାଇଥିଲା । ଗ୍ରୀଡକୋର ପରିଚାଳନା ନିର୍ଦ୍ଦେଶକ ଡ ସତ୍ୟପ୍ରିୟ ରଥ, କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କଠାରୁ ଶିଳ୍ପପତି ଓ ସରକାରୀ ପଦାଧିକାରୀଙ୍କ ଉପସ୍ଥିତିରେ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି ଅବସରରେ ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ପବନ ଶକ୍ତିର ବିପୁଳ ସମ୍ଭାବନାକୁ ବିଶ୍ୱ ଓ ଦେଶର ନିବେଶକମାନଙ୍କ ଆଗରେ ଉପସ୍ଥାପନ କରିବା ପାଇଁ ‘‘ଓଡ଼ିଶା: ଇଣ୍ଡିଆଜ୍ ନେକ୍ସଟ୍ ୱିଣ୍ଡ ଡେଷ୍ଟିନେସନ୍’’ ଶୀର୍ଷକ ଏକ ସତନ୍ତ୍ର ରାଜ୍ୟ ଅଧିବେଶନ ଆୟୋଜିତ ହୋଇଥିଲା ।

ଦେଓଗାଁରେ ସେବାର ସଙ୍କଳ୍ପ...

ମହତ୍ କାର୍ଯ୍ୟ ଆଉ କିଛି ନାହିଁ ।‘ ରକ୍ତଦାନ ଭଳି ପବିତ୍ର କାର୍ଯ୍ୟରେ ଅଞ୍ଚଳର ଯୁବପିଢ଼ି ଏବଂ ସେଚ୍ଛାସେବୀମାନଙ୍କ ବ୍ୟାପକ ଅଂଶଗ୍ରହଣକୁ ସେ ଏକ ସକରାତ୍ମକ ସାମାଜିକ ପରିବର୍ତ୍ତନର ସଙ୍କେତ ବୋଲି ଦର୍ଶାଇଥିଲେ ।

କପିଳାସ ବିଜେପି ମଣ୍ଡଳ ପକ୍ଷରୁ ଆୟୋଜିତ ଏହି ସଫଳ କାର୍ଯ୍ୟକ୍ରମକୁ ମଣ୍ଡଳ ସଭାପତି ପ୍ରତାପ ପତି ସଫଳତାର ସହ ପରିଚାଳନା କରିଥିଲେ । ଏହି ଅବସରରେ ପୂର୍ବତନ ମଣ୍ଡଳ ସଭାପତି ଶତ୍ରୁଘ୍ନ ରାଉତ, ପୂର୍ବତନ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ଜିଲ୍ଲା ସାଧାରଣ ସମ୍ପାଦକ ଅମ୍ବିକା ପ୍ରସାଦ ମିଶ୍ର, ନିହଲପ୍ରସାଦ ମଣ୍ଡଳ ସଭାପତି ଆନନ୍ଦ ଚନ୍ଦ୍ର ସାହୁ, ବିଦ୍ୟାଧରପୁର ସରପଞ୍ଚ ଅଜୟ କୁମାର ମହାନ୍ତି, ଏବଂ ପ୍ରହଲ୍ଲାଦ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ସମାଜସେବୀ ଓ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ସ୍ଥାନୀୟ ରକ୍ତଭଣ୍ଡାରର ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠାପର ଭାବେ ରକ୍ତ ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ ।

ଏହା ପୂର୍ବରୁ ନିହଲପ୍ରସାଦ ଓ ଷଡ଼ଙ୍ଗୀ ଅଞ୍ଚଳରେ ମଧ୍ୟ ଏହି ଅଭିଯାନ ଅନ୍ତର୍ଗତ ରକ୍ତଦାନ ଶିବିରମାନ ଆୟୋଜିତ ହୋଇଥିଲା । ଏହି କ୍ରମରେ ଦେଓଗାଁର ଶିବିର ସେହି ସେବାର ଧାରାକୁ ଆହୁରି ଆଗକୁ ବଢ଼ାଇଛି । ରକ୍ତର ପ୍ରତ୍ୟେକ ୟୁନିଟ୍ ଜଣେ ଅସହାୟ ରୋଗୀଙ୍କ ପାଇଁ ଜୀବନର ନୂତନ କିରଣ ଆଣିଦେଇଥାଏ । ରକ୍ତର ଅଭାବଜନିତ ସମସ୍ୟାରୁ ଯେପରି କୌଣସି ନିରୀହ ରୋଗୀ ଚିକିତ୍ସାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଏପରି ଅଭିଯାନ ସମାଜରେ ଏକ ସଚେତନତା ସୃଷ୍ଟି କରୁଛି । ପରିଶେଷରେ, ‘ସେବା ସଙ୍କଳ୍ପ ଅଭିଯାନ’ କେବଳ ଏକ ସାଧାରଣ ରକ୍ତଦାନ ଶିବିର ନୁହେଁ, ବରଂ ଏହା ମାନବିକତା, ସମର୍ପଣ ଏବଂ ନିଃସ୍ୱାର୍ଥପର ସେବାର ଏକ ଜ୍ୱଳନ୍ତ ଦୃଷ୍ଟାବେକ୍ । ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ଉପସ୍ଥିତି ଏବଂ ନେତୃବୃନ୍ଦଙ୍କ ମିଳିତ ପ୍ରୟାସ ଏହି ଅଭିଯାନକୁ ସଫଳତାର ଶୀର୍ଷରେ ପହଞ୍ଚାଇଛି । ଏହି ପବିତ୍ର ଭାବନା ସମାଜର ପ୍ରତ୍ୟେକ ସ୍ତରରେ ପ୍ରସାରିତ ହେଲେ ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନର ଲକ୍ଷ୍ୟ ସାଧିତ ହୋଇପାରିବ ।

ମହେନ୍ଦ୍ର ସାହୁଙ୍କ ବହିଷ୍କାର ପରେ ଆଠମଲ୍ଲିକ ବିଜେଡିରେ ହଲଚଲ

ପ୍ରତିବାଦରେ ଏନ୍ ଏ ସି ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ସମେତ ୬ କାଉନସିଲର ଓ ଶତାଧିକ କର୍ମୀଙ୍କ ସମୂହ ଇସ୍ତଫା

ଆଠମଲ୍ଲିକ, ୧୩/୧୦ (ଅକ୍ଷର ଓଡ଼ିଶା): ମହେନ୍ଦ୍ର ସାହୁଙ୍କୁ ବିଜୁ ଜନତା ଦଳରୁ ବହିଷ୍କାର କରାଯିବା ପରେ ଆଠମଲ୍ଲିକ ରାଜନୀତିରେ ଦେଖାଦେଇଛି ତୀବ୍ର ହଲଚଲ । ଏହି ଘଟଣାର ପ୍ରତିବାଦରେ ଆଠମଲ୍ଲିକ ଏନ୍‌ଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସାଇଁ, ୬ ଜଣ କାଉନସିଲର ଙ୍କ ସମେତ ଶତାଧିକ ଦଳୀୟ କର୍ମୀ ସମୂହ ଇସ୍ତଫା ଦେଇଥିବା ସୂଚନା ଦେଇଛନ୍ତି । ଏହି ଘଟଣା ଆଠମଲ୍ଲିକ ଏନ୍‌ଏସି ସମେତ ବ୍ଲକ ଅଞ୍ଚଳରେ ବିଜେଡି ସଂଗଠନ ପାଇଁ ଚିନ୍ତା ବଢ଼ାଇଛି ।ସୂଚନା ଅନୁଯାୟୀ, ଚଳିତ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ସମୟରେ ଦଳୀୟ ବିଶୃଙ୍ଖଳା ରେ ସମ୍ପୃକ୍ତି ଅଭିଯୋଗରେ ଗତ ସୋମବାର ବିଜେଡି ପକ୍ଷରୁ ମହେନ୍ଦ୍ର ସାହୁଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା । ଏହି ନିଷ୍ପତ୍ତି ପ୍ରଚାର ହେବା ପରେ ଏନ୍‌ଏସି ଅଞ୍ଚଳର ଦଳୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଥିଲା ।ମହେନ୍ଦ୍ର ସାହୁଙ୍କ ବହିଷ୍କାର ପଛରେ ବିଧାୟକ ନଳିନୀ

ପ୍ରଧାନଙ୍କ ଆକ୍ରୋଶମୂଳକ ମନୋଭାବ ଥିବା କର୍ମୀମାନେ ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦରେ ଏନ୍‌ଏସି ଅଧ୍ୟକ୍ଷା ଓ

ଛାତ୍ର ସଂସଦ ନିର୍ବାଚନ ତାତିରେ ଉଠୁଛି ପଡୁଛି ଓଡ଼ାପଡ଼ା କଲେଜ କ୍ୟାମ୍ପସ

ଖଜୁରିଆ କଟା ୧୩/୧୦(ନିଳକଣ୍ଠ ଦାସ) ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟ ର ସଭାପତି ପଦ ପାଇଁ ୩ ଜଣ ଓ ସଂପାଦକ ପଦବି ପାଇଁ ୨ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ। ସଭାପତି ପଦ ପାଇଁ ରାଜେଶ ବେହେରା, ଟୁନା ରାଉତ ଓ ପ୍ରତିକ୍ଷା ଘୋଷ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ସାଧାରଣ ସଂପାଦକ ପଦବୀ ପାଇଁ ପାର୍ଥସାରଥୀ ସାମଲ ଓ ସୌମେଶ ମହାନ୍ତି ରହିଛନ୍ତି। ଉପସଭାପତି ପଦ ପାଇଁ ବିଷ୍ଣୁ ପ୍ରିୟା ରାଉତ ଯୁଗ୍ମ ସଂପାଦକ ନିମନ୍ତେ ଅଜିତ ଦାସ ଆଥେଲେଟିକ୍ ସଂପାଦକ ପାଇଁ ଶୁଭମ୍ ବେୟୁରିଆ ଓ ଡ୍ରାମାଟିକ୍ ସଂପାଦକ ପାଇଁ ଶୁଭଲକ୍ଷୀ ନାୟକ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେମାନଙ୍କର କେହି ପ୍ରତିଦ୍ୱନ୍ଦି ନଥିବା ରୁ ସେମାନେ ନିର୍ଦ୍ୱନ୍ଦରେ ନିର୍ବାଚିତ ହେବେ ବୋଲି ଜଣାପଡିଛି। ତେବେ ଏହା ପୂର୍ବରୁ ସହମତି ଭିତରେ ନିର୍ବାଚନ ହେଉଥିବା ବେଳେ ଚଳିତ ବର୍ଷ ପ୍ରତିଦ୍ୱନ୍ଦିତା ଭିତରେ ନିର୍ବାଚନ ହେବାକୁ ଯାଉଛି। ଛାତ୍ର ସଂସଦ ନିର୍ବାଚନ ତାତିରେ ଉଠୁଛି ପଡୁଛି ଓଡ଼ାପଡ଼ା କଲେଜ କ୍ୟାମ୍ପସ । କିଏ ବାଜିମାତ୍ ମାରିବେ ତାହା ୧୬ ତାରିଖ ଦିନ ଜଣାପଡ଼ିବ।

ଲକ୍ଷ୍ମୀପୂଜା ପାଇଁ ହିନ୍ଦୋଳ ଥାନାରେ ଶାନ୍ତିକମିଟି ବୈଠକ

ଖଜୁରିଆକଟା, ୧୩/୧୦(ନିଳକଣ୍ଠ ଦାସ) ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଚଳିତ ଲକ୍ଷ୍ମୀପୂଜାପାଇଁ ଶାନ୍ତିକମିଟି ବୈଠକ ହିନ୍ଦୋଳ ଥାନାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ଅକ୍ଟୋବର୨୫ ରୁ ନଭେମ୍ବର ୩ ପର୍ଯ୍ୟନ୍ତ ହେବାକୁଥିବା ଏହି ଗଣପର୍ବପାଇଁ ଆଜି ସନ୍ଧ୍ୟାରେ ହିନ୍ଦୋଳ ଥାନା ଭାରପ୍ରାପ୍ତ ଅଧିକାରିଣୀ ମମତା ସାମନ୍ତରାୟ ଙ୍କ ଅଧ୍ୟକ୍ଷତାରେ ଥାନା ଅଭ୍ୟର୍ଥନା କକ୍ଷରେ ଅନୁଷ୍ଠିତ ବୈଠକରେ ହିନ୍ଦୋଳ ଆରକ୍ଷୀ ଏସଡିପିଓ ସୁଷମା ପ୍ରଧାନ ମୁଖ୍ୟ ଅତିଥି,ତହସିଲଦାର ଦିଲୀପ ସେଠି ସମ୍ମନିତ ଅତିଥି ଭାବରେ ଯୋଗଦେଇ ସୁଚିନ୍ତିତ ମତାମତ ଦେବାସହ ପ୍ରଶାସନ ଓ ପୋଲିସକୁ ସହଯୋଗ କରି ଶାନ୍ତିଶୃଙ୍ଖଳାରେ ପୂଜା ପାଳନ ପାଇଁ ଅନୁରୋଧ କରିଥିଲେ । ଏହି ବୈଠକରେ ପୂଜା ନଅଦିନ ସମସ୍ତ ଅନୁଷ୍ଠାନରେ ଶାନ୍ତିଶୃଙ୍ଖଳା ରେ ପୂଜା ହେବାସହ ଭସାଣି ଉତ୍ସବରେ ଡିଜେ ସାଉଣ୍ଡ ବ୍ୟାନପାଇଁ ସମ୍ମତି ହୋଇଥିଲା। ଏଥିସହ ପୂର୍ବବର୍ଷ ପରି ସମସ୍ତ ମେଢ଼ ପୂର୍ବସୁଚି ଅନୁଯାଇ ସିରିୟାଲରେ ଷ୍ଟାଡିୟମ ଠାରୁ ୧୨ଟା ରୁ ବାହାରି ନିଜନିଜ ରୁଟଚାର୍ଟ ଅନୁଯାଇ ରାତି ୧୦ଭିତରେ ବିସର୍ଜନ କରିବେ। ଏହି ବୈଠକରେ ଥାନା ଏଏସଆଇ ଯଶୋବନ୍ତ ପ୍ରଧାନ, ସମସ୍ତ ୧୧ଟି ପୂଜାନୁଷ୍ଠାନ କାର୍ଯ୍ୟକର୍ତ୍ତା ଯୋଗଦେଇ ସୁଚିନ୍ତିତ ମତାମତ ରଖିଥିଲେ ଏବଂ ସ୍ଥାନୀୟ ପ୍ରଶାସନ ଓ ଆରକ୍ଷୀବାହିନୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରି ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ସମ୍ମତି ପ୍ରଦାନ କରିଥିଲେ।

ଯୋରନ୍ଦା ଫାଣ୍ଡିର ନୂତନ ଅଧିକାରୀଙ୍କୁ ଭବ୍ୟ ସ୍ୱାଗତ

ଶାନ୍ତି ଓ ସୁରକ୍ଷା ପାଇଁ ଆଞ୍ଚଳିକ ବିକାଶ ପରିଷଦର ନିବେଦନ

ଗଁଦିଆ, ୧୩/୧୦(ବେତୁଜୀ ପ୍ରସାଦ): ଶାନ୍ତି ହେଉଛି ସମାଜର ଅଳଙ୍କାର, ସୁରକ୍ଷା ହେଉଛି ଜନସାଧାରଣଙ୍କ ଆସ୍ଥାର ଆଧାର। ଯେଉଁଠି ଆଇନଶୃଙ୍ଖଳା ସୁଦୃଢ଼ ରହେ, ସେଠି ସମାଜରେ ଶାନ୍ତି, ସଦ୍ଭାବ ଓ ନିରାପତ୍ତାର ପରିବେଶ ସୃଷ୍ଟି ହୁଏ। ଏହି ମହତ୍ ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ଢେଙ୍କାନାଳ ଜିଲ୍ଲାର ଯୋରନ୍ଦା ଫାଣ୍ଡିର ନବନିଯୁକ୍ତ ଅଧିକାରୀ ହୃଦାନନ୍ଦ ମହାନନ୍ଦଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯାଇଛି। ଆଞ୍ଚଳିକ ବିକାଶ ପରିଷଦ, ମହିମା ଗାଦି ପକ୍ଷରୁ ଯୋରନ୍ଦା ଫାଣ୍ଡିଠାରେ ଆୟୋଜିତ ଏହି ସ୍ୱାଗତ କାର୍ଯ୍ୟକ୍ରମରେ ନୂତନ ଫାଣ୍ଡି ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଯାଇଥିଲା। ନୂତନ ଦାୟିତ୍ୱ ସହିତ ଅଞ୍ଚଳର ଜନସାଧାରଣଙ୍କ ମନରେ ନିରାପତ୍ତା ଓ ଆଇନ ବ୍ୟବସ୍ଥା ପ୍ରତି ଆସ୍ଥା ଆହୁରି ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ ପାଇଛି। ଏହି ଅବସରରେ ଯୋରନ୍ଦା ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ବାରମ୍ବାର ଘଟୁଥିବା ଚୋରି ଘଟଣା ଉପରେ ରୋକ୍ ଲଗାଇବା ପାଇଁ ପରିଷଦ ପକ୍ଷରୁ ଦୃଢ଼ ପଦକ୍ଷେପ ନେବାକୁ ନିବେଦନ କରାଯାଇଥିଲା। ଏଥିସହ ପୋଲିସ ପେଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରିବା ସହ ଅପରାଧ ନିୟନ୍ତ୍ରଣ ଓ ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଦାବି ଉଠିଥିଲା। କେବଳ ସେତିକି ନୁହେଁ, ଯୋରନ୍ଦା ଅଞ୍ଚଳର ବର୍ଦ୍ଧିତ ଆବଶ୍ୟକତା ଓ ଜନସାଧାରଣଙ୍କ ସାର୍ଥକୁ ଦୃଷ୍ଟିରେ ରଖି ଯୋରନ୍ଦା ଫାଣ୍ଡିକୁ ପୂର୍ଣ୍ଣାଙ୍ଗ ଥାନାରେ ପରିଣତ କରିବା ପାଇଁ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଦୃଢ଼ ଦାବି ଉପସ୍ଥାପନ କରାଯାଇଥିଲା। ଏହି ପଦକ୍ଷେପ ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ଓ ଜନସାଧାରଣଙ୍କୁ ଉନ୍ନତ ପୋଲିସ ସେବା ଯୋଗାଇବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଆଞ୍ଚଳିକ ବିକାଶ ପରିଷଦର ଉପସଭାପତି ପୀତବାସ ରାଉତ, ଉପଦେଷ୍ଟା ପଞ୍ଚାନନ ସାଇଁ, ସମ୍ପାଦକ ଆନନ୍ଦ ଚନ୍ଦ୍ର ମହାନ୍ତି, ଯୋରନ୍ଦା ବରିଷ୍ଠ ନାଗରିକ ମଞ୍ଚର ସଭାପତି ରବି ନାରାୟଣ ରାଉଳ, ଉପଦେଷ୍ଟା ମଙ୍ଗୁଳି ଚରଣ ବିଶ୍ୱାଳ, ଯୋରନ୍ଦା ଅବସରପ୍ରାପ୍ତ କର୍ମଚାରୀ ସଂଘର ଉପସଭାପତି ନେତ୍ରାନନ୍ଦ ରାଉତ, ସଭ୍ୟ ବସନ୍ତ କୁମାର ପାତ୍ର ଓ ଶରତ କୁମାର ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ କହିବାକୁ ଗଲେ, ଧର୍ମୀୟ ଚେତନା ଓ ଆଧ୍ୟାତ୍ମିକ ପରମ୍ପରାରେ ସମୃଦ୍ଧ ଯୋରନ୍ଦା ଅଞ୍ଚଳରେ ଶାନ୍ତି, ସଦ୍ଭାବ ଓ ସୁରକ୍ଷାର ବାତାବରଣ ଅକ୍ଷୁଣ୍ଣ ରହୁ,ଏହା ହିଁ ସମସ୍ତଙ୍କ କାମନା। ନୂତନ ଫାଣ୍ଡି ଅଧିକାରୀଙ୍କ ନେତୃତ୍ୱରେ ଜନସାଧାରଣ ଓ ପୋଲିସ ପ୍ରଶାସନ ମଧ୍ୟରେ ସମନ୍ୱୟ ଆହୁରି ସୁଦୃଢ଼ ହେବା ସହ ଅଞ୍ଚଳରେ ଶାନ୍ତି ଓ ସୁରକ୍ଷାର ନୂତନ ଅଧ୍ୟାୟ ଆରମ୍ଭ ହେଉ,ଏହି ଆଶା ପ୍ରକାଶ କରିଛି ଆଞ୍ଚଳିକ ବିକାଶ ପରିଷଦ।

ବେଆଇନ ଗୋଚାଲାଣ ଘଟଣାରେ ପୁଣି ୨ ଗିରଫ

ବୁଗୁଡା, ୧୩/୧୦/(ଅକ୍ଷର ଓଡିଶା) : ବୁଗୁଡ଼ା ଥାନା ଅନ୍ତର୍ଗତ ବେତାରସିଂ ଗ୍ରାମଠାରେ ବେଆଇନ ଗୋଚାଲାଣ ଘଟଣାରେ ପୂର୍ବରୁ ବ୍ୟବସାୟୀ ରବିନ୍ଦ୍ର ଗୌଡକୁ ଗିରଫ ସହ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏବେ ପୁଣି ସେହି ଘଟଣାରେ ବ୍ୟବହୃତ ପିକଅପ୍ ଗାଡିର ଡ୍ରାଇଭର ଓ ହେଲପରକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ଡ୍ରାଇଭର ଓ ହେଲପର ଉଭୟ ଯଥାକ୍ରମେ ହେଲେ ଆସ୍କା ଥାନା ଅନ୍ତର୍ଗତ ଗୁଣ୍ଠିପଡା ଗ୍ରାମର କାହ୍ନୁଚରଣ ଗୌଡ(୨୫) ଓ ସୁମନ୍ତପଲ୍ଲୀ ଗାଁର ବିନୋଦ ଗୌଡ । ଏ ନେଇ ପୂର୍ବରୁ ବୁଗୁଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ ୯ ତାରିଖ ରାତିରେ ପୋଲିସ ବେତାରସିଂ ଗାଁଠାରେ ୩ଟି ଗାଈ ବୋଝେଇ ଏକ ପିକଅପ୍ ଗାଡିକୁ ଜବତ ସହ ବ୍ୟବସାୟୀ ରବିନ୍ଦ୍ରକୁ ଗିରଫ କରିଥିଲା । ତେବେ ସେହି ବେଆଇନ ଗୋଚାଲାଣରେ ସମ୍ପୃକ୍ତ ଡ୍ରାଇଭର କାହ୍ନୁଚରଣ ଓ ହେଲପର ବିନୋଦକୁ ପୋଲିସ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଏହି ଘଟଣାର ତଦନ୍ତ ଦାୟିତ୍ୱରେ ଏଏସଆଇ ସୁମନ୍ତ କୁମାର ବେହେରା ରହିଥିବା ଜଣାଯାଇଛି।

ମନ୍ଦିର କାର୍ଯ୍ୟ ବେଳେ ଅଘଟଣ
ସିମେଣ୍ଟ କଂକ୍ରିଟ ସ୍ଲାବ ତଳେ ଚାପି ହୋଇ ଯୁବକର ମୃତ୍ୟୁ

ଖଣ୍ଡପଡା/ଭାପୁର, ୧୩/୧୦ (ଅକ୍ଷର ଓଡ଼ିଶା) ଭାପୁର ବ୍ଲକର ବିଜିପୁର ପଞ୍ଚାୟତ ଅଧୀନ ସୁନାଖଳା ଗ୍ରାମର ତାରେଶ୍ୱର ରାଉତଙ୍କ ପୁଅ ସୁମନଙ୍କ (୪୭) ଉପରେ ନିର୍ମାଣଧୀନ ମନ୍ଦିର ଉପରୁ ସିମେଣ୍ଟ କଂକ୍ରିଟ ସ୍ଲାବ ଖସି ପଡିବାରୁ ଘଟଣାସ୍ଥଳରେ ହିଁ ତାର ଅକାଳ ମୃତ୍ୟୁ ହୋଇଥିବା ପ୍ରତ୍ୟେକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ। ଘଟଣାକ୍ରମେ ଗ୍ରାମର ଆରାଧ୍ୟ ମା ବଘେଇ ଠାକୁରାଣୀଙ୍କ ନୂତନ ମନ୍ଦିରର ନିର୍ମାଣ କାର୍ଯ୍ୟ ଚାଲିଥିବା ଜଣାପଡିଛି।ପ୍ରାୟ ୧୦ ଫୁଟ ଉଚ୍ଚର ମନ୍ଦିର ନିର୍ମାଣ ହୋଇଥିବା ବେଳେ ତା ଉପରେ ୫ କ୍ୱିଣ୍ଟାଲ ଓଜନର ଏକ ସିମେଣ୍ଟ କଂକ୍ରିଟ ସ୍ଲାବ ପକା ଯାଇଥିଲା। ଶ୍ରମିକମାନେ ମଙ୍ଗଳବାର ଅପରାହ୍ନରେ ମନ୍ଦିର ନିର୍ମାଣ କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ସୁମନ ସେଠାରେ ଛିଡା ହୋଇ କାର୍ଯ୍ୟ ତଦାରଖ କରୁଥିଲେ। ହଠାତ ସିମେଣ୍ଟ କଂକ୍ରିଟ ସ୍ଲାବଟି ଭାଙ୍ଗି ସୁମନଙ୍କ ଉପରେ ଖସି ପଡିଥିଲା ।ଫଳରେ ଘଟଣାସ୍ଥଳରେ ସ୍ଲାବ ତଳେ ଚାପି ହୋଇ ସୁମନର ଅକାଳ ମୃତ୍ୟୁ ହୋଇଥିବା ଜଣାପଡିଛି ।ସେଠାରେ କାର୍ଯ୍ୟରତ ଶ୍ରମିକମାନେ ସିମେଣ୍ଟ କଂକ୍ରିଟ ସ୍ଲାବ ତଳୁ କ୍ଷତ,ବିକ୍ଷତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରିବା ପରେ ଆଶୁ ଚିକିତ୍ସା ନିମନ୍ତେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ସେଠାରେ କର୍ତ୍ତବ୍ୟରତ ଡାକ୍ତର ଘୋଷଣା କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ଜଣାପଡିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ଜଣାପଡିଛି।

ନିକୋନ୍ ପକ୍ଷରୁ କନ୍ଧମାଳରେ ଫଟୋଗ୍ରାଫି ୱର୍କଶପ୍ ଆୟୋଜିତ

କନ୍ଧମାଳ, ୧୩ /୧୦ (ଅକ୍ଷର ଓଡିଶା): କନ୍ଧମାଳ ଜିଲ୍ଲାର ଫଟୋଗ୍ରାଫରମାନଙ୍କ ଦକ୍ଷତା ବୃଦ୍ଧି ଓ ଆଧୁନିକ ଫଟୋଗ୍ରାଫି କୌଶଳ ସମ୍ପର୍କରେ ଜ୍ଞାନ ପ୍ରଦାନ କରିବା ଉଦ୍ଦେଶ୍ୟରେ ନିକୋନ୍ କମ୍ପାନୀ ପକ୍ଷରୁ ଫୁଲବାଣୀସ୍ଥିତ ହିଲ୍ ଭ୍ୟୁ ଲଜ୍‌ଠାରେ ଏକ ଫଟୋଗ୍ରାଫି ୱାର୍କଶପ୍ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରାଜେଶ ପାଣିଗ୍ରାହୀ ଆୟୋଜନ କରିଥିଲେ।ଏହି ୱାର୍କଶପ୍‌ରେ ନିକୋନ୍ ଓ ଫଟୋଗ୍ରାଫି କ୍ଷେତ୍ର ସହ ଜଡ଼ିତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ନିକୋନ୍ ଓଡ଼ିଶାର ଡେପୁଟି ମ୍ୟାନେଜର ଦେବେଶ ମାଝୀ, ନିକୋନ୍ ଇଣ୍ଡିଆର କ୍ରିଏଟର ଓ ମେଣ୍ଟର ଅମିତ ପାଢ଼ୀ, ଓଡ଼ିଶାର ରିଜିଓନାଲ୍ ଟ୍ରେନର ସନ୍ତୋଷ ବେଜ୍, ନିକୋନ୍ ଡିଷ୍ଟ୍ରିବ୍ୟୁସନ୍‌ର ମାର୍କେଟିଂ ମ୍ୟାନେଜର ସୁଶାନ୍ତ ମୁଦୁଲି, ମଡେଲ୍ ଜ୍ୟୋତି ମ୍ୟାଡାମ୍ ଏବଂ ଜ୍ୟୋତି ଫଟୋବୁକ୍‌ର ହିମାଂଶୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଫଟୋଗ୍ରାଫିର ନୂତନ ଜ୍ଞାନକୌଶଳ, କ୍ୟାମେରାର ସଠିକ୍ ବ୍ୟବହାର, ଉନ୍ନତ ଫଟୋ ଉତ୍ତୋଳନ ପ୍ରଣାଳୀ ଏବଂ ମଡେଲ୍ ଫଟୋଗ୍ରାଫିର ବିଭିନ୍ନ ଦିଗ ସମ୍ପର୍କରେ ଉପସ୍ଥିତ ଫଟୋଗ୍ରାଫରମାନଙ୍କୁ ତାଲିମ ଓ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା। ଏହା ସହିତ ଅଭିଜ୍ଞ ବିଶେଷଜ୍ଞମାନେ ନିଜ ଅନୁଭୂତି ଓ ଜ୍ଞାନ ବାଣ୍ଟିବା ସହ ଫଟୋଗ୍ରାଫି କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ।ଏହି ୱାର୍କଶପ୍‌ରେ କନ୍ଧମାଳ ଫଟୋଗ୍ରାଫର ଆସୋସିଏସନ୍‌ର ସଦସ୍ୟଙ୍କ ସମେତ ଜିଲ୍ଲାର ବହୁ ଫଟୋଗ୍ରାଫର ଯୋଗଦେଇଥିଲେ। ରାଜେଶ ପାଣିଗ୍ରାହୀଙ୍କ ଉଦ୍ୟମ ଓ ନିକୋନ୍‌ର ସହଯୋଗରେ ଆୟୋଜିତ ଏହି ୱାର୍କଶପ୍ କନ୍ଧମାଳ ଜିଲ୍ଲାର ଫଟୋଗ୍ରାଫି କ୍ଷେତ୍ରକୁ ଆହୁରି ସମୃଦ୍ଧ କରିବା ସହ ସ୍ଥାନୀୟ ଫଟୋଗ୍ରାଫରମାନଙ୍କୁ ନୂତନ ଦିଗ ଦେଖାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

ବିପୁଳ ପରିମାଣର ଦେଶୀ ରନ୍ଧାମଦ ଓ ମହୁଲ ପୋଚ ଜବତ, ୩ ମହିଳାଙ୍କ ସମେତ ୧୮ ଜଣ ଗିରଫ
ଗଜପତି ଅବକାରୀ ବିଭାଗର ସଫଳତ

ପାରଳାଖେମୁଣ୍ଡି, ୧୩/୧୦(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା ଅବକାରୀ ବିଭାଗକୁ ଏକ ବଡ଼ ଧରଣର ସଫଳତା ମିଳିଥିବା ଜଣା ପଡିଛି. ଗଜପତି ଜିଲ୍ଲାର ଭିନ୍ନ ଭିନ୍ନ ସ୍ଥାନରେ ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀ ରନ୍ଧାମଦ ଓ ମହୁଲ ପୋଚ ଜବତ କରାଯାଇଛି. ଏହି ସମସ୍ତ ଘଟଣାରେ ୩ ମହିଳାଙ୍କ ସମେତ ୧୮ ଜଣଙ୍କୁ ଗିରଫ କରାଯାଇ କୋର୍ଟକୁ ଚାଲାଣ କରାଯାଇଛି. ଘଟଣାରୁ ପ୍ରକାଶ, ଶାରଦୀୟ ଦୁର୍ଗାପୂଜା ଓ ଦଶହରାକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ ଗଜପତି ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଦୀପ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ସାରା ଜିଲ୍ଲାରେ ଚୋରାମଦ କାରବାର ବିରୁଦ୍ଧରେ ଅବକାରୀ ବିଭାଗ ଦ୍ୱାରା ପେଟ୍ରୋଲିଂ ଓ ଚଢାଉ ଆଦି ଜାରି ରହିଛି। ଅବକାରୀ ନିରୀକ୍ଷକ ମନୁଆଯଲ, ଉପନିରୀକ୍ଷକ ବବୁନ କୁମାର ବେହେରା, ଦେବାଶିଷ ସିଦ୍ଧାର, ସହକାରୀ ଉପନିର୍ଦ୍ଦେଶକ ବିଜୟାନନ୍ଦ ବେହେରା, ନୀଳାମ୍ବର ନାୟକ ପ୍ରମୁଖଙ୍କ ସମେତ ଅବକାରୀ ସବ୍ଡ଼ାର୍ଡ ପାରଳାଖେମୁଣ୍ଡି ସହର ସମେତ ଗୁରାଣ୍ଡି, ସେରଙ୍ଗ, ଗାରାବନ୍ଧ, ରାୟଗଡା ଆଦି ଅଞ୍ଚଳରେ ଚୋରା ଓ ବେଆଇନ ଭାବେ ରନ୍ଧା ଯାଇ ବିକ୍ରି ପାଇଁ ଗଚ୍ଛିତ ଥିବା ୨୦୮୧ ଲିଟର ଦେଶୀ ରନ୍ଧାମଦ ସହ ୭୫୦୦ ଲିଟର ଦେଶୀମଦ ତିଆରିରେ ବ୍ୟବହୃତ ହେଉଥିବା ମହୁଲ ପୋଚକୁ ଜବତ କରାଯାଇଛି। ଦେଶୀ ମଦକୁ ଜବତ କରି ରଖିବା ପରେ ପୋଚକୁ ନିଆଁ ଲଗାଇ ପୋଡି ଦିଆ ଯାଇଛି। ସେହିପରି ଗଜପତି ଜିଲ୍ଲା ଅଡବା ଥାନା ଅନ୍ତର୍ଗତ ବିରିକୋଟ ଓ ଡ଼ମେଶ ଗ୍ରାମରେ ଚଢାଉ କରାଯାଇ ୮୫ ଲିଟର ଦେଶୀ ରନ୍ଧାମଦକୁ ଜବତ କରାଯାଇ ଚୋରା ମଦ କାରବାରରେ ଲିପ୍ତ ୫ ଜଣଙ୍କୁ ଗିରଫ କରାଯାଇଛି. ଏଥିସହ ମୋହନା ଅବକାରୀ ଥାନା ଅଧୀନର ଅନ୍ତରବା ଓ ଚୁଡ଼ଙ୍গପୁର ରାସ୍ତାରେ ପେଟ୍ରୋଲିଂ ଚାଲିଥିବା ବେଳେ ୩ ଗୋଟି ମଟର ସାଇକେଲ ଯୋଗେ ୨୮୦ ଲିଟର ଦେଶୀ ରନ୍ଧାମଦ ବେଆଇନ ଚାଲାଣ ବେଳେ ଜବତ କରାଯାଇଛି. ଚୋରାଚାଲାଣରେ ବ୍ୟବହୃତ ୩ ଗୋଟି ମଟର ସାଇକେଲ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରି କୋର୍ଟକୁ ଚାଲାଣ କରାଯାଇଛି. ମୋହନା ଅବକାରୀ ଥାନା ଅଧିକାରୀ ଦଣ୍ଡ ଶବରଙ୍କ ନେତୃତ୍ୱରେ ଉପରୋକ୍ତ ୨ ଗୋଟି ଚଢାଉ ହୋଇଥିବା ସୂଚନା ମିଳିଛି।

ଆଠଗଡ ବାହୁକୁଣ୍ଠି ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ଆଠଗଡ଼,୧୩/୧୦(ଅକ୍ଷର ଓଡ଼ିଶା) ଆଠଗଡ ବାହୁକୁଣ୍ଠି ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ଆଠଗଡ ବାହୁକୁଣ୍ଠି ସଂଘ ପକ୍ଷରୁ ଜାତୀୟ ଜୁନିଅର ବାହୁକୁଣ୍ଠି ସଂଘ ଦ୍ୱାରା ଆୟୋଜିତ ୬୦ କିଲୋ ବର୍ଗରେ ସର୍ବଭାରତୀୟ ବାହୁକୁଣ୍ଠି ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରି ଆଠଗଡ ମାଟିର ପୁଅ ପୀୟୂଷପ୍ରିତମ ପ୍ରଧାନ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଥିବାରୁ ସାମ୍ବାଦିକ ସମ୍ମିଳନୀରେ ସଂଘ ପକ୍ଷରୁ ଅଭିନନ୍ଦନ ଜଣାଇଥିଲେ ସଂଘର ସଭାପତି ଲକ୍ଷ୍ମୀନାରାୟଣ ଭଞ୍ଜ ।ଏହାପରେ ପୀୟୂଷ ପ୍ରିତମଙ୍କୁ ଏକ ଶୋଭାଯାତ୍ରାରେ ନିଆଯାଇ ସହର ପରିକ୍ରମା କରାଯାଇଥିଲା ।ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ କୋଚ ଶୁଭାଶିଷ ଦାସ ଓ ରୌପ୍ୟ ପଦକ ବିଜେତା ପୀୟୂଷ ଭାଗ ନେଇଥିଲେ।

କପିଳାସ ପୀଠରେ ଗର୍ଭଗୃହ କନକ ମଣ୍ଡପର ମରାମତି କାର୍ଯ୍ୟ ଜାରି

ଗଁଦିଆ ୧୩/୧୦(ବେତୁଜୀ ପ୍ରସାଦ): ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସର ଆରାଧ୍ୟ ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଗର୍ଭଗୃହସ୍ଥିତ କନକ ମଣ୍ଡପର ମରାମତି କାର୍ଯ୍ୟ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଜାରି ରହିଛି। ମନ୍ଦିରର ଐତିହାସିକ ଓ ଧାର୍ମିକ ମହତ୍ତ୍ୱକୁ ଦୃଷ୍ଟିରେ ରଖି କନକ ମଣ୍ଡପର ଚାରୋଟି ଖୁଣ୍ଟ ପରିବର୍ତ୍ତନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟ କରାଯାଉଛି। ପ୍ରଭୁ ଚନ୍ଦ୍ରଶେଖର ଜୀଉଙ୍କ ଏହି ପବିତ୍ର ପୀଠର ସଂରକ୍ଷଣ ଓ ଐତିହ୍ୟର ସୁରକ୍ଷା ଦୃଷ୍ଟିରୁ ଏହି ମରାମତି କାର୍ଯ୍ୟକୁ ଗୁରୁତ୍ୱ

ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

ମୁଖ୍ୟ ସମ୍ପାଦକଙ୍କ କଲମରୁ

ଆବର୍ଜନାରୁ ଶକ୍ତି ଉତ୍ପାଦନ

ସାରା ଭାରତର ଜୈବ ବର୍ଜ୍ୟବସ୍ତୁ ଏବେ ଇନ୍ଧନ, ବିଦ୍ୟୁତ୍ ଓ ମୂଲ୍ୟବାନ ଜୈବିକ ସାର ଭାବେ ଦ୍ୱିତୀୟ ଜୀବନ ପାଉଛି। ଅକ୍ଟୋବର ୨୦୧୪ରେ ଆରମ୍ଭ ହୋଇଥିବା ସ୍ୱଚ୍ଛ ଭାରତ ମିଶନର ଏକ ପ୍ରମୁଖ ଲକ୍ଷ୍ୟ ହେଉଛି ପୌରାଞ୍ଚଳରୁ ସଂଗ୍ରହ ହେଉଥିବା କଠିନ ବର୍ଜ୍ୟବସ୍ତୁର ବୈଜ୍ଞାନିକ ପରିଚାଳନା। ଏହି ମିଶନର ଦିନକୁ ଦିନ ଆହୁରି ବ୍ୟାପକ ହେବା ସହିତ ସ୍ୱଚ୍ଛ ଶକ୍ତି ଉତ୍ପାଦନର ଏକ ମୂଲ୍ୟବାନ ସମ୍ପଦ ଭାବେ ଜୈବ ବର୍ଜ୍ୟର ଗୁରୁତ୍ୱ ବଢ଼ୁଛି। ଜୈବ ବର୍ଜ୍ୟ ସାମଗ୍ରୀର ଅମ୍ଳଜାନବିହୀନ ବିଘଟନ ପ୍ରକ୍ରିୟାରୁ ପ୍ରସ୍ତୁତ ହେଉଥିବା ବାୟୋଗ୍ୟାସ୍ ହେଉଛି ରୋଷେଇ କରିବା ପାଇଁ ଏକ ଅତ୍ୟନ୍ତ ବ୍ୟାବହାରିକ, ଅର୍ଥନୈତିକ ଓ ପରିବେଶ ଅନୁକୂଳ ସ୍ୱଚ୍ଛ ଇନ୍ଧନ। ଏହି ପ୍ରକ୍ରିୟାରେ ଅବଶେଷ ଭାବେ ରହୁଥିବା ଗୋବର ଖତରେ ଯଥେଷ୍ଟ ପରିମାଣର ଯବକ୍ଷାରଜାନ ଥାଏ ଓ ଏହା ଏକ ବହୁତ ବଢିଆ ଜୈବିକ ସାର ଭାବେ ବ୍ୟବହାର କରାଯାଇପାରେ। ଏହା ରାସାୟନିକ ସାର ଉପରେ ନିର୍ଭରଶୀଳତା କମାଇବା ସହିତ ଚାଷ ଖର୍ଚ୍ଚ ହ୍ରାସ କରେ ଏବଂ ମାଟିର ଉର୍ବରତା ବଜାୟ ରଖିବାରେ ସହାୟକ ହୁଏ। ଅର୍ଥାତ୍, ଗୋଟିଏ ପଦକ୍ଷେପରୁ ଏକାସାଙ୍ଗରେ ସ୍ୱଚ୍ଛ ଶକ୍ତି ଓ ଜୈବ ସାର- ଏପରି ଦୁଇଟି ଲାଭ ମିଳିଥାଏ।

ଦେଶର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଉପାୟରେ ସ୍ୱଚ୍ଛ ଭାରତ ମିଶନ-ସହରାଞ୍ଚଳ ୨.୦ ଯୋଜନାରେ ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ କରାଯାଉଛି। ଯେଉଁ ପ୍ରକାର ବର୍ଜ୍ୟବସ୍ତୁ ମିଳୁଛି ଓ ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଏହି ଶକ୍ତି ଉତ୍ପାଦନ କରାଯାଉଛି। ହାଇଦ୍ରାବାଦର ଏକ ପନିପରିବା ବଜାରରେ ନଷ୍ଟ ହୋଇଯାଇଥିବା ପନିପରିବାରୁ ଶକ୍ତି ଉତ୍ପାଦନ କରି ବଜାରର ନିଜସ୍ ଷ୍ଟ୍ରିଟ୍ ଲାଇଟ୍ ଜଳାଯାଉଛି। ପ୍ରୟାଗରାଜରେ ଏକ ମଲ୍ଟି-ଫିଡ୍‌ଷ୍ଟକ୍ ବାୟୋ-ସିଏନ୍‌ଜି ପ୍ଲାଣ୍ଟ ବିଭିନ୍ନ ପ୍ରକାରର ଜୈବ ବର୍ଜ୍ୟକୁ ସ୍ୱଚ୍ଛ ଇନ୍ଧନ ଓ କମ୍ପୋଷ୍ଟରେ ପରିଣତ କରୁଛି। ଗାନ୍ଧୀନଗରର ଏକ ଶିକ୍ଷାନୁଷ୍ଠାନ ପ୍ରତିଦିନ ୫୦୦ରୁ ଅଧିକ ଲୋକଙ୍କ ପାଇଁ ଏଲ୍‌ପିଜି ସିଲିଣ୍ଡର ଉପରେ ନିର୍ଭର ନ କରି ରୋଷେଇ କରୁଛି। ସେହିପରି ଗ୍ୱାଲିଅରର ଏକ ଗୋଶାଳା ଗୋବରରୁ କମ୍ପ୍ରେସ୍‌ଡ ବାୟୋଗ୍ୟାସ୍ ପ୍ରସ୍ତୁତ କରୁଛି। ବର୍ଜ୍ୟବସ୍ତୁର ଉତ୍ସ ଭିନ୍ନ, କେଉଁଠି କମ୍ ତ କେଉଁଠି ବେଶି, କିନ୍ତୁ ଏସବୁର ମୂଳ ଉଦ୍ଦେଶ୍ୟ ଗୋଟିଏ -ସ୍ଥାୟୀ ବିକାଶ ଦିଗରେ ଏକ ନୂଆ ପରିବର୍ତ୍ତନ। ଏହି ସବୁ ଅଭିଯାନ ଦର୍ଶାଉଛି ଯେ, ସ୍ଥାୟୀତ୍ୱ ଦିଗରେ ଆଗକୁ ବଢ଼ିବା ଯାତ୍ରାରେ ସହର ଓ ବିଭିନ୍ନ ଅନୁଷ୍ଠାନ କିପରି ଅଗ୍ରଣୀ ଭୂମିକା ନେଉଛନ୍ତି। ବର୍ଜ୍ୟ ପରିଚାଳନାରେ ଅଭିନବ ଓ ଚକ୍ରାକାର ପଦ୍ଧତି ଆପଣାଇ ସେମାନେ ପରିବେଶ ଉପରେ ପଡୁଥିବା ପ୍ରଭାବକୁ କମାଇବା ସହିତ ବର୍ଜ୍ୟବସ୍ତୁକୁ ଏକ ମୂଲ୍ୟବାନ ସମ୍ପଦ ଭାବେ ବ୍ୟବହାର କରିବାର ସମ୍ଭାବନାର ବାଟ ଦେଖାଇଛନ୍ତି। ଗୁଜରାଟର ଗାନ୍ଧୀନଗର ନିକଟସ୍ଥ ଅଡାଲଜରେ ଥିବା ଶ୍ରୀମତୀ ମାନେକବା ବିନୟ ବିହାର ଏଜୁକେସନାଲ କମ୍ପ୍ଲେକ୍ସରେ ପ୍ରତିଦିନ ୫୦୦ରୁ ଅଧିକ ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯାଏ। ଏଠାରେ ରହୁଥିବା ପ୍ରାୟ ୨୫୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିଦିନ ଦୁଇ ବେଳା ଖାଦ୍ୟ ପ୍ରସ୍ତୁତ ହୁଏ। ଏଥିସହ ୧୫ ଜଣ କର୍ମଚାରୀଙ୍କ ପରିବାର ମଧ୍ୟ କ୍ୟାମ୍ପସରେ ରହନ୍ତି। ଏତେ ଲୋକଙ୍କ ପାଇଁ ଯେଉଁ ରୋଷେଇ ହୁଏ, ସେଥିରେ ଏଲପିଜି ବ୍ୟବହାର କରାଯାଏନି।

ସନାତନ ଯଜ୍ଞୋପବୀତ ବିଜ୍ଞାନ ସମ୍ମତ

ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ
ଖମ୍ଭେଶ୍ୱରୀ ପାଟଣା, ଆସିକା ଗଞ୍ଜାମ
୯୮୬୧୩୩୪୮୬୮

ଆମ ଭାରତୀୟ ସଂସ୍କୃତି ହେଉଛି ସୁସଂସ୍କୃତି ସମ୍ପନ୍ନ ଏବଂ ସନାତନ ଧର୍ମର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହାର ପ୍ରତିଟି ସଂସ୍କାରରେ ଆଧ୍ୟାତ୍ମିକ, ବୈଜ୍ଞାନିକ ଓ ଦାର୍ଶନିକାଦି ତଥ୍ୟ ଲୁଚି ରହିଛି। ଯାହା ଆମକୁ କର୍ତ୍ତବ୍ୟ ବୋଧ ତଥା ସଚେତନ ହେବା ପାଇଁ ସହାୟକ ହୋଇଥାଏ। ସେଥି ମଧ୍ୟରୁ ଗୋଟଏ ହେଉଛି ଉପନୟନ ସଂସ୍କାର। ଏହା ମାତୃ ଗର୍ଭଧାରଣ କରିବାର ଅଷ୍ଟମ ବର୍ଷରେ ଅର୍ଥାତ୍ ଜନ୍ମ ହେବାର ସପ୍ତମ ବର୍ଷରେ ସମ୍ପନ୍ନ କରାଯାଏ। ଯାହାର ଦୃଷ୍ଟାନ୍ତ ମନୁସ୍ମୃତି ଦେଖିବାକୁ ମିଳେ:- 'ଗର୍ଭାଷ୍ଟମେରଜ୍ଦେ କୁର୍ବୀତ ବ୍ରାହ୍ମଣସ୍ୟୋପନାୟନମ୍'। ଏଥିରେ ବାଳକ ଯଜ୍ଞୋପବୀତ ବା ପଇତା ଧାରଣ କରିଥାଏ। ଏହାକୁ ଯଦି ଆଧ୍ୟାତ୍ମିକତା ଦୃଷ୍ଟିରେ ଦେଖାଯାଏ ତେବେ, ଏଥିରେ ରହିଛି ସୃଷ୍ଟିକର୍ତ୍ତା ବ୍ରହ୍ମା, ବିଷ୍ଣୁ ଓ ରୁଦ୍ରଙ୍କ ଆଶୀର୍ବାଦ ଏବଂ ଓଁକାର, ଅଗ୍ନି, ସର୍ପ, ସୋମ, ପିତୃ, ପ୍ରଜାପତି, ଅନିଳ, ଯମ ତଥା ବିଶ୍ୱେଦେବାଙ୍କର ଅସୀମ ଶକ୍ତି। ଯାହା ତିନୋଟି ଗ୍ରନ୍ଥି ଓ ନଅ ଗୋଟି ତନ୍ତୁରେ ବିଦ୍ୟମାନ ବୋଲି ଶାସ୍ତ୍ରରେ କୁହାଯାଇଛି:- 'ଓଁକାରାଗ୍ନି ତଥା ସର୍ପାନ୍ ସୋମ ପିତୃନ୍ ପ୍ରଜାପତିନ୍। ବାୟୁ ସୂର୍ଯ୍ୟଶ୍ଚ ବିଶ୍ୱାଶ୍ଚ ଦେବାନ୍ନବଷ୍ଟୁ ତନ୍ତୁଷ୍ଟୁ।' ଏହି ଉପବୀତ ବୈଦିକ ସାହିତ୍ୟ ଅନୁଯାୟୀ, ସର୍ବ ପ୍ରଥମେ ବ୍ରହ୍ମା ସୃଷ୍ଟିର ଆରମ୍ଭରେ ଏହାକୁ ପରିକଳ୍ପନା କରିଥିଲେ ବୋଲି ମନ୍ତ୍ରରେ ଉଲ୍ଲେଖ ରହିଛି:-

ଓମ୍ ଯଜ୍ଞୋପବୀତଂ ପରମଂ ପବିତ୍ରଂ
ପ୍ରଜାପତେୟର୍‌ସହଜଂ ପୁରସ୍ତାତ୍।

ଆୟୁଷ୍ୟମଗ୍ର୍ୟଂ ପ୍ରତିମୁଞ୍ଚ ଶୁଭ୍ରଂ ଯଜ୍ଞୋପବୀତଂ ବଲମସ୍ତୁ ତେଜଃ ? ଅର୍ଥାତ୍ ଏହି ଯଜ୍ଞୋପବୀତ ଅତ୍ୟନ୍ତ ପବିତ୍ର ଅଟେ। ଏହା ପ୍ରଜାପତି ବ୍ରହ୍ମାଙ୍କ ସହ ଉତ୍ପନ୍ନ ହୋଇଛି ଏବଂ ତାହା ସହିତ ଏହା ଆୟୁ ବୃଦ୍ଧି, ଉତ୍ତମ ତଥା ଶୁଭ୍ର ବର୍ଣ୍ଣ ଯୁକ୍ତ ମଧ୍ୟ। ଏହାକୁ ଧାରଣ କରୁଥିବା ବ୍ୟକ୍ତିର ବଳ ଏବଂ ତେଜର ବୃଦ୍ଧି ଘଟିଥାଏ।

ଉପନୟନ ସଂସ୍କାର ସମୟରେ ଧାରଣ କରାଯାଇଥିବା ଯଜ୍ଞୋପବୀତର ବୈଜ୍ଞାନିକ ଓ ଦାର୍ଶନିକ କାରଣ ଯଦି ଦେଖାଯାଏ, ତେବେ ଆମେ ଜାଣି ପାରିବା, ଆମ ବୈଦିକ ମହର୍ଷିମାନଙ୍କ ପ୍ରକୃତ ଜ୍ଞାନ ଓ ଗାରିମା ଗାଥା। ସେହିମାନେ ଜାଣିଥିଲେ ଯେ, ମାନବୀୟ ଶରୀରର ଆନ୍ତରିକ ସରଞ୍ଜନା। ମଣିଷର କେଉଁ କେଉଁ ଅଙ୍ଗ ସହିତ କେଉଁ କେଉଁ ଅଙ୍ଗର ସମ୍ପର୍କ ରହିଛି ଏବଂ କେଉଁ କ୍ରିୟାକୁ କେଉଁ ସମୟରେ କରିବା ଦ୍ୱାରା କି ପ୍ରକାର ସୁଫଳ ମିଳିବ, ତାହା ମଧ୍ୟ ସେମାନେ କହିଯାଇଛନ୍ତି। ତାହାଣ କାନର ଶିରା ପ୍ରଶିରା ଗୁଡିକ ସହ ମସ୍ତିଷ୍କ, ହୃଦୟ, ମଳଦ୍ୱାର ଓ ମୂତ୍ରଦ୍ୱାର ଇତ୍ୟାଦିର ସିଧାସଳଖ ସମ୍ପର୍କ ରହିଛି। ତେଣୁ ମଳ-ମୂତ୍ର ତ୍ୟାଗ ସମୟରେ ପଇତାକୁ ତାହାଣ କାନରେ ଏକ ଏବଂ ଦୁଇ ଘେରା ଗୁଡ଼ାଇବା ପାଇଁ ନିୟମ କରାଯାଇଛି। ଏହା ଦ୍ୱାରା କାନରେ ଏକ ପ୍ରକାର ପ୍ରାକୃତିକ ଆକ୍ୟୁପ୍ରେସର ସୃଷ୍ଟି ହୋଇଥାଏ। ଯାହାଫଳରେ ମଳ ମୂତ୍ର ସହଜରେ ତ୍ୟାଗ ହୁଏ। ଏଥି ଯୋଗୁଁ କୋଷ୍ଠକାଠିନ୍ୟ, ଗ୍ୟାସ ଏବଂ ପେଟର ଅନ୍ୟାନ୍ୟ ସମସ୍ୟା ମଧ୍ୟ ସତଃ ଦୂରେଇ ଯିବାସହ ମସ୍ତିଷ୍କର ସ୍ନାୟୁଗୁଡ଼ି ସକ୍ରିୟ ଓ ସତେଜ ରହେ। ଏହା ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ଘଟେ ତଥା ମାନସିକ ଚିନ୍ତା ବା ଡିପ୍ରେସନର ମାତ୍ରା ବହୁତ୍ ଭାବେ କମିଯାଏ ଏବଂ ରକ୍ତଚାପ ସହିତ ହୃଦୟର ସ୍ପନ୍ଦନ ମଧ୍ୟ ସାମାନ୍ୟ ହୋଇଯାଏ। ଏହି ଯଜ୍ଞୋପବୀତ ଏକ ପବିତ୍ର ସୂତ୍ର ହେବା କାରଣରୁ ଏହାର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବା ଆବଶ୍ୟକ। ତେଣୁ ନିୟମ ଅନୁସାରେ ଶୌଚ ହେବା ପୂର୍ବରୁ ପଇତାକୁ କାନରେ ରଖାଯାଏ ଏବଂ ଅଣ୍ଟା ଠାରୁ ହାତ-ଗୋଡ଼ ଭଲଭାବେ ଧୋଇ ପରେ ହିଁ ଏହାକୁ କାନରୁ ବାହାର କରାଯାଏ। ଏହି ବିଧି ଯୋଗୁଁ ଶରୀର ସ୍ୱଚ୍ଛ ରହିବା ସହ ଜୀବାଣୁ ଜନିତ ସଂକ୍ରମଣରୁ ରକ୍ଷା ମିଳିଥାଏ।

ଯଜ୍ଞୋପବୀତକୁ ଯଦି ଦାର୍ଶନିକ ଦୃଷ୍ଟିରେ ଦେଖାଯାଏ ତେବେ ଆମେ ଏହାର ମର୍ମକୁ ହୃଦୟଙ୍ଗମ କରିପାରିବା। କାରଣ ଏହି ଉପବୀତ ବ୍ୟକ୍ତିକୁ ତା'ର କର୍ତ୍ତବ୍ୟ ମନେ ପକାଇ ଦେଇଥାଏ। ଏହା ଏକ ପ୍ରକାରର ଆଧ୍ୟାତ୍ମିକ କବଚ ଭଳି କାର୍ଯ୍ୟକରେ। ଯାହା ଖରାପ କାମରୁ ନିବୃତ୍ତ ରଖିଥାଏ। ଯେପରି ଜଣେ ବ୍ୟକ୍ତି କୌଣସି ଭୁଲ୍ କାମ ଯଥା :- ଚୋରି, ମିଥ୍ୟା କିମ୍ବା ଅଧର୍ମ କାର୍ଯ୍ୟ କରିବାକୁ ଯାଏ, ତେବେ ଶରୀରରେ ଥିବା ପବିତ୍ର ଯଜ୍ଞୋପବୀତ ତାକୁ ମନେ ପକାଇଦିଏ ଯେ, ତୁମେ ଜଣେ ଏକ ସଂସ୍କାରୀ ମାନବ। ଏହା ଦ୍ୱାରା ମନୁଷ୍ୟର ମାନସିକ ଶକ୍ତି ଓ ଆତ୍ମବିଶ୍ୱାସ ବଢ଼ିଯାଏ। ତତ୍ ସହିତ ତିନୋଟି ଋଣ ଯଥା:- ପିତୃଋଣ, ଦେବଋଣ ଏବଂ ଋଷିଋଣର ଦାୟିତ୍ୱ ବିଷୟରେ ସଦାସର୍ବଦା ସଚେତନ କରାଏ। ଅତଃ ସନାତନ ଧର୍ମରେ କୁହାଯାଇଥିବା କୌଣସି ବି ସଂସ୍କାର ଅନ୍ଧବିଶ୍ୱାସ ନୁହେଁ। ଯଜ୍ଞୋପବୀତ ହେଉଛି ଜୀବନକୁ ସୁସ୍ଥ, ସଂଯମ ଏବଂ ଦୀର୍ଘାୟୁ କରିବାର ଏକ ସହଜ ଉପାୟ। ଆଜିର ଆଧୁନିକ ବିଜ୍ଞାନ ଆକ୍ୟୁପ୍ରେସର ଏବଂ ନ୍ୟୁରୋଲୋଜି ବା ସ୍ନାୟୁ ବିଜ୍ଞାନ ମାଧ୍ୟମରେ ଯେଉଁ ସତ୍ୟକୁ ଖୋଜୁଛି, ତାହା ଆମର ପୂର୍ବପୁରୁଷମାନେ ହଜାର ହଜାର ବର୍ଷ ପୂର୍ବରୁ ତାକୁ ଯଜ୍ଞୋପବୀତ ପରମ୍ପରା ମାଧ୍ୟମରେ ଆମ ଜୀବନଶୈଳୀରେ ସାମିଲ କରିଦେଇଛନ୍ତି। ଏହା ଏକ ବିଜ୍ଞାନ ସମ୍ମତ ସଂସ୍କାର, ତେଣୁ ଶରୀରକୁ ସୁସ୍ଥ ରଖିବା ପାଇଁ ମନୁଷ୍ୟ ଶରୀରରେ ଯଜ୍ଞୋପବୀତକୁ ଧାରଣ କରିବା ଉଚିତ।

ଆମେରିକାର ଆଗାମୀ ମଧ୍ୟବର୍ତ୍ତୀ ନିର୍ବାଚନ ଓ ଟ୍ରମ୍ପଙ୍କ ଚିନ୍ତା

ଡା. ରାଜ କିଶୋର ପଣ୍ଡା
ଓଡ଼ିଶା ସାସ୍ଥ୍ୟ ସେବା
ଭୁବନେଶ୍ୱର, ୮୧୪୪୦୪୨୯୯୭

ୱାଶିଂଟନର ବୈଦେଶିକ ନୀତି ବର୍ତ୍ତମାନ ସମୟରେ ଉଭୟ ସାଧାରଣ ଓ ଭାରତ ପରିପ୍ରେକ୍ଷୀରେ ଏକ ବିଚିତ୍ର ରିଏଲିଟି ସୋ ଭଳି ମନେହୁଏ, ଯେଉଭଳି ସୋ ଗୁଡ଼ିକୁ ତାଙ୍କର ଟି.ଭି. ଦିନ ମାନଙ୍କରେ ପରିଚାଳନା କରୁଥିଲେ ରାଷ୍ଟ୍ରପତି ଟ୍ରମ୍ପ। ଏହି ନୀତି ଭାରତକୁ ବାଧ କରୁଛି, ଯୁକ୍ତରାଷ୍ଟ୍ରଠାରୁ ବିଲିଅନ୍ ବିଲିଅନ୍ ମୂଲ୍ୟର ଦ୍ରବ୍ୟ ଓ ସେବା କିଣିବା ସହିତ ହ୍ୱାଇଟ୍ ହାଉସ୍ ସମ୍ମୁଖରେ ନତମସ୍ତକ ହେବା ପାଇଁ।

ଆମେରିକା ବର୍ତ୍ତମାନ ଆଗେଇ ଚାଲିଛି ଏକ ନିର୍ଣ୍ଣାୟକ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନକୁ ଯାହାକି ଅନୁଷ୍ଠିତ ହେବ ନଭେମ୍ବର ତିନି, ୨୦୨୬ ରେ ଓ ଯେଉ ଗୁରୁତର ସମସ୍ୟା ଗୁଡ଼ିକ ସମ୍ପ୍ରତି ଭାରତ - ଆମେରିକା ସମ୍ବନ୍ଧକୁ ପ୍ରଭାବିତ କରୁଛନ୍ତି, ସେଗୁଡ଼ିକ ହେଲେ ବାଣିଜ୍ୟ, ଶୁଳ୍କର ଦର ଓ ଇମିଗ୍ରେସନ୍ ବା ପ୍ରବାସୀ ସମସ୍ୟା। ଏହି ନିର୍ବାଚନ ଯାହା ଟ୍ରମ୍ପଙ୍କ ଦ୍ୱିତୀୟ ପାଳିର ଠିକ୍ ଅଧା ସମୟର ପୂର୍ତ୍ତି ବେଳକୁ ଅନୁଷ୍ଠିତ ହେଉଅଛି, ଏକଶହ କୋଡ଼ିଏ ତମ ଆମେରିକୀୟ କଂଗ୍ରେସର ଗଠନ ଓ ରୂପରେଖ ନିର୍ଣ୍ଣୟ କରିବ। ଏଥିରେ ହାଉସ୍ ଅଫ୍ ରିପ୍ରଜେଣ୍ଟେଟିଭ୍ସ ଚାରିଶହ ପଇଁତିରିଶଟି ଆସନ ଓ ସିନେଟ୍ର ପଇଁତିରିଶଟି ଆସନ ପାଇଁ ମତ ଦାନ କରାଯିବ।

ଯଦି ନିର୍ବାଚନରେ ଶାସକ ରିପବ୍ଲିକାନ ଦଳ ସଂଖ୍ୟା ଗରିଷ୍ଠତା ହାସଲ କରନ୍ତି, ତେବେ ବାକି ରହିଥିବା କାର୍ଯ୍ୟ ଅବଧିକୁ ଟ୍ରମ୍ପ ନିଜ ଇଚ୍ଛାନୁସାରେ ପରିଚାଳନା କରି ପାରିବେ ଓ ଏଥିରେ ତାଙ୍କୁ ବିଶେଷ ସହାୟକ ହେବେ ଗୃହର ବାଚସ୍ପତି ମାଇକ୍ ଜନସନ୍। ଏହାର କାରଣ ଗୃହର ନିୟମାବଳୀ ଅପେକ୍ଷା ନିଜକୁ ଟ୍ରମ୍ପଙ୍କ ଅନୁଚର ଭାବରେ ପ୍ରତିପାଦିତ କରିବା ପାଇଁ ଜନସନ୍ଙ୍କ ପ୍ରଚେଷ୍ଟା ଅଧିକ ରହୁଛି। କିନ୍ତୁ ଯଦି ନିର୍ବାଚନରେ ଡେମୋକ୍ରାଟ୍‌ମାନେ ବିଜୟ ଲାଭ କରନ୍ତି ତେବେ କଂଗ୍ରେସ ନେତୃତ୍ୱର ଚାବିକାଠି ସେମାନଙ୍କ ହାତକୁ ଯିବ ଓ ଯେକୌଣସି ସରକାରୀ ନିଷ୍ପତ୍ତି ଏବଂ ଆଲୋଚନାରେ ଚେକ୍ ବାଲାନ୍ସ ପରିସ୍ଥିତି ସୃଷ୍ଟି ହେବା ସାଙ୍ଗକୁ ଟ୍ରମ୍ପଙ୍କ ''ଏକଚ୍ଛତ୍ରବାଦ'' ମଧ୍ୟ ବାଧାପ୍ରାପ୍ତ ହେବ।

ତେବେ ଏହି ଭିତରେ ଆମେରିକାର ସୁପ୍ରିମକୋର୍ଟ ଓ ଜିଲ୍ଲା କୋର୍ଟ ସମୂହ ଟ୍ରମ୍ପଙ୍କୁ ଗୋଟିଏ ପରେ ଗୋଟିଏ ଧକ୍କା ଦେଇ ଚାଲିଛନ୍ତି। ଡାକ ଯୋଗେ ମତଦାନ ବ୍ୟବସ୍ଥାକୁ ବନ୍ଦ କରିବା ପାଇଁ ଟ୍ରମ୍ପଙ୍କର ଆଦେଶକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି। ଯୁକ୍ତରାଷ୍ଟ୍ରର ସମଗ୍ର ମତଦାନର ପାଖାପାଖି ତିରିଶ ପ୍ରତିଶତ ଡାକ ଯୋଗେ ସମ୍ପନ୍ନ ହୋଇଥାଏ। ଟ୍ରମ୍ପ ଏହି ବ୍ୟବସ୍ଥାଟିକୁ ବନ୍ଦ କରିବା ପାଇଁ ଇଚ୍ଛୁକ କାରଣ ତାଙ୍କ ଅନୁଯାୟୀ ବେଆଇନ ପ୍ରବାସୀ ଗୋଷ୍ଠୀ ଯେଉମାନଙ୍କର କୌଣସି ବୈଧ ପରିଚୟ ପତ୍ର ନ ଥାଏ, ସାମୂହିକ ଭାବରେ ଡାକ ମାଧ୍ୟମରେ ଡେମୋକ୍ରାଟିକ୍ ଦଳକୁ ଭୋଟ ଦେଇଥାନ୍ତି। ଟ୍ରମ୍ପଙ୍କର ଲୋକପ୍ରିୟତା ବା ଆପ୍ରୁଭାଲ୍ ରେଟିଙ୍ଗ୍ କ୍ରମାଗତ ଭାବରେ ହ୍ରାସ ପାଉଛି। ରିପବ୍ଲିକାନ୍ ପ୍ରାର୍ଥୀମାନେ ମଧ୍ୟ ଚାହୁଁ ନାହାନ୍ତି କି ସେ, ଆଗାମୀ ନିର୍ବାଚନରେ ସେମାନଙ୍କ ପାଇଁ ପ୍ରଚାର କରନ୍ତୁ।

ଇରାନ ଯୁଦ୍ଧ ଯୋଗୁଁ ଯୁକ୍ତରାଷ୍ଟ୍ରରେ ମୁଦ୍ରାସ୍ଫୀତି ବଢ଼ିବା ସହିତ ଗ୍ୟାସୋଲିନ ଓ ଡିଜେଲର ଦର ମଧ୍ୟ ବଢ଼ିବାରେ ଲାଗିଛି। ଗୋଟିଏ କାର ବହୁଳ ଦେଶ ପାଇଁ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ପଶ୍ଚିମ ରାଷ୍ଟ୍ର ମାନଙ୍କ ମଧ୍ୟରେ ଆମେରିକାର ହିଁ ସବୁଠାରୁ ଦୁର୍ବଳ ରେଳ ଭିତ୍ତିଭୂମି ଅଛି, ଯାହା ବ୍ୟାପକ ଭାବରେ ଡିଜେଲ ଉପରେ ହିଁ ନିର୍ଭରଶୀଳ। ଏହାର ବିପରୀତରେ ଭାରତର ଅନେଶତ ପ୍ରତିଶତ ରେଳ ନେଟ୍‌ୱାର୍କ ବିଦ୍ୟୁତ୍ ଚାଳିତ ଅଟେ।

ଆମେରିକା ଭେନେଜୁଏଲାରେ କରିଥିବା କାର୍ଯ୍ୟକଳାପକୁ ଆମେ ନିଓକଲୋନିଆଲିଜିମ୍ ବୋଲି କହିପାରିବା। ଏଥିରେ ଗୋଟିଏ ଶକ୍ତିଶାଳୀ ଦେଶ ଅନ୍ୟ ଗୋଟିଏ ଦୁର୍ବଳ ଦେଶକୁ ସିଧାସଳଖ ଦଖଲ ନ କରି, ଦୁର୍ବଳ ଦେଶଟିର ଅର୍ଥନୀତି, ଖଣିଜ ସମ୍ପଦ, ସାଂସ୍କୃତିକ ଐତିହ୍ୟ ଉପରେ ଅପ୍ରତ୍ୟେକ୍ଷ ଭାବରେ ନିଜର ପତିଆରା ଜାହିର କରିଥାଏ।

ଇରାନ ଉପରେ ମଧ୍ୟ ଏହି ଉପାୟଟି ଆମେରିକା ଓ ବ୍ରିଟେନ୍ ପ୍ରୟୋଗ କରିଥିଲେ ତେଷ୍ଟରୀ ବର୍ଷ ତଳେ। ୧୯୫୩ ରେ ଏକ ସାମରିକ ବିଦ୍ରୋହ ଜରିଆରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚିତ ଇରାନର ରାଷ୍ଟ୍ରପତି ''ମହମ୍ମଦ ମୋସାଦେଘ''ଙ୍କୁ ଆମେରିକା ଓ ବ୍ରିଟେନ୍ ଗାଦିରୁ ବିତାଡ଼ିତ କରିଥିଲେ। କାରଣ ଥିଲା ଇରାନର ତୈଳ ସମ୍ପଦକୁ ଜାତୀୟକରଣ କରିବା ପାଇଁ ମୋସାଦେଘଙ୍କର ନିଷ୍ପତ୍ତି ୧୯୫୧ ମସିହାରେ। ମୋସାଦେଘଙ୍କ ପରେ ଇରାନରେ ନୂଆ ନେତା ''ମହମ୍ମଦ ରେଜା ପାହାଲ୍‌ଭି'' ଆମେରିକାର ''ନିଓ କଲୋନିଆଲିଜିମ୍'' ଚିନ୍ତାଧାରା ଅନୁଯାୟୀ ଦେଶର ତୈଳ ସମ୍ପଦଗୁଡ଼ିକୁ ଯୁକ୍ତରାଷ୍ଟ୍ର ଓ ବ୍ରିଟେନ୍ର ତୈଳ କମ୍ପାନୀ ହାତକୁ ଟେକି ଦେଇଥିଲେ।

ଏଠାରେ ଅତୀତ ପୃଷ୍ଠାକୁ ଯିବାର କାରଣ, ସେତବଳେ ଯଦିଓ ଆମେରିକାର ଇରାନକୁ ନିୟନ୍ତ୍ରଣ କରିବାର ଚେଷ୍ଟା ସଫଳ ହୋଇଥିଲା ବର୍ତ୍ତମାନ ସମୟରେ କିନ୍ତୁ ଟ୍ରମ୍ପଙ୍କର ନିଓ କଲୋନିଆଲିଜିମ୍ ପ୍ରୟାସ ତେହେରାନ୍ରେ ବିଫଳ ହେବାର ସମ୍ଭାବନା ଅଧିକ। ୱାଶିଂଟନରେ ଟ୍ରମ୍ପଙ୍କର ଲୋକପ୍ରିୟତା ମଧ୍ୟ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ବିଫଳତା ହେତୁ ହ୍ରାସ ପାଉଛି। ଆମେରିକା ତରଫରୁ ଦିଆଯାଉଥିବା ଏଚ୍.ୱାନ୍.ବି ଭିସାର ସିଂହଭାଗ ଭାରତୀୟମାନେ ହିଁ ହାସଲ କରିଥାନ୍ତି। ପୂର୍ବରୁ ପ୍ରଚଳିତ ଥିବା ନିୟମ ଅନୁଯାୟୀ ଯଦି କୌଣସି ପ୍ରବାସୀ ନାଗରିକ ନିଯୁକ୍ତି ହରାନ୍ତି, ତେବେ ତାଙ୍କ ପାଖରେ ଆହୁରି ଷାଠିଏ ଦିନ ରୁହେ ନୂଆ କର୍ମସଂସ୍ଥାନର ବ୍ୟବସ୍ଥା କରିବା ନିମନ୍ତେ। ଏହାକୁ କୁହାଯାଏ ଗ୍ରେସ୍ ପିରିୟଡ଼। ଏବ

ନ୍ୟୁଟ୍ରିନୋ ଚକ୍ଷୁ ମାଧ୍ୟମରେ ବ୍ରହ୍ମାଣ୍ଡ କୁ ଦେଖିବା ସମ୍ଭବ

ଅସିତ ମହାନ୍ତି
ସ୍ତମ୍ଭକାର ଏବଂ ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ ସୁଜନପୁର, ଯାଜପୁର, ୯୪୩୭୨୮୮୦୨୮

୨୦୨୬ ମସିହା ପାଇଁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ବେଲଜିୟମ୍-ଆମେରିକୀୟ ବୈଜ୍ଞାନିକ ଫ୍ରାନ୍‌ସିସ୍ ହାଲଜେନ୍‌ଙ୍କୁ ପ୍ରଦାନ କରାଯାଇଛି। ଆଇସ୍‌କ୍ୟୁବ୍ ନ୍ୟୁଟ୍ରିନୋ ଅବଜରଭେଟୋରୀ ସୃଷ୍ଟି ଏବଂ ଉଚ୍ଚ-ଶକ୍ତି ମହାଜାଗତିକ ନ୍ୟୁଟ୍ରିନୋ ଆବିଷ୍କାର ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି, ଯାହା ଜ୍ୟୋତିର୍ବିଜ୍ଞାନରେ ଏକ ସମ୍ପୂର୍ଣ୍ଣ ନୂତନ ୱିଣ୍ଡୋ ଖୋଲି ଦେଇଥିଲା।

ଆଇସ୍‌କ୍ୟୁବ୍ ନ୍ୟୁଟ୍ରିନୋ ଅବଜରଭେଟୋରୀ ଏବଂ ଏହାର ଗୁରୁତ୍ୱ - ଫ୍ରାନ୍‌ସିସ୍ ହାଲଜେନ୍ ୧୯୮୦ ଦଶକରେ ପ୍ରସ୍ତାବ ଦେଇଥିଲେ ଯେ ଆଣ୍ଟାର୍କଟିକାର ବରଫକୁ ଏକ ବିଶାଳ ଟେଲିସ୍କୋପ୍ ଭାବରେ ବ୍ୟବହାର କରାଯାଇପାରିବ। ଏହି ଧାରଣା ଆଇସ୍‌କ୍ୟୁବ୍ ନ୍ୟୁଟ୍ରିନୋ ଅବଜରଭେଟୋରୀକୁ ନେଇଗଲା, ଯାହା ଏକ ଘନ କିଲୋମିଟର କ୍ଷେତ୍ରଫଳ ପରିବ୍ୟାପ୍ତ ଏବଂ ହଜାର ହଜାର ଆଲୋକ-ସମ୍ବେଦନଶୀଳ ସେନ୍‌ସର ସହିତ ସଜ୍ଜିତ। ଯେତେବେଳେ ଏକ ନ୍ୟୁଟ୍ରିନୋ ବରଫ ମଧ୍ୟରେ ଏକ ପରମାଣୁ ସହିତ ଧକ୍କା ହୁଏ, ଏକ ନୀଳ ଆଭା (ଚେରେନକୋଭ୍ ବିକିରଣ) ଉତ୍ପନ୍ନ ହୁଏ, ଯାହାକୁ ଏହି ସେନ୍‌ସରଗୁଡ଼ିକ ଚିହ୍ନଟ କରନ୍ତି।

ନ୍ୟୁଟ୍ରିନୋ ହେଉଛି କଣିକା ଯାହାର କୌଣସି ବୈଦ୍ୟୁତିକ ଚାର୍ଜ ନାହିଁ ଏବଂ ପ୍ରାୟ ଧକ୍କା ନ ହୋଇ ପଦାର୍ଥ ମଧ୍ୟ ଦେଇ ଗତି କରେ। ଏହି କାରଣରୁ ସେମାନେ ସେମାନଙ୍କର ଦିଗ ପରିବର୍ତ୍ତନ ନକରି କୋଟି କୋଟି ଆଲୋକ ବର୍ଷ ଦୂରରୁ ପୃଥିବୀରେ ପହଞ୍ଚିପାରିବେ। ଏହି ଗୁଣ ଯୋଗୁଁ, ନ୍ୟୁଟ୍ରିନୋ ଆମକୁ ଏପରି ଜ୍ୟୋତିର୍ବିଜ୍ଞାନ ଘଟଣା ବିଷୟରେ ସୂଚନା ପ୍ରଦାନ କରିପାରିବେ ଯାହା ଆଲୋକ କିମ୍ବା ଅନ୍ୟ କଣିକା ବ୍ୟବହାର କରି ପର୍ଯ୍ୟବେକ୍ଷଣ କରିବା ଅସମ୍ଭବ।

ବର୍ତ୍ତମାନ ଆସନ୍ତୁ ଏହାକୁ ବିସ୍ତାରିତ ଭାବରେ ବୁଝିବା। ଆଇସକ୍ୟୁବ ନ୍ୟୁଟ୍ରିନୋ ଅବଜରଭେଟୋରୀକୁ ବୁଝିବା ପାଇଁ, ଆମକୁ ପ୍ରଥମେ ବୁଝିବାକୁ ପଡିବ ଯେ ନ୍ୟୁଟ୍ରିନୋ କ'ଣ। ନ୍ୟୁଟ୍ରିନୋ ହେଉଛି କ୍ଷୁଦ୍ର କଣିକା ଯାହାର କୌଣସି ବୈଦ୍ୟୁତିକ ଚାର୍ଜ ନାହିଁ ଏବଂ ପ୍ରାୟ ବିନା ବାଧାରେ ପଦାର୍ଥ ମଧ୍ୟ ଦେଇ ଗତି କରନ୍ତି। ଏହି କାରଣରୁ ସେମାନେ ଆମ ଅଜାଣତରେ ଆମ ଶରୀର, ପୃଥିବୀ ଏବଂ ସମଗ୍ର ଗ୍ରହ ମଧ୍ୟ ଦେଇ ଗତି କରନ୍ତି। ଏହି କଣିକାଗୁଡିକ ବୈଜ୍ଞାନିକମାନଙ୍କ ପାଇଁ ଏକ ବଡ଼ ରହସ୍ୟ ହୋଇଛି କାରଣ ଏଗୁଡ଼ିକୁ ଚିହ୍ନଟ କରିବା ଏବଂ ଅଧ୍ୟୟନ କରିବା ଅତ୍ୟନ୍ତ କଷ୍ଟକର। ଫ୍ରାନ୍‌ସିସ୍ ହାଲଜେନ୍ ଏବଂ ତାଙ୍କ ଦଳ ଏହି ଚ୍ୟାଲେଞ୍ଜ ଗ୍ରହଣ କଲେ ଏବଂ ଆଣ୍ଟାର୍କଟିକାର ବରଫକୁ ଏକ ବିଶାଳ ପ୍ରୟୋଗଶାଳାରେ ପରିଣତ କଲେ। ସେଠାରେ ଥିବା ବରଫ ଏତେ ପବିତ୍ର ଏବଂ ସ୍ୱଚ୍ଛ ଯେ ଯେତେବେଳେ ଏକ ନ୍ୟୁଟ୍ରିନୋ ବରଫ ଭିତରେ ଏକ ପରମାଣୁ ସହିତ ଧକ୍କା ହୁଏ, ଏହା ଚେରେଙ୍କଭ ବିକିରଣ ନାମକ ଏକ ମୃଦୁ ନୀଳ ଆଭା ସୃଷ୍ଟି କରେ। ଏହି ଆଭାକୁ ଧରିବା ପାଇଁ ହଜାର ହଜାର ସେନ୍‌ସର ବରଫ ଭିତରେ ଗଭୀର ଭାବରେ ସ୍ଥାପିତ ହୋଇଛି। ଏହା ହେଉଛି ଆଇସକ୍ୟୁବ ନ୍ୟୁଟ୍ରିନୋ ଅବଜରଭେଟୋରୀ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି: ଏହାର ଗୁରୁତ୍ୱ କ'ଣ? କଳ୍ପନା କରନ୍ତୁ ଯେ ଆପଣ ରାତିର ଆକାଶକୁ ଦେଖୁଛନ୍ତି। ଆମେ ତାରା, ଗ୍ରହ ଏବଂ ଛାୟାପଥ ଦେଖୁ କାରଣ ସେମାନେ ଆଲୋକ ନିର୍ଗତ କରନ୍ତି। କିନ୍ତୁ ବ୍ରହ୍ମାଣ୍ଡରେ ଅନେକ ଘଟଣା ଅଛି ଯାହା ଆଲୋକ ମାଧ୍ୟମରେ ବୁଝିହେବ ନାହିଁ। ଉଦାହରଣ ସ୍ୱରୂପ, ଯେତେବେଳେ ଏକ କୃଷ୍ଣଗହ୍ୱର ଏକ ତାରାକୁ ଗିଳିଦିଏ କିମ୍ବା ଏକ ସୁପରନୋଭା ବିସ୍ଫୋରଣ ହୁଏ, ସେଠାରୁ ନିର୍ଗତ ସଙ୍କେତଗୁଡ଼ିକ ଆଲୋକ ଆକାରରେ ଆମ ପାଖରେ ପହଞ୍ଚିପାରେ ନାହିଁ। କିନ୍ତୁ ଏହି ଘଟଣାଗୁଡ଼ିକରୁ ସିଧାସଳଖ ନ୍ୟୁଟ୍ରିନୋ ବାହାରି ପୃଥିବୀରେ ପହଞ୍ଚିବା ପାଇଁ କୋଟି କୋଟି ଆଲୋକ ବର୍ଷ ଯାତ୍ରା କରନ୍ତି।

ଆଇସକ୍ୟୁବ୍ ଅବଜରଭେଟୋରୀ ଏହି ନ୍ୟୁଟ୍ରିନୋଗୁଡ଼ିକୁ ଧରିଥାଏ, ଆମକୁ କୁହେ ଯେ ସେମାନେ କେଉଁଠାରୁ ଆସିଥିଲେ। ଏହାର ଅର୍ଥ ହେଉଛି ଆମେ ବର୍ତ୍ତମାନ କେବଳ ଆଲୋକ ଆଖି ମାଧ୍ୟମରେ ନୁହେଁ, ବରଂ ନ୍ୟୁଟ୍ରିନୋ ଆଖି ମାଧ୍ୟମରେ ମଧ୍ୟ ବ୍ରହ୍ମାଣ୍ଡକୁ ଦେଖିପାରୁଛୁ। ଏହା ଯେପରି ଏକ ରହସ୍ୟମୟ ପୁସ୍ତକର ପୃଷ୍ଠାଗୁଡ଼ିକ ହଠାତ୍ ଖୋଲିଯାଏ, ପୂର୍ବରୁ ଲୁଚି ରହିଥିବା କାହାଣୀଗୁଡ଼ିକୁ ପ୍ରକାଶ କରେ।

ଜଣେ ସାଧାରଣ ବ୍ୟକ୍ତିଙ୍କ ପାଇଁ, ଏହା ବୁଝିବା ସହଜ: କଳ୍ପନା କରନ୍ତୁ ଯେ ଆପଣ ଏକ ସହରରେ ରହୁଛନ୍ତି ଏବଂ ସେଠାରେ ବହୁତ ଶବ୍ଦ ଅଛି। ଆପଣ ଦୂର ଶବ୍ଦ ଶୁଣି ପାରିବେ ନାହିଁ କାରଣ ଚାରିପାଖର ଶବ୍ଦ ସେମାନଙ୍କୁ ବୁଡ଼ାଇ ଦିଏ। କିନ୍ତୁ ଯଦି ଏପରି ଏକ ବିଶେଷ ଉପକରଣ ଥାଆନ୍ତା ଯାହା କେବଳ ସେହି ଦୂର ଶବ୍ଦଗୁଡ଼ିକୁ ଧରିପାରିବ, ତେବେ ଆପଣ ଜାଣିପାରିବେ ଯେ ସେଠାରେ କ'ଣ ଘଟୁଛି। ନ୍ୟୁଟ୍ରିନୋ ସମାନ - ସେମାନେ ବ୍ରହ୍ମାଣ୍ଡରେ ଦୂର ଘଟଣାଗୁଡ଼ିକର ଶବ୍ଦ, ଏବଂ ଆଇସକ୍ୟୁବ୍ ହେଉଛି ସେଗୁଡ଼ିକୁ ଶୁଣିପାରୁଥିବା ଉପକରଣ। ଏହି ଆବିଷ୍କାରର ଗୁରୁତ୍ୱ କେବଳ ବିଜ୍ଞାନ ପର୍ଯ୍ୟନ୍ତ ସୀମିତ ନୁହେଁ। ଏହା ଆମକୁ ବୁଝିବାରେ ସାହାଯ୍ୟ କରେ ଯେ ବ୍ରହ୍ମାଣ୍ଡରେ ପ୍ରାକୃତିକ 'କଣା ତ୍ୱରାନ୍ୱିତକାରୀ' କିପରି କାର୍ଯ୍ୟ କରନ୍ତି, ଯାହା ପୃଥିବୀରେ ନିର୍ମିତ ଯେକୌଣସି ପରୀକ୍ଷାଗାର ଅପେକ୍ଷା ଲକ୍ଷ ଲକ୍ଷ ଗୁଣ ଅଧିକ ଶକ୍ତିଶାଳୀ। ଏହା ଆମକୁ ଏହା ମଧ୍ୟ କୁହେ ଯେ ବ୍ରହ୍ମାଣ୍ଡରେ ଶକ୍ତି କିପରି ଉତ୍ପନ୍ନ ଏବଂ ପ୍ରସାରିତ ହୁଏ। ଆଇସକ୍ୟୁବ୍ ନ୍ୟୁଟ୍ରିନୋ ଅବଜରଭେଟୋରୀ ଜ୍ୟୋତିର୍ବିଜ୍ଞାନକୁ ଏକ ନୂତନ ଦିଗଦର୍ଶନ ଦେଇଛି। ପୂର୍ବରୁ, ଆମେ ଆଲୋକ ମାଧ୍ୟମରେ ତାରା ଏବଂ ଗ୍ରହଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିଥିଲୁଟ ବର୍ତ୍ତମାନ ଆମେ ନ୍ୟୁଟ୍ରିନୋ ସାହାଯ୍ୟରେ ବ୍ରହ୍ମାଣ୍ଡର ସବୁଠାରୁ ହିଂସାତ୍ମକ ଏବଂ ରହସ୍ୟମୟ ଘଟଣାଗୁଡ଼ିକୁ ବୁଝିପାରୁଛୁ। ଏହି ଆବିଷ୍କାର ଆମକୁ ଅନୁଭବ କରାଏ ଯେ ବ୍ରହ୍ମାଣ୍ଡ କେବଳ ଆମେ ଯାହା ଦେଖୁ ତାହା ନୁହେଁ, ବରଂ ଆହୁରି ଅନେକ କିଛି ଅଛି ଯାହା ଅଦୃଶ୍ୟ, ଏବଂ ଏହାକୁ ବୁଝିବା ପାଇଁ, ଆମକୁ ନୂତନ ଆଖି ଆବଶ୍ୟକ। ଆଇସକ୍ୟୁବ୍ ଆମକୁ ସେହି ନୂତନ ଆଖି ଦେଇଛି।

ଏହିପରି, ଆଇସକ୍ୟୁବ୍ ନ୍ୟୁଟ୍ରିନୋ ଅବଜରଭେଟୋରୀ ବୈଜ୍ଞାନିକମାନଙ୍କ ପାଇଁ କେବଳ ଏକ ପରୀକ୍ଷାଗାର ନୁହେଁ, ବରଂ ମାନବଜାତି ପାଇଁ ଏକ ନୂତନ ଝରକା, ଯାହା ଆମକୁ ବ୍ରହ୍ମାଣ୍ଡର ରହସ୍ୟଗୁଡ଼ିକୁ ଦେଖିବା ଏବଂ ବୁଝିବାକୁ ଅନୁମତି ଦିଏ। ଏହା ଆମକୁ ଶିକ୍ଷା ଦିଏ ଯେ ଜ୍ଞାନର ସନ୍ଧାନ କେବେ ଶେଷ ହୁଏ ନାହିଁ, ଏବଂ ପ୍ରତ୍ୟେକ ନୂତନ ଆବିଷ୍କାର ଆମକୁ ଆମର ଅସ୍ତିତ୍ୱ ଏବଂ ବ୍ରହ୍ମାଣ୍ଡ ମଧ୍ୟରେ ସମ୍ପର୍କକୁ ଅଧିକ ଗଭୀର ଭାବରେ ବୁଝିବାର ସୁଯୋଗ ଦିଏ।

ଆବିଷ୍କାରର ବୈଜ୍ଞାନିକ ଏବଂ ସାଂସ୍କୃତିକ ପ୍ରଭାବ - ଏହି ଆବିଷ୍କାର ନ୍ୟୁଟ୍ରିନୋ ଜ୍ୟୋତିର୍ବିଜ୍ଞାନର ମୂଳଦୁଆ ପକାଇଥିଲା। ପୂର୍ବରୁ, ଜ୍ୟୋତିର୍ବିଜ୍ଞାନ କେବଳ ଆଲୋକ, ରେଡିଓ ତରଙ୍ଗ କିମ୍ବା ମହାକର୍ଷୀୟ ତରଙ୍ଗ ଉପରେ ଆଧାରିତ ଥିଲା, କିନ୍ତୁ ବର୍ତ୍ତମାନ ନ୍ୟୁଟ୍ରିନୋ ମଧ୍ୟ ବ୍ରହ୍ମାଣ୍ଡର ବାର୍ତ୍ତାବାହକ ପାଲଟିଛନ୍ତି। ମହାଜାଗତିକ ଉତ୍ସଗୁଡ଼ିକୁ ଚିହ୍ନଟ କରିବା: ନ୍ୟୁଟ୍ରିନୋଗୁଡ଼ିକ କୃଷ୍ଣଗହ୍ୱର, ସୁପରନୋଭା ବିସ୍ଫୋରଣ ଏବଂ ଗାମା-ରେ ବିସ୍ଫୋରଣ ଭଳି ଘଟଣା ବିଷୟରେ ସିଧାସଳଖ ସୂଚନା ପ୍ରଦାନ କରନ୍ତି। ନୂତନ ୱିଣ୍ଡୋ: ଯେହେତୁ ନ୍ୟୁଟ୍ରିନୋଗୁଡ଼ିକ ଚୁମ୍ବକୀୟ କ୍ଷେତ୍ର ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ, ସେମାନେ ଆମକୁ ସିଧାସଳଖ କହିପାରନ୍ତି ଯେ ସେମାନେ କେଉଁଠାରୁ ଆସିଛନ୍ତି। ମାନବତା ପାଇଁ ଗୁରୁତ୍ୱ: ଏହି ଆବିଷ୍କାର ଆମକୁ ବୁଝିବାରେ ସାହାଯ୍ୟ କରେ ଯେ ବ୍ରହ୍ମାଣ୍ଡରେ ପ୍ରାକୃତିକ 'କଣା ତ୍ୱରାନ୍ୱିତକାରୀ' କିପରି କାର୍ଯ୍ୟ କରନ୍ତି, ଯାହା ପୃଥିବୀରେ ନିର୍ମିତ ଯେକୌଣସି ପରୀକ୍ଷାଗାର ଅପେକ୍ଷା ଲକ୍ଷ ଲକ୍ଷ ଗୁଣ ଅଧିକ ଶକ୍ତିଶାଳୀ। ହାଲଜେନଙ୍କ ଅବଦାନ ଏବଂ ଯାତ୍ରା - ଫ୍ରାନ୍‌ସିସ୍ ହାଲଜେନ ୧୯୪୪ ମସିହାରେ ବେଲଜିୟମରେ ଜନ୍ମଗ୍ରହଣ କରିଥିଲେ ଏବଂ ପରେ ଯୁକ୍ତରାଷ୍ଟ୍ରକୁ ଚାଲିଯାଇଥିଲେ। ସେ ୱିସ୍କନସିନ୍-ମାଡିସନ୍ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବରେ କାର୍ଯ୍ୟ କରିଥିଲେ ଏବଂ ସେଠାରୁ ଆଇସ୍‌କ୍ୟୁବ୍ ପ୍ରକଳ୍ପର ନେତୃତ୍ୱ ନେଇଥିଲେ। ୨୦୧୧ ମସିହାରେ ପର୍ଯ୍ୟବେକ୍ଷଣାଗାର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିଲା ଏବଂ କିଛି ବର୍ଷ ମଧ୍ୟରେ ଏହା ପ୍ରଥମ ପ୍ରମାଣ ପ୍ରଦାନ କରିଥିଲା ଯେ ଅତ୍ୟନ୍ତ ଶକ୍ତିଶାଳୀ ନ୍ୟୁଟ୍ରିନୋ ଆମ ସୌରମଣ୍ଡଳ ବାହାରୁ ଆସୁଛନ୍ତି। ତାଙ୍କର ଦୂରଦୃଷ୍ଟି ଏବଂ ଦୃଢ଼ତା ବୈଜ୍ଞାନିକମାନଙ୍କୁ ଏକ ଉପକରଣ ଦେଇଛି ଯାହା ବ୍ରହ୍ମାଣ୍ଡର ସବୁଠାରୁ ହିଂସାତ୍ମକ ଏବଂ ରହସ୍ୟମୟ ଘଟଣାଗୁଡ଼ିକୁ ବୁଝିବାରେ ସାହାଯ୍ୟ କରେ। ୨୦୨୬ ନୋବେଲ ପୁରସ୍କାର ପ୍ରତୀକ କରେ ଯେ ବିଜ୍ଞାନ କେବଳ ପରୀକ୍ଷାଗାର ମଧ୍ୟରେ ସୀମିତ ନୁହେଁ ଟ ପୃଥିବୀର ସବୁଠାରୁ କଷ୍ଟକର ଏବଂ ଦୂରବର୍ତ୍ତୀ ସ୍ଥାନରେ ମଧ୍ୟ ନୂତନ ଦୃଷ୍ଟିକୋଣ ଆବିଷ୍କାର କରାଯାଇପାରିବ। ଫ୍ରାନ୍‌ସିସ୍ ହାଲଜେନଙ୍କ ଆବିଷ୍କାର ଆମକୁ ଦେଖାଇଛି ଯେ ବ୍ରହ୍ମାଣ୍ଡର ରହସ୍ୟଗୁଡ଼ିକୁ କେବଳ ଆଲୋକ ମାଧ୍ୟମରେ ନୁହେଁ, ବରଂ ଆମ ଶରୀର ଏବଂ ପୃଥିବୀ ମଧ୍ୟ ଦେଇ ନୀରବରେ ଯାତ୍ରା କରୁଥିବା ଅଦୃଶ୍ୟ କଣିକା ମାଧ୍ୟମରେ ମଧ୍ୟ ବୁଝିହେବ।

ସୁଗନ୍ଧରାଜର ମହକ ନୂଆ ପରିଚୟ(୨)

ପାଚେରି ଧାରରେ ରଙ୍ଗ ବେରଙ୍ଗର ଫୁଲ ଦେଖି ସକାଳବୁଲା ଲୋକମାନେ ବିନାନୁମତିରେ ଫୁଲ ତୋଳି ନିଅନ୍ତି। ରାଜୁବାବୁ ଠାକୁର ପୂଜା ପାଇଁ ଫୁଲ ନପାଇ ବ୍ୟସ୍ତ ହୁଅନ୍ତି। ବେଳେବେଳେ ବଡ ପାଟିରେ କୁହନ୍ତି, 'ଚୋରି ଫୁଲରେ ପୂଜା କଲେ ଘରେ ବାସ୍ତୁଦୋଷ ସୃଷ୍ଟି ହେବ। 'ହେଲେ ତାଙ୍କ କଥାକୁ କେହି ଖାତିର୍ କରନ୍ତି ନାହିଁ। ଥରେ ନୂଆ ନୂଆ ଫୁଟିଥିବା ସୁଗନ୍ଧରାଜ ଫୁଲଗୁଡିକୁ କିଏ ଚୋରି କରି ନେଇଯିବାରୁ ରାଜୁବାବୁ ଅତି ମର୍ମାହତ ହେଲେ। ତା ପରଠାରୁ ସେ ରାତି ଚାରିଟାରୁ ଉଠି ଟର୍ଚ୍ଚ ଧରି ଫୁଲ ତୋଳା ଆରମ୍ଭ କରିଦେଲେ। ଠାକୁରଙ୍କ ପାଇଁ ଫୁଲ ରଖି କିଛି ଫୁଲ ସ୍ତ୍ରୀ ମେଘାକୁ ଧରାଇ ଦିଅନ୍ତି। କଳା ମଚମଚ ରାଜୁବାବୁ ଗୌରବର୍ଣ୍ଣା ମେଘାକୁ ଭାରି ଭଲ ପା'ନ୍ତି। ମେଘା ମାଳ ଗୁଚ୍ଛି ଗଭାକୁ ଶୋଭାମୟ କରି ବାହାରେ ଥରେ ଦିଥର ବୁଲି ଆସି ଆତ୍ମତୃପ୍ତି ପାଏ। ପଢିଶା ଝିଅ ଚନ୍ଦୁରି ଈର୍ଷାନ୍ୱିତ ହୋଇ ତାଙ୍କ ଅଗୋଚରରେ ମୁହଁ ମୋଡି ଦିଏ।

ରାଜୁବାବୁ ପାନ ମସଲା ହୋଲସେଲର। ଦୋକାନ ଗଲାପରେ ମେଘା ଏକୁଟିଆ ମୋବାଇଲରେ ଗପେ ନହେଲେ ଟିଭିରେ ବିଭିନ୍ନ ଧାରାବାହିକ ଦେଖେ। ଦିନେ ଜଣେ ମହିଳା ଶୁଖୁଆ ବିକିବାକୁ ଆସି ମେଘା ଦୁଆରେ ଝୁଡି ରଖି ବସିଗଲା। 'ଶୁଖୁଆବାଲୀଟା ଗନ୍ଧ ହେଉଛି' ବୋଲି କେହି ନକହିବାରୁ ତାର ସାହସ ହେଲା। କେହି କିଛି ପ୍ରତିରୋଧ ନକରିବାରୁ ତାର ଆତ୍ମ ବିଶ୍ୱାସ ବଢିଲା। ସେ ମେଘାକୁ ମାଗି ଆଞ୍ଜୁଳାରେ ପାଣି ପିଇଲା। ସାଆନ୍ତାଣିଙ୍କ ଜୁଡାକୁ ଦେଖି ପ୍ରଶଂସା କରିବାରୁ ମେଘା ମନେ ମନେ ଖୁସି ହେଲା। ନୋଳିଆଣୀଟି ମେଘାର ହୃଦୟ ଜିଣିବାକୁ ଚୁଙ୍ଗୁଡି ଶୁଖୁଆ କିଛି ମାଗଣାରେ ଥୋଇଦେଲା। ଯେତେ ଜାଚିଲେ ବି ସେ ପଇସା ନେଲା ନାହିଁ। ପରେ ନିଜର ନାମ 'ସାଙ୍ଗମା' କହି ଚାଲିଗଲା।

ପ୍ରତିଥର ସାଙ୍ଗମା ବେପାର ସାରି ମେଘା ସହିତ ଗପସପ କରେ। ଧିରେ ଧିରେ ସେ ମେଘାର ପ୍ରିୟଭାଜନ ହେବାକୁ ଲାଗିଲା। ମେଘା ଓ ରାଜୁ ସାଙ୍ଗମାଠାରୁ କମ୍ ଦରରେ ଶୁଖୁଆ ପାଇ ଖୁସି ହେଲେ। ଅନ୍ୟମାନଙ୍କ ଭଳି ସେ ଦୁହେଁ ଶୁଖୁଆବାଲୀ ନୋଳିଆଣିକୁ ନାକ ଟେକୁ ନଥିବାରୁ ସାଙ୍ଗମା ଦୁହିଁଙ୍କୁ ଭଲ ପାଇଗଲା।

ଲଗାତାର ପ୍ରାୟ ଚାରି ମାସ ସାଙ୍ଗମାର ଦେଖା ନମିଳିବାରୁ ଦୁହେଁ ଭଲ ଶୁଖୁଆ ପାଇ ପାରିଲେ ନାହିଁ। ଚୁଙ୍ଗୁଡି ଚଟଣି, ପୋଇଆଳୁ ଚୁଙ୍ଗୁଡି ରାଇକୁ ଦମ୍ଭଉ ମନେ ପକାଇଲେ। ସାଙ୍ଗମାର ମୋବାଇଲ ନମ୍ବର ରଖିନଥିବାରୁ ଅନେକ ଅଶୁଭ କଥା ଉଭୟଙ୍କୁ ଭାରାକ୍ରାନ୍ତ କଲା। ତାର ଖୋଜ ଖବର ନମିଳିବାରୁ ମାଛୁଆ ବଜାରେ ଚୁଙ୍ଗୁଡି ଶୁଖୁଆର ଦାମ୍ ଅଧିକ ବୋଲି ରାଜୁବାବୁ ଅନ୍ୟ ସ୍ଥାନରୁ ଆଇଁଷ ଆଣି ଚଳାଇ ଦିଅନ୍ତି। ମେଘାର ମନବୋଧ ହୁଏନାହିଁ। ସେ ସାଙ୍ଗମା ଚୁଙ୍ଗୁଡିକୁ ଭାରି ଝୁରି ହେଲା।

କିଛିଦିନ ପରେ ହଠାତ୍ ଦିନେ ଦୁଆର କବାଟ ଠକ ଠକ୍ ହେଲା। ମେଘା କବାଟ ଖୋଲି ସାଙ୍ଗମାକୁ ଦେଖି ଆତ୍ମ ବିଭୋର ହୋଇଗଲା। ଘରେ ବସାଇ ସର୍ବତ ପିଇବାକୁ ଦେଲା। କଥାବାର୍ତ୍ତା ଛଳରେ ସେ ମେଘାକୁ କହିଲା ତାର ଭଡା ଘରଟିଏ ଦରକାର। ସେଠି ଶୁଖୁଆ ଝୁଡି ରଖିବ ଆଉ ଗାଁ ବୁଲା ପରେ ବେଳେବେଳେ ବିଶ୍ରାମ ନବ।

ପାଚେରି ସେପଟେ ଗୋଟେ ଟିଣ ଚଦର ପକା ଘର ରାଜୁବାବୁ ବୁଝି ଦେଲେ। ସାଙ୍ଗମା ସେଠି ଅବସ୍ଥାନ କଲା। ଚୁଙ୍ଗୁଡି ଶୁଖୁଆ ସିନା ପାଟିକୁ ସୁସ୍ୱାଦ ହେଲେ ଘରକୁ ପଶି ଆସୁଥିବା ଆଇଁଷ ଝୁଡିର ଦୁର୍ଗନ୍ଧକୁ ସହି ପାରୁ ନଥାନ୍ତି ରାଜୁବାବୁ। ଦୋକାନ ଯିବା ପର୍ଯ୍ୟନ୍ତ ସେ ଅଣ ନିଃଶ୍ୱାସୀ ହୁଅନ୍ତି। କିନ୍ତୁ ସାଙ୍ଗମାର ବଦାନ୍ୟତାକୁ ସୂଚାଇ ମେଘା ତାଙ୍କୁ ଶାନ୍ତ କରାଇ ଦିଏ।

ଚୋରଙ୍କ ଲୋଲୁପ ଦୃଷ୍ଟିରୁ ଫୁଲଗୁଡିକୁ ବଞ୍ଚାଇ ସାଙ୍ଗମା ଫୁଲ ସଂଗ୍ରହ କରି ମେଘାକୁ ଦିଏ ଓ କିଛି ଫୁଲ ମୁଣ୍ଡରେ ଖୋସି ବେପାରକୁ ଯାଏ। ରାଜୁବାବୁଙ୍କର ଆଉ ଫୁଲ ତୋଳା ଝିଞ୍ଜଟ ନଥାଏ।

ଦିନେ ଦିନେ ରାତି ଅଧରୁ ବାବୁଙ୍କ ନିଦ ଭାଙ୍ଗିଯାଏ। ସାଙ୍ଗମା କବାଟ ଖୋଲି ନଥିଲେ ସେ ଫୁଲ ତୋଳି କିଛି ସୁଗନ୍ଧରାଜ ଫୁଲ ତା ଝରକା ପାଖରେ ଥୋଇ ଦିଅନ୍ତି। ଭାବନ୍ତି ସାଙ୍ଗମା ତେଲୁଗୁ ମହିଳା, ସେ ମୁଣ୍ଡରେ ଖୋସିଲେ ତା ମତ୍ସ୍ୟଗନ୍ଧା ଶରୀରର ଦୁର୍ଗନ୍ଧକୁ ସୁଗନ୍ଧରାଜ କ୍ରମଶଃ ହ୍ରାସ କରିବ। ବଳକା ଫୁଲଗୁଡିକୁ ଘରକୁ ନିଅନ୍ତି।

ସାଙ୍ଗମା ଗଭାରେ ଶୋଭା ପାଉଥିବା ଫୁଲ ସବୁ ଯେ ସ୍ୱାମୀଙ୍କ ଉପହାର ସେ କଥା ମେଘା ଜାଣି ପାରେନାହିଁ। କେବଳ ଆଇଁଷ ବାର ଦେଖି ଶୁଖୁଆ କିଛି ପାଇଲେ ସେ ରୋଷେଇ କରେ ଆଉ ଗିନାଟେ ତରକାରୀ ସାଙ୍ଗମାଙ୍କୁ ଦେଇଦିଏ। ସେଥିରେ ତାର ଆନନ୍ଦ। ଆଗେ ସାଙ୍ଗମାର ଝୁଡି ଦୁର୍ଗନ୍ଧ ଛାଡୁଥିଲା। ଧିରେ ଧିରେ ଦେହସୁଆ ହେବାରୁ ଏବେ ରାଜୁବାବୁଙ୍କୁ ସାଙ୍ଗମାର ସବୁକିଛି ସୁଗନ୍ଧ ଲାଗିଲା। ସାଙ୍ଗମାର କୋମଳ କଣ୍ଠସ୍ୱରର ବଙ୍କା ବଙ୍କା ଓଡ଼ିଆ କଥା ରାଜୁଙ୍କ ହୃଦୟରେ କଲା ଅବସ୍ଥାନ। କେବେ କେମିତି ଫେରିବାଲାଠୁ କିଛି କିଣିବା ପାଇଁ ମେଘା ଟଙ୍କା ଆବଶ୍ୟକ କଲେ ସାଙ୍ଗମାଠାରୁ ଉଧାର ନିଏ। ପରେ ବିନା ସୁଧରେ ଫେରାଇ ଦିଏ।

ସାଙ୍ଗମାର ଆନ୍ତରିକତା, ସହାୟତା ଓ ତଟକା ଶୁଖୁଆ ରାଜୁବାବୁଙ୍କୁ ପ୍ରଲୋଭିତ କଲା। ଶ୍ୟାମଳୀ ସାଙ୍ଗମାର ଶରୀର ଗଠନ ବେଶ୍ ଚମତ୍କାର। ଉନ୍ନତ ବକ୍ଷ, ଦୃଷ୍ଟି ଆକର୍ଷକ ନିତମ୍ବ, ଲମ୍ବ ଘନକେଶ, ପୋଟଳଚିରା ଆଖି, ରଙ୍ଗ ଅଧର ତାଙ୍କୁ ଆନମନା କଲା। ସେ ଯେମିତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ମନ୍ଦିର ଗାତ୍ରର ନୀରବ ନିସ୍ପନ୍ଦ ନଟୀଟିଏ। ସାଙ୍ଗମାର ଗୋଲାକାର ମୁଖମଣ୍ଡଳରେ କଳାରେ ଅଙ୍କିତ ଲମ୍ବାଟୀକା ଓ ଭ୍ରୁଲତା ରାଜୁବାବୁଙ୍କୁ ଅଧିକ ଚମତ୍କାର ଦିଶେ।

ନିର୍ବିକାର ପ୍ରଭାତ
ହାପିକଲୋନୀ, ଗୋପ, ପୁରୀ
ଶୂନ୍ୟଭାଷ : ୭୯୭୮୩୫୬୭୭

ମେଘା ଅସୁସ୍ଥ ଥିଲେ ସାଙ୍ଗମା ବେପାରକୁ ନଯାଇ ତା ଗୋଡ ହାତରେ ତେଲ ଘସିଦିଏ। ମେଘାକୁ ସବୁ କାମରେ ସାହାଯ୍ୟ କରୁଥିବାରୁ ରାଜୁବାବୁ ବେଳ ଅବେଳରେ ତା କାମରେ ତାକୁ ଗାଡିରେ ବସାଇ ବାହାରକୁ ନେଇ ଯା'ନ୍ତି।

ଶାଗଖୁଆକୁ ପେଜଖୁଆ ସହି ପାରେ ନାହିଁ। ବୈଧବ୍ୟ ଯନ୍ତ୍ରଣାରେ ଜଳୁଥିବା ଚନ୍ଦୁରି ମେଘାକୁ ଅନେକ କଥା କହିଲା। ସେ ଦୁହିଁଙ୍କ ଭିତରେ କିଛି ଅନୈତିକ ସମ୍ପର୍କ ଅଛି କହି ସଜ ମାଛ

ମା' କାତ୍ୟାୟନୀ: ସମର୍ପଣ, ଶକ୍ତି ଏବଂ ଦିବ୍ୟ ପ୍ରେମର ଅନନ୍ୟ ସ୍ୱରୂପ

ସନାତନ ହିନ୍ଦୁ ଧର୍ମରେ ନବରାତ୍ରୀର ନଅ ଦିନ ଆଧ୍ୟାତ୍ମିକ ଚେତନା ଏବଂ ଶକ୍ତି ସାଧନାର ଏକ ପବିତ୍ର ପର୍ବ। ଏହି ନଅ ଦିନ ମଧ୍ୟରେ ମା' ଦୁର୍ଗାଙ୍କର ନଅଟି ଭିନ୍ନ ଭିନ୍ନ ସ୍ୱରୂପକୁ ପୂଜା କରାଯାଇଥାଏ। ଶାରଦୀୟ ନବରାତ୍ରୀର ଷଷ୍ଠ ଦିନ ହେଉଛି ମହାଶକ୍ତି ମା' କାତ୍ୟାୟନୀଙ୍କ ଆରାଧନାର ଦିନ। ମା' କାତ୍ୟାୟନୀଙ୍କ ସ୍ୱରୂପ କେବଳ ଉଗ୍ର ଏବଂ ଯୁଦ୍ଧପ୍ରିୟ ନୁହେଁ, ବରଂ ଏହା ଭକ୍ତମାନଙ୍କ ପାଇଁ ଅତ୍ୟନ୍ତ କରୁଣାମୟୀ ଏବଂ ବାତ୍ସଲ୍ୟ ମମତାରେ ପୂର୍ଣ୍ଣ। ଯେଉଁମାନେ ନିଜର ମନ, ପ୍ରାଣ ଏବଂ ଆତ୍ମାକୁ ଜଗତଜନନୀଙ୍କ ଚରଣରେ ସମର୍ପି ଦିଅନ୍ତି, ସେମାନଙ୍କୁ ମା' କାତ୍ୟାୟନୀ ଅଭୟ ପ୍ରଦାନ କରନ୍ତି।

ମା'ଙ୍କର 'କାତ୍ୟାୟନୀ' ନାମ ପଛରେ ଏକ ସୁନ୍ଦର ଏବଂ ଭାବପୂର୍ଣ୍ଣ କାହାଣୀ ରହିଛି। ପୁରାଣ ଅନୁସାରେ, କାତ୍ୟ ଗୋତ୍ରରେ 'କତ' ନାମକ ଜଣେ ପ୍ରସିଦ୍ଧ ମହର୍ଷି ଥିଲେ। ତାଙ୍କ ପୁତ୍ର ଥିଲେ ମହର୍ଷି କାତ୍ୟାୟନ। ମହର୍ଷି କାତ୍ୟାୟନ ମା' ଜଗଦମ୍ବାଙ୍କର ଜଣେ ପରମ ଭକ୍ତ ଥିଲେ। ସେ ଅନେକ ବର୍ଷ ଧରି କଠୋର ତପସ୍ୟା କରିଥିଲେ ଏବଂ ତାଙ୍କର ଏକମାତ୍ର ଇଚ୍ଛା ଥିଲା ଯେ, ଆଦିଶକ୍ତି ତାଙ୍କର କନ୍ୟା ରୂପରେ ଜନ୍ମଗ୍ରହଣ କରନ୍ତୁ। ସେହି ସମୟରେ ମହିଷାସୁର ନାମକ ରାକ୍ଷସର ଅତ୍ୟାଚାର ଜଗତରେ ସୀମାପାର କରିସାରିଥିଲା। ତ୍ରିଲୋକରେ ତ୍ରାହି ତ୍ରାହି ଡାକ ପଡ଼ିଥିଲା। ଦେବତାମାନଙ୍କୁ ରକ୍ଷା କରିବା ପାଇଁ ଏବଂ ମହର୍ଷି କାତ୍ୟାୟନଙ୍କ ପ୍ରାର୍ଥନା ରକ୍ଷା କରିବା ପାଇଁ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ତେଜରୁ ଏକ ଦିବ୍ୟ ଶକ୍ତିର ଆବିର୍ଭାବ ହେଲା। ଆଶ୍ୱିନ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ମହର୍ଷି କାତ୍ୟାୟନଙ୍କ ଆଶ୍ରମରେ ଏହି ଦେବୀ ଜନ୍ମ ନେଲେ। ମହର୍ଷି କାତ୍ୟାୟନ ପ୍ରଥମେ ତାଙ୍କୁ ଆଶ୍ୱିନ ଶୁକ୍ଳ ସପ୍ତମୀ, ଅଷ୍ଟମୀ ଏବଂ ନବମୀ - ଏହି ତିନି ଦିନ ଧରି ଭକ୍ତିପୂତ ଚିତ୍ତରେ ପୂଜା କରିଥିଲେ। ଦଶମୀ ତିଥିରେ ମା' କାତ୍ୟାୟନୀ ମହିଷାସୁରକୁ ବଧ କରି ସୃଷ୍ଟିକୁ ଶାନ୍ତି ଫେରାଇ ଆଣିଥିଲେ। କାତ୍ୟାୟନ ଋଷିଙ୍କ ଦ୍ୱାରା ପ୍ରଥମେ ପୂଜିତ ହୋଇଥିବାରୁ ଏବଂ ତାଙ୍କର କନ୍ୟା ରୂପେ ଖ୍ୟାତ ହୋଇଥିବାରୁ ତାଙ୍କ ନାମ 'କାତ୍ୟାୟନୀ' ହେଲା।

ମା' କାତ୍ୟାୟନୀଙ୍କ ସ୍ୱରୂପ ଅତ୍ୟନ୍ତ ଭାସ୍କର ଏବଂ ଦୀପ୍ତିମାନ। ମା'ଙ୍କ ଶରୀରର ଜ୍ୟୋତି ସ୍ୱର୍ଣ୍ଣ ଭଳି ଉଜ୍ଜ୍ୱଳ। ମା' ଚତୁର୍ଭୁଜା, ଅର୍ଥାତ୍ ତାଙ୍କର ଚାରୋଟି ହାତ ରହିଛି। ଡାହାଣ ପଟର ଉପର ହାତ ଅଭୟ ମୁଦ୍ରାରେ ଥାଏ, ଯାହା ଭକ୍ତଙ୍କୁ ଭୟରୁ ମୁକ୍ତି ଦିଏ। ଡାହାଣ ପଟର ତଳ ହାତ ବରଦା ମୁଦ୍ରାରେ ଥାଏ, ଯାହା ମାଙ୍ଗଲିକ ଆଶୀର୍ବାଦ ପ୍ରଦାନ କରେ। ସେହିଭଳି ବାମ ପଟର ଉପର ହାତରେ ଦିବ୍ୟ ଖଡ୍ଗ (ଖଣ୍ଡା) ଶୋଭାପାଏ, ଯାହା ଅଧର୍ମ ନାଶର ପ୍ରତୀକ ଏବଂ ବାମ ପଟର ତଳ ହାତରେ ଏକ ସୁନ୍ଦର ପଦ୍ମଫୁଲ ରହିଛି, ଯାହା ପବିତ୍ରତା, ଜ୍ଞାନ ଏବଂ ସୌନ୍ଦର୍ଯ୍ୟର ସୂଚକ। ମା' ସିଂହ ଉପରେ ବିରାଜମାନ କରନ୍ତି। ସିଂହବାହିନୀ ରୂପରେ ମା'ଙ୍କର ଏହି ରୂପ ସାହସ, ନିର୍ଭୀକତା ଏବଂ ସକାରାତ୍ମକ ଶକ୍ତିର ପ୍ରତୀକ ଅଟେ।

ମା' କାତ୍ୟାୟନୀ କେବଳ ଶକ୍ତିର ଦେବୀ ନୁହନ୍ତି, ସେ ହେଉଛନ୍ତି ସାଧନା ଏବଂ ସମର୍ପଣର ମାଧ୍ୟମ। ଶ୍ରୀମଦ୍ ଭାଗବତ ପୁରାଣରେ ବର୍ଣ୍ଣିତ ଅଛି ଯେ, ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କୁ ପତି ରୂପରେ ପାଇବା ପାଇଁ ବ୍ରଜର ଗୋପୀମାନେ ମା' କାତ୍ୟାୟନୀଙ୍କର କଠୋର ବ୍ରତ କରିଥିଲେ। କାଳିନ୍ଦୀ (ଯମୁନା) ନଦୀ କୂଳରେ ଗୋପୀମାନେ ବାଲିର ମୂର୍ତ୍ତି ଗଢ଼ି ପ୍ରତିଦିନ ସକାଳୁ ନିମ୍ନ ବର୍ଣ୍ଣିତ ମନ୍ତ୍ର ଜପ କରୁଥିଲେ।

'କାତ୍ୟାୟନୀ ମହାମାୟେ ମହାଯୋଗିନ୍ୟଧୀଶ୍ୱରୀ।
ନନ୍ଦଗୋପସୁତଂ ଦେବୀ ପତିଂ ମେ କୁରୁ ତେ ନମଃ ?'

ମା' କାତ୍ୟାୟନୀ ଗୋପୀମାନଙ୍କର ନିଷ୍କାମ ପ୍ରେମ ଏବଂ ଭକ୍ତିରେ ପ୍ରସନ୍ନ ହୋଇ ସେମାନଙ୍କର ମନସ୍କାମନା ପୂର୍ଣ୍ଣ କରିଥିଲେ। ଏହି କାରଣରୁ ବିବାହରେ ଆସୁଥିବା ବାଧାବିଘ୍ନ ଦୂର କରିବା ପାଇଁ ଏବଂ ଯୋଗ୍ୟ ଜୀବନସାଥୀ ପାଇବା ପାଇଁ ମା'ଙ୍କର ପୂଜା ଅତ୍ୟନ୍ତ ଫଳଦାୟୀ ବୋଲି ବିଶ୍ୱାସ କରାଯାଏ।

ଆଧ୍ୟାତ୍ମିକ ସାଧନାରେ ମା' କାତ୍ୟାୟନୀ 'ଆଜ୍ଞା ଚକ୍ର' ସହ ଜଡ଼ିତ। ନବରାତ୍ରୀର ଷଷ୍ଠ ଦିନରେ ସାଧକ ନିଜର ମନକୁ ଆଜ୍ଞା ଚକ୍ରରେ କେନ୍ଦ୍ରୀଭୂତ କରନ୍ତି। ଏହି ଚକ୍ରରେ ମନ ସ୍ଥିର ହେଲେ ସାଧକ ଭିତରେ ଅଲୌକିକ ଜ୍ଞାନ, ଆତ୍ମବିଶ୍ୱାସ ଏବଂ ଦୂରଦୃଷ୍ଟିର ବିକାଶ ଘଟେ। ମା'ଙ୍କ କୃପାରୁ ମନୁଷ୍ୟ ଭୟ ଓ ଆଶଙ୍କାରୁ ମୁକ୍ତ ହୋଇ ଜୀବନର ପ୍ରକୃତ ଲକ୍ଷ୍ୟ ପଥରେ ଆଗେଇ ଚାଲେ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ମା' କାତ୍ୟାୟନୀ ବୃହସ୍ପତି ଗ୍ରହକୁ ନିୟନ୍ତ୍ରଣ କରନ୍ତି। ଯେଉଁମାନଙ୍କ କୁଣ୍ଡଳୀରେ ବୃହସ୍ପତି ଦୋଷ ଥାଏ, ସେମାନେ ମା'ଙ୍କର ସାଧନା କଲେ ସମସ୍ତ ସମସ୍ୟାରୁ ମୁକ୍ତି ପାଆନ୍ତି। ଧନ, ବିଦ୍ୟା, ଯଶ ଏବଂ ପାରିବାରିକ ସୁଖ ଶାନ୍ତି ପ୍ରାପ୍ତି ପାଇଁ ମା'ଙ୍କର ଆଶୀର୍ବାଦ ଅପରିହାର୍ଯ୍ୟ।

ନବରାତ୍ରୀର ଷଷ୍ଠ ଦିନରେ ପ୍ରାତଃ ସ୍ନାନ ସାରି ସ୍ୱଚ୍ଛ ବସ୍ତ୍ର ପରିଧାନ କରି ମା'ଙ୍କ ଆରାଧନା କରାଯାଏ। ମା'ଙ୍କୁ ହଳଦିଆ କିମ୍ବା ଲାଲ୍ ରଙ୍ଗର ବସ୍ତ୍ର, ଗୋଲାପ କିମ୍ବା ରଙ୍ଗଣୀ ଫୁଲ ଅର୍ପଣ କରାଯାଏ। ମା' କାତ୍ୟାୟନୀଙ୍କର ମହୁ ଅତ୍ୟନ୍ତ ପ୍ରିୟ। ଏହି ଦିନ ପ୍ରସାଦରେ ମହୁ କିମ୍ବା ମହୁ ପ୍ରସ୍ତୁତ ମିଠା ଅର୍ପଣ କଲେ ମା' ପ୍ରସନ୍ନ ହୋଇ ଭକ୍ତଙ୍କୁ ସୁନ୍ଦର ରୂପ, ଗୁଣ ଏବଂ ସୌଭାଗ୍ୟ ପ୍ରଦାନ କରନ୍ତି।

ମା' କାତ୍ୟାୟନୀଙ୍କ ସ୍ୱରୂପ ଆମକୁ ଜୀବନ ଜିଇଁବାର ଏକ ବଡ଼ ଶିକ୍ଷା ଦିଏ। ସେ ଏକାଧାରରେ ଜଣେ ସ୍ନେହମୟୀ କନ୍ୟା, ଜଣେ କରୁଣାମୟୀ ମାତା ଏବଂ ଦୁଷ୍ଟ ବିନାଶକାରୀ ମହାଶକ୍ତି। ସେ ଆମକୁ ଶିଖାନ୍ତି ଯେ, ଯେତେବେଳେ ସଂସାରରେ ଅଧର୍ମ, ଅନ୍ୟାୟ ଏବଂ ଅହଂକାର ବଢ଼ିଯାଏ, ସେତେବେଳେ ନିଜ ଭିତରର ଶକ୍ତିକୁ ଜାଗ୍ରତ କରିବା ଆବଶ୍ୟକ। ମହିଷାସୁର ଭଳି ବାହ୍ୟ ଶତ୍ରୁ କିମ୍ବା ଆମ ମନ ଭିତରେ ଥିବା କ୍ରୋଧ, ଲୋଭ, ଈର୍ଷା ଭଳି ଆନ୍ତରିକ ଶତ୍ରୁକୁ ବିନାଶ କରିବା ପାଇଁ ମା' କାତ୍ୟାୟନୀ ପ୍ରେରଣା ଦିଅନ୍ତି। ଜଣେ ମା' କଦାପି ତାର ସନ୍ତାନକୁ ଦୁଃଖରେ ଦେଖିପାରେ ନାହିଁ। ଆଜିର ଏହି ବ୍ୟସ୍ତବହୁଳ ଜୀବନରେ, ଯେତେବେଳେ ମଣିଷ ନିରାଶା ଏବଂ ଚିନ୍ତାରେ ବୁଡ଼ି ରହୁଛି, ମା'ଙ୍କ ଚରଣରେ ସାମାନ୍ୟ ଶରଣାଗତି ମନକୁ ଅପୂର୍ବ ଶାନ୍ତି ଦେଇଥାଏ। ଭକ୍ତ ଯେତେବେଳେ ଆଖି ବନ୍ଦ କରି ମା'ଙ୍କର ସର୍ଣ୍ଣାଭ ରୂପକୁ ହୃଦୟରେ ସ୍ମରଣ କରେ, ସେତେବେଳେ ତାର ସମସ୍ତ କଷ୍ଟ ଦୂର ହୋଇଯାଏ।

ମା' କାତ୍ୟାୟନୀଙ୍କ ପୂଜା କେବଳ ଏକ ରୀତିନୀତି ନୁହେଁ, ଏହା ହେଉଛି ଆତ୍ମଶୁଦ୍ଧି ଏବଂ ଦିବ୍ୟ ଚେତନାର ଉତ୍ସବ। ଆସନ୍ତୁ ଏହି ପବିତ୍ର ନବରାତ୍ରୀର ଷଷ୍ଠ ଦିନରେ ମା'ଙ୍କ ଚରଣ କମଳରେ ନିଜକୁ ସମର୍ପଣ କରିବା। ମା' ସମସ୍ତଙ୍କ ଜୀବନରୁ ଅନ୍ଧକାର ଦୂର କରି ଜ୍ଞାନ, ଭକ୍ତି, ଶାନ୍ତି ଏବଂ ପ୍ରେମର ଆଲୋକ ଭରି ଦିଅନ୍ତୁ - ଏହା ହିଁ ମା'ଙ୍କ ଚରଣରେ ଆକୁଳ ପ୍ରାର୍ଥନା।

ଯା ଦେବୀ ସର୍ବଭୂତେଷୁ ମା କାତ୍ୟାୟନୀ ରୂପେଣ ସଂସ୍ଥିତା।
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ?
ଜୟ ମା' କାତ୍ୟାୟନୀ !

ଦିଲ୍ଲୀପ କୁମାର ସାହୁ
ବରିଷ୍ଠ ସାମ୍ବାଦିକ, 'ପ୍ରଫୁଲ୍ଲ ଭବନ',
ଡିମ୍ବୋ, କେନ୍ଦୁଝର-୭୫୮୦୧୪

ମା' ଚନ୍ଦ୍ରଘଣ୍ଟା ନବଦୁର୍ଗାଙ୍କ ତୃତୀୟ ସ୍ୱରୂପା

ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ
ଖଣ୍ଡେଶ୍ୱରୀ ପାଟଣା, ଆସିକା ଗଞ୍ଜାମ
୯୮୬୧୩୩୪୮୬୮

ପବିତ୍ର ଶାରଦୀୟ ଦୁର୍ଗା ପୂଜା ଅବସରରେ ଦେବୀ ଦୁର୍ଗାଙ୍କ ଦ୍ୱିବିଧ ପୂଜା ଅନୁଷ୍ଠିତ ହୋଇଥାଏ। ଯଥା: ଷୋଡ଼ଶ ଦିନାତ୍ମକ ଓ ନବ ଦିନାତ୍ମକ ପୂଜା। ଯାହା ଲୋକଙ୍କ ମୁଖରେ ପ୍ରଥମଟିକୁ 'ଷୋଳପୂଜା' ଏବଂ ଦ୍ୱିତୀୟଟିକୁ 'ନବରାତ୍ର' ପୂଜା କୁହାଯାଏ। ଉଭୟ ମଧ୍ୟରୁ ଆଶ୍ୱିନ ମାସର ଶୁକ୍ଳପକ୍ଷ ପ୍ରତିପଦା ଠାରୁ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଯେଉଁ ପୂଜା ଅନୁଷ୍ଠିତ ହୁଏ, ତାହା ନବରାତ୍ର ପୂଜା ନାମରେ ପ୍ରସିଦ୍ଧ। ଏହି ସମୟରେ ଦେବୀ ଦୁର୍ଗାଙ୍କୁ ନଅ ଗୋଟି ସ୍ୱରୂପାରେ ପୂଜା ଓ ଆରଧନା କରାଯାଏ ବୋଲି ଶାସ୍ତ୍ରରେ ବର୍ଣ୍ଣିତ ରହିଛି:

ଓଁ ପ୍ରଥମଂ ଶୈଳପୁତ୍ରୀ ଚ
ଦ୍ୱିତୀୟଂ ବ୍ରହ୍ମଚାରିଣୀ।
ତୃତୀୟଂ ଚନ୍ଦ୍ରଘଣ୍ଟେତି
କୁଷ୍ମାଣ୍ଡେତି ଚତୁର୍ଥକମ୍ ?
ପଞ୍ଚମଂ ସ୍କନ୍ଦମାତେତି ଷଷ୍ଠଂ
କାତ୍ୟାୟନୀତି ଚ।
ସପ୍ତମଂ କାଲରାତ୍ରୀତି
ମହାଗୌରୀତି ଚାଷ୍ଟମମ୍ ?
ନବମଂ ସିଦ୍ଧିଦାତ୍ରୀ ଚ
ନବଦୁର୍ଗାଃ ପ୍ରକିର୍ତ୍ତିତାଃ।
ଉକ୍ତାନ୍ୟେତାନି ନାମାନି
ବ୍ରହ୍ମଣୈବ ମହାତ୍ମନା ?

ଅର୍ଥାତ୍ ପ୍ରଥମ ଦିନରେ ସେ ଶୈଳପୁତ୍ରୀ, ଦ୍ୱିତୀୟ ଦିନରେ ବ୍ରହ୍ମଚାରିଣୀ, ତୃତୀୟ ଦିନରେ ଚନ୍ଦ୍ରଘଣ୍ଟା, ଚତୁର୍ଥ ଦିନରେ କୁଷ୍ମାଣ୍ଡା, ପଞ୍ଚମ ଦିନରେ ସ୍କନ୍ଦମାତା, ଷଷ୍ଠ ଦିନରେ କାତ୍ୟାୟନୀ, ସପ୍ତମ ଦିନରେ କାଳରାତ୍ରୀ, ଅଷ୍ଟମ ଦିନରେ ମହାଗୌରୀ ଓ ନବମ ଦିନରେ ସିଦ୍ଧିଦାତ୍ରୀ ଭାବେ ପୂଜିତା ହୁଅନ୍ତି। ଶାରଦୀୟ ନବରାତ୍ରର ତୃତୀୟ ଦିବସରେ ଦେବୀ ଦୁର୍ଗାଙ୍କୁ ମା' ଚନ୍ଦ୍ରଘଣ୍ଟା ରୂପେ ପୂଜାର୍ଚ୍ଚନା କରାଯାଏ । ସେ ହେଉଛନ୍ତି ନବଦୁର୍ଗାଙ୍କ ତୃତୀୟ ସ୍ୱରୂପା । ମା' ମସ୍ତକରେ ଘଣ୍ଟି ଆକାରର ଏକ ଅର୍ଦ୍ଧଚନ୍ଦ୍ର ଶୋଭା ପାଉଥିବାରୁ ତାଙ୍କୁ 'ଚନ୍ଦ୍ରଘଣ୍ଟା' ବୋଲି କୁହାଯାଏ । ତାଙ୍କର ଏହି ରୂପ ଅତ୍ୟନ୍ତ କଲ୍ୟାଣକାରୀ, ବୀରତ୍ୱପୂର୍ଣ୍ଣ ଏବଂ ଶାନ୍ତି ପ୍ରଦାୟକ ଅଟେ । କଥିତ ଅଛି ଯେ ମା' ଚନ୍ଦ୍ରଘଣ୍ଟାଙ୍କ ଘଣ୍ଟ ଧ୍ୱନିରେ ଅତ୍ୟାଚାରୀ ଦାନବ ଓ ଦୈତ୍ୟ ସବୁ ଭୟଭୀତ ହୁଅନ୍ତି । ଏ ଦେବୀ ଦଶଭୁଜା ଏବଂ ତ୍ରିନୟନା ଅଟନ୍ତି । ଆଠଟି ହସ୍ତରେ ମା' ଅସ୍ତ୍ରଶସ୍ତ୍ର ଧାରଣ କରିବା ବେଳେ ଅନ୍ୟ ଦୁଇଟି ହସ୍ତରେ ଭକ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତି । ନବରାତ୍ର ଦିନ ଦେବୀଙ୍କୁ ସାଧକ 'ମଣିପୁର' ଚକ୍ରରେ ଧ୍ୟାନ କରିବା ସହିତ ତାହାଙ୍କ ପ୍ରିୟ ହଳଦୀ ରଙ୍ଗର ବସ୍ତ୍ର ଏବଂ କ୍ଷୀରରୁ ପ୍ରସ୍ତୁତ ମିଠା, ଖିରି ଓ ପକ୍ୱ ଫଳାଦି ନୈବେଦ୍ୟ ଭାବେ ପ୍ରଦାନ କରିଥାଏ । ଯଦ୍ଦ୍ୱାରା ସେ ଦୀର୍ଘାୟୁ, ଆରୋଗ୍ୟ ଓ ସୁଖ ସମୃଦ୍ଧି ଆଦି ପ୍ରାପ୍ତକରେ । ତେଣୁ ଉକ୍ତ ସମୟରେ ମାଆଙ୍କୁ ନିମ୍ନ ଲିଖିତ ଶ୍ଲୋକ ପାଠକରି ପ୍ରାର୍ଥନା କରାଯାଏ:

ପିଣ୍ଡଜପ୍ରବରାରୂଢା
ଚଣ୍ଡକୋପାସ୍ତ୍ରକୈର୍ଯୁତା।
ପ୍ରସାଦଂ ତନୁତେ ମହ୍ୟଂ
ଚନ୍ଦ୍ରଘଣ୍ଟେତି ବିଶ୍ରୁତା।।

ଅର୍ଥାତ୍ , ସିଂହ ଉପରେ ବିରାଜମାନ, ଭୟଙ୍କର ଅସ୍ତ୍ରଶସ୍ତ୍ର ଧାରଣ କରିଥିବା ଏବଂ ସଂସାରରେ 'ଚନ୍ଦ୍ରଘଣ୍ଟା' ନାମରେ ପ୍ରସିଦ୍ଧ ଥିବା ମାଆ ଦୁର୍ଗା ମୋ ଉପରେ ପ୍ରସନ୍ନ ହୋଇ ନିଜର କୃପା ବୃଷ୍ଟି କରନ୍ତୁ।

ଶାରଦୀୟ ଶୁଭଲଗ୍ନେ ଧରାକୁ ଓହ୍ଲାଇବେ ମା' ଦଶଭୁଜା

ସୁବ୍ରତ କୁମାର ଦାସ
ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩

ଶରତର ଧବଳ ଆକାଶ, କାଶତଣ୍ଡୀର ଶୁଭ୍ର ହସ ଓ ଶିଉଳିର ସୁଗନ୍ଧରେ ପ୍ରକୃତି ଯେତେବେଳେ ଅପୂର୍ବ ରୂପରେ ସଜେଇ ହୁଏ , ସେତେବେଳେ ଧରାପୃଷ୍ଠରେ ଅବତରଣ କରନ୍ତି ମା' ଜଗତଜନନୀ ଦୁର୍ଗା। ଆକାଶର ନୀଳିମାରେ ଭାସିଉଠେ ଆଶାର ଆଲୋକ, ପବନର ମୃଦୁ ସ୍ପର୍ଶରେ ଖେଳିଯାଏ ଭକ୍ତିର ଶିହରଣ ଏବଂ ମନର ନିଭୃତ କୋଣରେ ଜାଗି ଉଠେ ମାତୃବନ୍ଦନାର ଅପୂର୍ବ ଆବେଗ। ଏହି ଶରତର ଆଗମନ କେବଳ ଋତୁର ପରିବର୍ତ୍ତନ ନୁହେଁ, ଏହା ମା'ଙ୍କ ଆଗମନୀର ମଧୁର ସନ୍ଦେଶ ଅଟେ। ନୀଳ ଆକାଶରେ ଧଳା ବାଦଲର ଭାସମାନ ମେଳା, ନଦୀ ପଠାରେ କାଶତଣ୍ଡି ଫୁଲର ଦୋଳନ, ପ୍ରଭାତରେ ଶିଶିର ଭିଜା ଶିଉଳିର ମହକ ଆଉ ସନ୍ଧ୍ୟାର ଶଙ୍ଖଧ୍ୱନିସବୁକିଛି ଯେପରି ମା'ଙ୍କ ଆଗମନକୁ ସ୍ୱାଗତ କରିବା ପାଇଁ ସଜେଇ ହୋଇଉଠେ। ପ୍ରକୃତିର ପ୍ରତିଟି ପରଶରେ ଅନୁଭବ ହୁଏ ଏକ ଅଲୌକିକ ଆନନ୍ଦ, ପ୍ରତିଟି ହୃଦୟରେ ଜାଗି ଉଠେ ଅସୀମ ଭକ୍ତି ଓ ବିଶ୍ୱାସର ନୂତନ ସ୍ପନ୍ଦନ।

ଶାରଦୀୟ ଶୁଭଲଗ୍ନରେ ମା' ଦୁର୍ଗାଙ୍କ ଆଗମନକୁ ନେଇ ଗାଁଠୁ ସହର ସବୁଠି ଆରମ୍ଭ ହୋଇଯାଏ ଆନନ୍ଦର ଆୟୋଜନ। ରଙ୍ଗିନ ଆଲୋକମାଳାରେ ଝଲସି ଉଠେ ପୂଜାମଣ୍ଡପ, ଶିଳ୍ପୀଙ୍କ ନିହାଣ ମୁନରେ ଜୀବନ୍ତ ହୋଇଉଠେ ମା'ଙ୍କ ମନୋହର ମୂର୍ତ୍ତି। ମହିଷାସୁରର ବକ୍ଷରେ ତ୍ରିଶୂଳ ଧାରଣ କରି, ଦଶଭୁଜା ରୂପରେ ସିଂହବାହିନୀ ମା' ଯେତେବେଳେ ଆବିର୍ଭୂତ ହୁଅନ୍ତି, ସେତେବେଳେ ତାଙ୍କ ଦିବ୍ୟ ରୂପରେ ପ୍ରତିଫଳିତ ହୁଏ ଶକ୍ତି, ସାହସ, ଧୈର୍ଯ୍ୟ ଓ ଅସତ୍ୟ ବିରୋଧରେ ସଂଗ୍ରାମର ଅମୋଘ ବାର୍ତ୍ତା।

ମା'ଙ୍କ ଦଶଭୁଜା ଙ୍କ ଆଗମନ କେବଳ ଧାର୍ମିକ ଉତ୍ସବ ନୁହେଁ, ଏହା ପ୍ରତ୍ୟେକ ମାନବ ଜୀବନରେ ଆଣିଦିଏ ନୂତନ ଆଶା ଓ ଆତ୍ମବିଶ୍ୱାସର ଉଦ୍‌ଜୀବନ। ମା' ଙ୍କ ଦଶଭୁଜରେ ଶୋଭା ପାଉଥିବା ଅସ୍ତ୍ରଶସ୍ତ୍ର ଆମକୁ ଶିକ୍ଷା ଦିଏ ଯେ, ଜୀବନର ପ୍ରତିଟି ସଂଘର୍ଷକୁ ସାହସର ସହ ମୁକାବିଲା କରିବା ଆବଶ୍ୟକ। ମହିଷାସୁର ବଦ୍ଧ ର ପୌରାଣିକ ଉପାଖ୍ୟାନ ଆମ ମନରେ ଜାଗ୍ରତ କରେ ଅନ୍ୟାୟ, ଅହଂକାର, ହିଂସା ଓ ଅଧର୍ମ ବିରୋଧରେ ଲଢ଼ିବାର ପ୍ରେରଣା। ମା'ଙ୍କ ବିଜୟ ହେଉଛି ଶୁଭ ଉପରେ ଅଶୁଭର, ନ୍ୟାୟ ଉପରେ ଅନ୍ୟାୟର ଏବଂ ଆଲୋକ ଉପରେ ଅନ୍ଧକାରର ବିଜୟର ପ୍ରତୀକ। ଓଡ଼ିଶାର ମାଟିରେ ଦୁର୍ଗାପୂଜାର ମହକ ସତନ୍ତ୍ର। ଶଙ୍ଖ, ଘଣ୍ଟ, ଘଣ୍ଟି ଓ ଢୋଲର ନାଦରେ ପ୍ରକମ୍ପିତ ହୁଏ ପରିବେଶ। ଧୂପ, ଦୀପ ଓ ପୁଷ୍ପର ସୁଗନ୍ଧରେ ପବିତ୍ର ହୋଇଉଠେ ପୂଜାମଣ୍ଡପ। ମା'ଙ୍କ ଚରଣରେ ଅର୍ପିତ ହୁଏ ଭକ୍ତର ହୃଦୟଭରା ପ୍ରାର୍ଥନା। ଭକ୍ତ ମା ଙ୍କ ପାଖରେ ଅଧିଆ ପଡ଼ି ସୁଖ ଓ ସମୃଦ୍ଧି, ପରିବାରର ମଙ୍ଗଳ ତ ଆଉ କେହି ମା'ଙ୍କ ନିକଟରେ ନିଜ ଦୁଃଖ ଓ ଦୁର୍ଦ୍ଦଶାର ଅନ୍ତ ପାଇଁ ନିରବ ନିବେଦନ କରେ। ମା'ଙ୍କ ପାଇଁ ସମସ୍ତେ ସମାନଙ୍କ ତାଙ୍କର କରୁଣାର ଛାୟାରେ ଜାତି, ଧର୍ମ, ବର୍ଣ୍ଣ ଓ ଧନୀ-ଦରିଦ୍ରର ପ୍ରାଚୀର ଅର୍ଥହୀନ ହୋଇଯାଏ।

ତେବେ ମା'ଙ୍କ ପୂଜାର ପ୍ରକୃତ ସାର୍ଥକତା କେବଳ ଆଲୋକସଜ୍ଜା, ଆଡ଼ମ୍ବର ଓ ଉତ୍ସବରେ ସୀମିତ ନ ରହି ଆମ ହୃଦୟରୁ ଦ୍ୱେଷ, ଈର୍ଷା ଓ ଅହଂକାରର ମହିଷାସୁର କୁ ବିନାଶ କରିବା ହିଁ ଏହି ପର୍ବର ମୂଳ ଉଦ୍ଦେଶ୍ୟ ହେବା ଉଚିତ୍। ସମାଜ ରେ ନାରୀ ଜାୟା ,ଜନନୀ,ଭଗିନୀ ରୂପେ ପୂଜିତ ହେବା ଉଚିତ୍। ନାରୀଙ୍କୁ ସମ୍ମାନ, ଅସହାୟଙ୍କୁ ସହାୟତା, ଶିଶୁଙ୍କୁ ସୁରକ୍ଷା ଏବଂ ସମାଜରେ ଶାନ୍ତି ଓ ସଦ୍ଭାବ ପ୍ରତିଷ୍ଠା କରିବା ଆମର ମା'ଙ୍କ ପ୍ରତି ପ୍ରକୃତ ଭକ୍ତି ନିବେଦନ ରହିବା ଉଚିତ୍। ଯେଉଁଠି ନାରୀର ସମ୍ମାନ ଅକ୍ଷୁଣ୍ଣ, ଯେଉଁଠି ଦୁର୍ବଳଙ୍କ ପାଖରେ ସମାଜ ଠିଆ ହୁଏ, ସେଇଠି ମା' ଦୁର୍ଗାଙ୍କ ଦିବ୍ୟ ଉପସ୍ଥିତି ଅନୁଭବ କରାଯାଇପାରେ।

ଶାରଦୀୟ ଶୁଭଲଗ୍ନରେ ମା'ଙ୍କ ଆଗମନ ହେଉ ଅନ୍ଧକାରରୁ ଆଲୋକକୁ, ନିରାଶା ରୁ ଆଶାକୁ ଏବଂ ଅଶାନ୍ତିରୁ ଶାନ୍ତିକୁ ଯାତ୍ରାର ଏକ ପବିତ୍ର ଆରମ୍ଭ। ତେଣୁ ଶରତର ଶୁଭ୍ରିମା ରେ ମା'ଙ୍କ ଆଗମନ ଆମ ଜୀବନକୁ ଭରିଦେଉ ନୂତନ ଉଲ୍ଲାସ। ଦୁଃଖର ଅମାନିଶା ଦୂରେଇ ଯାଉ, ଆଶାର ଦୀପଶିଖା ପ୍ରତିଟି ହୃଦୟରେ ପ୍ରଜ୍ୱଳିତ ହେଉ। ମା'ଙ୍କ ଆଶୀର୍ବାଦରେ ପରିବାରରେ ଭରିଯାଉ ସୁଖ, ସମାଜରେ ପ୍ରତିଷ୍ଠିତ ହେଉ ନ୍ୟାୟ ଓ ମାନବିକତା, ଆଉ ମାନବ ହୃଦୟରେ ଜାଗ୍ରତ ହେଉ ପ୍ରେମ, କରୁଣା ଓ ସେବାର ଅମୃତ ଭାବନା।



ସମାଜସେବୀ ଆର୍ଜୁ ବିବିଙ୍କୁ ମିଳିଲା ମହାତ୍ମାଗାନ୍ଧୀ ସଦଭାବନା ସମ୍ମାନ

କଟକସଦର, ୧୩/୧୦(ଅକ୍ଷର ଓଡିଶା):ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଜନ୍ମ ଦିବସ ପାଳନ ଅବସରରେ ଏକ କାର୍ଯ୍ୟକ୍ରମ, ଉତ୍କଳ ରଙ୍ଗମଞ୍ଚ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ରୂପାୟନ ଟ୍ରଷ୍ଟ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠାନ ତରଫରୁ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉପରେ ମାଲ୍ୟାର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବରେ ସାହିତ୍ୟ ଜଗତର ଭିଷ୍ମ ପିତାମହ ତଥା ପ୍ରଖ୍ୟାତ କଥାକାର ଶ୍ରୀଯୁକ୍ତ ଶାନ୍ତନୁ କୁମାର ଆଚାର୍ଯ୍ୟ ଯୋଗଦାନ କରିଥିବାବଳେ, ଉଦ୍‌ଘାଟକ ଭାବରେ ଚଳଚ୍ଚିତ୍ର ଜଗତର ପ୍ରସିଦ୍ଧ ନିର୍ଦ୍ଦେଶକ ତଥା ପଦ୍ମଶ୍ରୀ ଶିଶିର ମିଶ୍ର ଯୋଗଦେଇଥିଲେ ।ପ୍ରତିଷ୍ଠିତ ଶିଶୁ ସାହିତ୍ୟିକ ଶ୍ରୀଯୁକ୍ତ ଦାଶ୍ ବେନହୁର ମୂଖ୍ୟ ଅତିଥି ଓ ପ୍ରଶାସକ ଶ୍ରୀଯୁକ୍ତ ଅଜିତ ପଟ୍ଟନାୟକ ମୂଖ୍ୟ ବକ୍ତା ଭାବେ ସଭା ମଣ୍ଡନ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ଆର୍ଜୁ ବିବିଙ୍କୁ ମହାତ୍ମାଗାନ୍ଧୀ ସଦଭାବନା ସମ୍ମାନ ୨୦୨୬ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

କଲ୍ୟାଣ ଯୁକ୍ତ ୨ ପଞ୍ଚାୟତ କଲେଜରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ
କିଶୋରାବସ୍ଥାରେ ମାନସିକ ସ୍ୱାସ୍ଥ୍ୟର ଯତ୍ନ ଉପରେ ଗୁରୁତ୍ୱାରୋପ

ଦେବଗଡ଼,୧୩।୧୦(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପକ୍ଷରୁ କଲ୍ୟାଣ ଯୁକ୍ତ ୨ ପଞ୍ଚାୟତ କଲେଜଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ-୨୦୨୬ ପାଳିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ପ୍ରଭାସ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ, ଏହାର ଯତ୍ନ ଏବଂ ମାନସିକ ସମସ୍ୟାର ପ୍ରତିକାର ସମ୍ପର୍କରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଂଘମିତ୍ରା ପଣ୍ଡା ମୁଖ୍ୟ ଅତିଥି ଏବଂ କ୍ଲିନିକାଲ ସାଇକୋଲୋଜିଷ୍ଟ ରାଜଶ୍ରୀ ମହାନ୍ତି ଓ ଭାରପ୍ରାପ୍ତ ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଡାକ୍ତର ପଣ୍ଡା କିଶୋରାବସ୍ଥାରେ ମି ଲି ମା ନ ଙ୍କ ଠା ରେ ଦେଖାଦେଉଥିବା ବିଭିନ୍ନ ମାନସିକ ସମସ୍ୟା, ଏହାର କାରଣ ଓ ପ୍ରତିକାର ସମ୍ପର୍କରେ ଆଲୋକପାତ କରିଥିଲେ । ମାନସିକ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ସହ ମାନସିକ ସମସ୍ୟା ଦେଖାଦେଲେ ତାହାକୁ ଅଣଦେଖା ନକରି ଉପଯୁକ୍ତ ପରାମର୍ଶ ଓ ଚିକିତ୍ସା ଗ୍ରହଣ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ସେହିପରି ଅମରେଶ ଶତପଥୀ ମାନସିକ ସମସ୍ୟାର ଲକ୍ଷଣ ଚିହ୍ନଟ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ ଚିକିତ୍ସା ଓ ପରାମର୍ଶ ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସହାୟତା ପାଇଁ ଟେଲି-ମାନସ ହେଲ୍‌ପଲାଇନ୍ ନମ୍ବର ୧୪୪୧୬ର ସହାୟତା ନେବାକୁ ସେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ କଲ୍ୟାଣ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ପୁରୁଷ ସ୍ୱାସ୍ଥ୍ୟକର୍ମୀ ଲୋକନାଥ ସାହୁ ଓ ସିଏଚ୍‌ଓ ସୁଶାନ୍ତ ପ୍ରଧାନ ପରିଚାଳନା କରିଥିଲେ । ଶେଷରେ କଲେଜ ଅଧ୍ୟକ୍ଷ ପ୍ରଭାସ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ କଲେଜର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ତନରଡ଼ାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬'
ସମୃଦ୍ଧ ଭାଷାରେ ସମୃଦ୍ଧ ଓଡ଼ିଶା ଗଠନର ଆହ୍ୱାନ

ବେଲଗୁଣ୍ଠା,୧୩।୧୦ (ଅକ୍ଷର ଓଡ଼ିଶା): ବେଲଗୁଣ୍ଠା ବ୍ଲକ୍ ତନରଡ଼ାସ୍ଥିତ ଆର୍ଯ୍ୟକନ୍ୟା ଗୁରୁକୂଳ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷର ବିଷୟବସ୍ତୁ 'ସମୃଦ୍ଧ ଭାଷା : ସମୃଦ୍ଧ ଓଡ଼ିଶା' ଆଧାରରେ ଆୟୋଜିତ ଏହି ମହୋତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ମହତ୍ତ୍ୱ ସହ ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଆର୍ଯ୍ୟକନ୍ୟା ଗୁରୁକୂଳର ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ଲୋପାମୁଦ୍ରା ରଥ ମୁଖ୍ୟ ଅତିଥି ଏବଂ ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ମନୋଜ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସତନ୍ତ୍ର ଅତିଥି ଭାବେ ଶିକ୍ଷକ ପ୍ରଶିକ୍ଷକ ନବୀନ ଚନ୍ଦ୍ର ପରିମାଣିକ, ଏବିଇଓ ପ୍ରଶାନ୍ତ କୁମାର ପଟ୍ଟନାୟକ ଓ ସନ୍ତୋଷ କୁମାର ପାତ୍ର ଯୋଗ ଦେଇଥିବାବେଳେ ଶିକ୍ଷାବିତ୍ ବସନ୍ତ କୁମାର ଜେନା ଏବଂ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଡକ୍ଟର ପୋଲେଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।ବକ୍ତାମାନେ ନିଜ ବକ୍ତବ୍ୟରେ 'ସୁରଭି' ମହୋତ୍ସବର ମହତ୍ତ୍ୱ ଓ ଏହା ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶରେ କିପରି ସହାୟକ ହେଉଛି, ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ମାତୃଭାଷାର ସୁରକ୍ଷା, ଓଡ଼ିଆ ଭାଷାର ପ୍ରଚାରପ୍ରସାର ଏବଂ ଭାଷା ସହ ସଂସ୍କୃତିର ନିବିଡ଼ ସମ୍ପର୍କ ଉପରେ ମତବ୍ୟକ୍ତ କରିଥିଲେ । ମହୋତ୍ସବରେ 'ସମୃଦ୍ଧ ଭାଷା : ସମୃଦ୍ଧ ଓଡ଼ିଶା' ବିଷୟକୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବେଲଗୁଣ୍ଠାସ୍ଥିତ ପିଏମ୍ ଶ୍ରୀ ନୋଡାଲ ଘୁମୁସର ବୈଷୟିକ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ ଦଳ ଶ୍ରେଷ୍ଠ ଦଳ ଭାବେ ବିବେଚିତ ହୋଇଥିଲେ ।ଶିକ୍ଷକ ପ୍ରଶାନ୍ତ କୁମାର ସେଠୀ ମଞ୍ଚ ପରିଚାଳନା କରିଥିବାବେଳେ ସିଆରସିସି ମନୋଜ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ ।

ବନ୍ତଳା ଥାନା ପକ୍ଷରୁ ବନ୍ତଳା ଉଚ୍ଚ ବାଳିକା ବିଦ୍ୟାଳୟରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ

ବନ୍ତଳା,୧୩।୧୦ (ଅକ୍ଷର ଓଡ଼ିଶା): ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ପକ୍ଷରୁ ବନ୍ତଳା ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀମାନଙ୍କୁ କିଶୋରାବସ୍ଥାରେ ଉପୁଜୁଥିବା ବିଭିନ୍ନ ସମସ୍ୟା, ସଚେତନତା ଓ ସୁରକ୍ଷା ସମ୍ପର୍କରେ ଅବଗତ କରାଇବା ଉପରେ ଗୁରୁତ୍ୱ ପାଇଁ ପୋଲିସ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା । କାର୍ଯ୍ୟକ୍ରମରେ ବନ୍ତଳା ଥାନାର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ବାଲ୍ୟ ବିବାହର କୁପରିଣାମ ବିଷୟରେ ବୁଝାଇଥିଲେ । ଆଇନ ଅନୁଯାୟୀ ଝିଅଙ୍କ ପାଇଁ ବିବାହର ସର୍ବନିମ୍ନ ବୟସ ୧୮ ବର୍ଷ ଏବଂ ପୁଅଙ୍କ ପାଇଁ ୨୧ ବର୍ଷ ହୋଇଥିବା ବେଳେ, ଏହାର ବ୍ୟତିକ୍ରମ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉଛି ବୋଲି କହିଥିଲେ ।ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ ।ଛାତ୍ରଛାତ୍ରୀ ମାନେ ନିଜେ ସଚେତନ ହେବା ସହ ନିଜ ପରିବାର ଓ ଆଖପାଖ ଅଞ୍ଚଳରେ ବାଲ୍ୟ ବିବାହ ରୋକିବାରେ ସହଯୋଗ କରିବେ ବୋଲି ଶପଥ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ବନ୍ତଳା ଥାନା ଅଧିକାରୀ ବିଭୂତି ପ୍ରଧାନ, ଏସଆଇ ସର୍ଣ୍ଣମିତା ପ୍ରଧାନ, ଏଏସଆଇ ନିଳାଞ୍ଚଳ ବିଶ୍ୱାଳ ଓ ଅନ୍ୟ କର୍ମଚାରୀ ମାନେ ଯୋଗ ଦେଇଥିବା ବେଳେ ଥାନାର ଶିଶୁ କଲ୍ୟାଣ ପୋଲିସ ଅଧିକାରୀ ବିଷ୍ଣୁ ପ୍ରସାଦ ଗୌଡ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ବିଜେଡିର ଜନସମ୍ପର୍କ ପଦଯାତ୍ରା

ସାଲେପୁର, ୧୩।୧୦ (ଅକ୍ଷର ଓଡ଼ିଶା) ମନୋଜ ସାମଲ ଙ୍କ ରିପୋର୍ଟ,ବିଜୁ ଜନତା ଦଳ ପକ୍ଷରୁ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ରା ରବିବାର ୯ମ ଦିନରେ ପହଁଚିଥିଲା । ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ସାଲେପୁର ବ୍ଲକ ସିଢ଼ୋ ପଞ୍ଚାୟତ, ମିର୍ଜାପୁର ଫଚାୟତ, ତେନ୍ତୋଳ ପଞ୍ଚାୟତ ଓ ମଧ୍ୟଗଛ ପଞ୍ଚାୟତରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶହ ଶହ ଦଳୀୟ କର୍ମୀ ଓ ପଞ୍ଚାୟତ ଜନପ୍ରତିନିଧି ମାନେ ପଦଯାତ୍ରାରେ ସାମିଲ ହୋଇ ୪ ଫଚାୟତର ବିଭିନ୍ନ ୱାର୍ଡରେ ବୁଲି ସାଧାରଣ ଲୋକଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ ଓ ମିଛ ପ୍ରଲୋଭନ, ପ୍ରତିଶୃତି ଦେଇ ସରକାରକୁ ଆସିଥିବା ଡବଲ ଇଞ୍ଜିନ ସରକାର ଆଜି ସବୁ କ୍ଷେତ୍ରରେ ବିଫଳ ହୋଇଥିବା ଉପରେ ଜନମତ ସୃଷ୍ଟି କରାଯାଇଥିଲା । ଏହି ଜନସମ୍ପର୍କ ପଦଯାତ୍ରାରେ ବିଧାୟକଙ୍କ ସହିତ ବିଜେଡି ବରିଷ୍ଠ ନେତା ଦିଲ୍ଲୀପ ଦାଶ, ଚିତ୍ତରଞ୍ଜନ ମହାନ୍ତି,ଆଲୋକ ଭୂୟାଁ,ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ଜ୍ୟୋତିରେଖା ନାୟକ,ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରାଜଶ୍ରୀ ଜେନା,ନାରୀନେତ୍ରୀ ସୌମ୍ୟା ପତି, ତୃପ୍ତିରେଖା ପରିଡା, ବ୍ଲକ ବିଜେଡି ଯୁବସଭାପତି ସଞ୍ଜିତ ଦାଶ, ଜିଲ୍ଲା ପରିଷଦ ସଭ୍ୟ ହର ପ୍ରସନ୍ନ ବେହେରା, ରଞ୍ଜିତା ସେଠୀ ସିଢ଼ୋ ସରପଞ୍ଚ ମମତା ଦାସ, ସମିତିସଭ୍ୟ ପ୍ରଫୁଲ୍ଲ ଓଝା,ବିଜେଡି ସଭାପତି ଯତୀନ୍ଦ୍ରବିଶ୍ୱାଳ, ମିର୍ଜାପୁର ସରପଞ୍ଚ ଙ୍କ ଶ୍ରଦ୍ଧାଞ୍ଜଳି ସାହୁ, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ଦାସ, ବିଜେଡି ସଭାପତି ସୟଦ ନୁର ଉଦ୍ଦିନ, ତେନ୍ତୋଳ ସମିତିସଭ୍ୟ ହିମାଂଶୁ ଭୂଷଣ ଦାଶ, ମଧ୍ୟଗଛ ସରପଞ୍ଚ ସଞ୍ଜୟ ବେହୁରା, ଯୁବନେତା ହରିହର ବେହେରା, ଲିପକ ଜେନା, ମନୋଜ ପ୍ରଧାନ, ଦିଲ୍ଲୀପ ସାଇଁ, ଜଗମୋହନ ଦାଶ, ଅସମାନ ସାହୁ ପ୍ରମୁଖଙ୍କ ସମେତ ବହୁ ମହିଳା, ଯୁବ ଛାତ୍ର ବିଜେଡି କର୍ମୀ ସାମିଲ ହୋଇଥିଲେ ।

ରଣପୁରରେ ବ୍ଲକସ୍ତରୀୟ ଜନ ଶୁଣାଣୀ ଅଭିଯୋଗ ଶିବିର

ରଣପୁର, ୧୩।୧୦(ଅକ୍ଷର ଓଡ଼ିଶା): ନୟାଗଡ଼ ଜିଲ୍ଲାପାଳ ନିର୍ଦ୍ଦେଶକ୍ରମେ ଓ ରଣପୁର ପଞ୍ଚାୟତ ସମିତି ଅଧିକାରୀ ମନୋଜ କୁମାର ନାୟକଙ୍କ ଆବାହକତ୍ୱରେ ସୋମବାର ଦିନ ରଣପୁର ପଞ୍ଚାୟତ ସମିତି ସଭା ଗୃହରେ ବ୍ଲକସ୍ତରୀୟ ଜନ ଶୁଣାଣୀ ଶିବିର ଅଭିଯୋଗ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ରଣପୁର ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନ , ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ବର ମହାପାତ୍ର ଓ ଅତିରିକ୍ତ ବିଡ଼ିଓ ଅଭିନାଶ ପତି ଙ୍କ ସମେତ ସମସ୍ତ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନେ ପ୍ରମୁଖ ଯୋଗଦେଇଥିଲେ । ବ୍ଲକସ୍ତରୀୟ ଜନ ଶୁଣାଣି ଅଭିଯୋଗ କାର୍ଯ୍ୟକ୍ରମରେ ସମୁଦାୟ ୯ଟି ଲିଖିତ ଆପତ୍ତି ଅଭିଯୋଗ ପତ୍ର ପଞ୍ଜିକରଣ ହୋଇ ଥିଲା । ସେଥି ମଧ୍ୟରୁ ତତ୍କାଳ ୫ଟି ମଧୁବାବୁ ପେନସନ ୨ଟି , ଆବାସ ୩ଟି, ରାସନ ୧ଟି, ପାନୀୟ ଓ ୩ଟି ଅନ୍ୟାନ୍ୟ, ୫ଟି ଲିଖିତ ଅଭିଯୋଗ ତତ୍କାଳ ଫଇସଲା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଭିନ୍ନକ୍ଷମ ଓ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟ ରଞ୍ଜନ ସାହୁ ସମସ୍ତ ଲିଖିତ ଅଭିଯୋଗ ଗୁଡିକୁ ପଞ୍ଜିକରଣ କରି ପରିଚାଳନା କରିଥିଲେ । ବ୍ଲକସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଉଦ୍ୟାନ, ବିଦ୍ୟୁତ, ଜଳସେଚନ, ଗ୍ରାମ୍ୟ ଉର୍ନ୍ନୟନ, ଗ୍ରାମ୍ୟ ପାନୀୟ ଜଳ, ଜଙ୍ଗଲ ଓ ପରିବେଶ ସୁରକ୍ଷା , ମତ୍ସ୍ୟ ଓ ପଶୁ ପାଳନ, ଜନସୁରକ୍ଷା, ହରିଜନ ଓ ଆଦିବାସୀ କଲ୍ୟାଣ, ମିଶନ ଶକ୍ତି, ଭିର୍ନ୍ନ କ୍ଷମ ଓ ସାମାଜିକ ସୁରକ୍ଷା, ଶିଶୁ ଓ ମହିଳା କଲ୍ୟାଣ, ଓ ମୃତିକା ସଂରକ୍ଷଣ ପ୍ରମୁଖ ଅଧିକାରୀମାନେ ଯୋଗଦେଇ ଲୋକମାନଙ୍କର ସମସ୍ୟା ସମାଧାନ କରିଥିଲେ ।

ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ପରିଦର୍ଶନ

ନୟାଗଡ଼, ୧୩।୧୦ (ଅକ୍ଷର ଓଡ଼ିଶା): ଗଣିଆ ବ୍ଲକ୍‌ରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ପରେ ମାନନୀୟା ଜିଲ୍ଲାପାଳ, ନୟାଗଡ଼ ଶ୍ରୀମତୀ ମଧୁମିତା ରଥ ଏବଂ ମାନନୀୟ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର ବଡ଼ସିଲିଙ୍ଗାସ୍ଥିତ ସରକାରୀ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ । ପରିଦର୍ଶନ ସମୟରେ ବିଦ୍ୟାଳୟର ବିଭିନ୍ନ ଶ୍ରେଣୀକକ୍ଷକୁ ଯାଇ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଦାନ, ଦୈନନ୍ଦିନ ଜୀବନ ଓ ବିଦ୍ୟାଳୟରେ ସେମାନେ ପାଉଥିବା ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ବିଶେଷକରି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦିଆଯାଉଥିବା ଖାଦ୍ୟର ମାନ ଓ ନିୟମିତତା, ସେମାନଙ୍କ ସୁରକ୍ଷା ଓ ନିରାପତ୍ତା, ଆବଶ୍ୟକୀୟ ଭିତ୍ତିଭୂମି, ବିଦ୍ୟାଳୟର ଶୃଙ୍ଖଳା ଓ ଅନ୍ୟାନ୍ୟ ମୌଳିକ ବ୍ୟବସ୍ଥା ସମ୍ପର୍କରେ ସେମାନେ ଛାତ୍ରଛାତ୍ରୀଙ୍କଠାରୁ ସିଧାସଳଖ ତଥ୍ୟ ନେଇଥିଲେ । ଛାତ୍ରଛାତ୍ରୀମାନେ ନିଜର ଅନୁଭୂତି ଓ ବିଦ୍ୟାଳୟ ସମ୍ପର୍କିତ ବିଭିନ୍ନ ବିଷୟ ଅବଗତ କରାଇଥିଲେ । ଏହାପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରି ବିଦ୍ୟାଳୟର ସାମଗ୍ରିକ ପରିବେଶ, ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ଆବାସିକ ବ୍ୟବସ୍ଥା, ଖାଦ୍ୟ, ସୁରକ୍ଷା, ଶୃଙ୍ଖଳା ଓ ଭିତ୍ତିଭୂମି ସମ୍ପର୍କରେ ଅବଗତ ହୋଇଥିଲେ ।

ପଲ୍ଲୀ ପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦର ବାର୍ଷିକ ସାରସ୍ୱତ ସମାରୋହ

କଟକ, ୧୩।୧୦: ପଲ୍ଲୀ ପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦ, ଗତିରାଉତ ପାଟଣା, କଟକ ର ଚତୁର୍ଥ ବାର୍ଷିକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ବାଣୀପୀଠ ଉତ୍କଳ ସାହିତ୍ୟ ସମାଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ଚୈତନ୍ୟ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଉଦଘାଟକ ଭାବରେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ,ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ଆୟକର ଆୟୁକ୍ତ ଶୋଭନ କର, ସମ୍ମାନୀତ ଅତିଥି ଭାବରେ ଅଧ୍ୟାପିକା ଡକ୍ଟର ରୋଜାଲିନ,ମୁଖ୍ୟବକ୍ତା ଭାବରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶାର ଅଧ୍ୟକ୍ଷ ଡକ୍ଟର ଅଭୟ କୁମାର ନାୟକ ଯୋଗଦେଇ ପଲ୍ଲୀ ସାହିତ୍ୟର ଚର୍ଚ୍ଚା କରିବା ସହିତ ଅନୁଷ୍ଠାନର ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ । ସଂସଦର ପ୍ରତିଷ୍ଠାତ୍ରୀ ସମ୍ପାଦିକା ଗୀତାଞ୍ଜଳି ପୃଷ୍ଟି ସମ୍ପାଦକୀୟ ବିବରଣୀ ଉପସ୍ଥାପନା କରିବା ସହିତ ସମସ୍ତ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ । ପ୍ରାରମ୍ଭରେ ଡ. ସନ୍ତ

ଅକ୍ଷର
AKHYARA ODISHA ଓଡ଼ିଶା

ଦେଶ-ବିଦେଶ

ଧନୀ ଦେଶର ଗରିବଙ୍କ ଆୟ ବି ଭାରତର ଧନୀଙ୍କଠୁ ଅଧିକ !

ନୂଆଦିଲ୍ଲୀ : ବିଶ୍ୱର ବିକଶିତ ଓ ଉନ୍ନତ ଆର୍ଥିକ ବ୍ୟବସ୍ଥା ଥିବା ଧନୀ ଦେଶଗୁଡ଼ିକର ସବୁଠାରୁ ଗରିବ ୧୦ ପ୍ରତିଶତ ଲୋକଙ୍କ ଆୟ ଭାରତର ସବୁଠାରୁ ଧନୀ ୧୦ ପ୍ରତିଶତ ଲୋକଙ୍କ ଦୈନିକ ଆୟ କିମ୍ବା ବ୍ୟୟ କ୍ଷମତାଠାରୁ ବି ଅଧିକ। ବିଶ୍ୱବ୍ୟାଙ୍କର 'ଦାରିଦ୍ର୍ୟ ଓ ଅସମାନତା ମଞ୍ଚ'ର ସଦ୍ୟତମ ଆକଳନରୁ ଏହି ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ଏହି ତୁଳନାତ୍ମକ ରିପୋର୍ଟ ଦର୍ଶାଉଛି, ଭାରତର ସବୁଠାରୁ ଧନୀ ଶ୍ରେଣୀରେ ଗଣ୍ୟ ହେଉଥିବା ପରିବାରଗୁଡ଼ିକର ଜୀବନଶୈଳୀ ଓ ଜୀବନଧାରଣର ମାନ, ବିକଶିତ ରାଷ୍ଟ୍ରଗୁଡ଼ିକର ସବୁଠାରୁ ତଳସ୍ତରରେ ଥିବା ନାଗରିକଙ୍କ ତୁଳନାରେ ଯଥେଷ୍ଟ କମ୍। ବିଶ୍ୱବ୍ୟାଙ୍କ ତଥ୍ୟ ଅନୁଯାୟୀ, ଭାରତର ସବୁଠାରୁ ଗରିବ ୧୦ ପ୍ରତିଶତ ଲୋକଙ୍କ ଦୈନିକ ଆୟ କିମ୍ବା ବ୍ୟୟ ସୀମା ପ୍ରତି ବ୍ୟକ୍ତି ପିଛା ପ୍ରାୟ ୩ ଡଲାର (ପ୍ରାୟ ୨୯୦ ଟଙ୍କା) ରହିଛି। ଅପରପକ୍ଷରେ ଆମେରିକାରେ ଗରିବ ୧୦ ପ୍ରତିଶତଙ୍କ ଦୈନିକ ବ୍ୟୟ ସୀମା ୨୫ ଡଲାର, କାନାଡାରେ ୩୧ ଡଲାର ଏବଂ ଜର୍ମାନୀ ଓ ଅଷ୍ଟ୍ରେଲିଆରେ ୨୮ ଡଲାର ଲେଖାଏ ରହିଛି। ସେହିପରି ଭାରତର ସବୁଠାରୁ ଧନୀ ୧୦ ପ୍ରତିଶତ ଲୋକଙ୍କ ଦୈନିକ ଆୟ କିମ୍ବା ବ୍ୟୟ ସୀମା ମାତ୍ର ୧୦ ଡଲାର (ପ୍ରାୟ୯୬୦ ଟଙ୍କା) ରହିଥିବା ବେଳେ, ଆମେରିକାର ଧନୀ ୧୦ ପ୍ରତିଶତଙ୍କ କ୍ଷେତ୍ରରେ ଏହା ୧୭୩ ଡଲାର, କାନାଡ଼ା ଓ ଅଷ୍ଟ୍ରେଲିଆରେ ୧୨୯ ଡଲାର ଏବଂ ଜର୍ମାନୀରେ ୧୨୮ ଡଲାର ରହିଛି। ସୂଚନାଯୋଗ୍ୟ ଯେ, ଭାରତୀୟ ଅର୍ଥନୈତିକ ସର୍ବେକ୍ଷଣ ଅନୁଯାୟୀ, ଦେଶରେ ମାସକୁ ୮୦,୦୦୦ ଟଙ୍କା ରୋଜଗାର କରୁଥିବା ଜଣେ ବ୍ୟକ୍ତି ଭାରତର ଶୀର୍ଷ ୧୦ ପ୍ରତିଶତ ଧନୀ ଶ୍ରେଣୀରେ ସାମିଲ ହୋଇଥାଆନ୍ତି। ଏହି ସନ୍ଦର୍ଭରେ 'ଫାଉଣ୍ଡେସନ ଫର୍ ଇକୋ.ନୋ.ମିକ ଡେଭେଲପ୍‌ମେଣ୍ଟ'ର ପ୍ରୋଗ୍ରାମ ଆସୋସିଏଟ ଆହୋନା ଦତ୍ତଗୁପ୍ତା କହିଛନ୍ତି ଯେ, ଏହି ତୁଳନା ଭାରତ ଅର୍ଥବ୍ୟବସ୍ଥାର ଏକ ଗଭୀର ସମସ୍ୟାକୁ ଦର୍ଶାଉଛି। ତାହା ହେଉଛି କେବଳ ଗରିବୀ ନୁହେଁ, ବରଂ ସମଗ୍ର ଅର୍ଥବ୍ୟବସ୍ଥାରେ ସାଧାରଣ ଆୟର ନିମ୍ନ ସ୍ତର। ଭାରତରେ ଦୈନିକ ୧୦ ଡଲାର ଖର୍ଚ୍ଚ କରୁଥିବା ବ୍ୟକ୍ତି ଧନୀ ୧୦ ପ୍ରତିଶତଙ୍କ ମଧ୍ୟରେ ଗଣ୍ୟ ହେଉଥିବା ବେଳେ କାନାଡା, ଜାପାନ କିମ୍ବା ଆମେରିକାରେ ଏହି ସମାନ ପରିମାଣ ଜଣେ ବ୍ୟକ୍ତିଙ୍କୁ ସବୁଠାରୁ ଗରିବ ୧୦ ପ୍ରତିଶତଙ୍କ ମଧ୍ୟରେ ରଖିଥାଏ। ଦତ୍ତଗୁପ୍ତାଙ୍କ ଅନୁଯାୟୀ, ଗରିବ ଭାରତୀୟଙ୍କ ଜୀବନଶୈଳୀରେ ସୁଧାର ଆଣିବା ନିଶ୍ଚିତ ଭାବେ ଆବଶ୍ୟକ, କିନ୍ତୁ ଦେଶକୁ ସମୃଦ୍ଧ କରିବା ପାଇଁ ଏହା ଯଥେଷ୍ଟ ନୁହେଁ। ଯଦି ଗରିବ ବର୍ଗ ଆଜିର ମଧ୍ୟବିତ୍ତ କିମ୍ବା ଧନୀଙ୍କ ସ୍ତରକୁ ଆସନ୍ତି, ତଥାପି ବିଶ୍ୱ ସ୍ତରରେ ସେମାନଙ୍କ ଜୀବନଧାରଣର ମାନ ଧନୀ ଦେଶଗୁଡ଼ିକ ତୁଳନାରେ ଯଥେଷ୍ଟ ପଛରେ ରହିଯିବ। ତେଣୁ ଭାରତ କେବଳ ଧନୀ ଓ ଗରିବଙ୍କ ମଧ୍ୟରେ ଥିବା ବ୍ୟବଧାନ କମାଇବା ପରିବର୍ତ୍ତେ ସମଗ୍ର ଜନସଂଖ୍ୟାର ଆୟ ଏବଂ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ଉପରେ ଧ୍ୟାନ ଦେବା ଆବଶ୍ୟକ। ଉତ୍ପାଦନ ବୃଦ୍ଧି ପାଇଁ ନୂତନ ଉଦ୍ଭାବନ ଏବଂ ବ୍ୟବସାୟ ଅନୁକୂଳ ପରିବେଶ ଦରକାର। ନୂତନ ଉଦ୍ୟୋଗୀମାନଙ୍କୁ ସହଜରେ ବ୍ୟବସାୟ ଆରମ୍ଭ କରିବା, ସରଳ ଓ ନିର୍ଦ୍ଦିଷ୍ଟ କର ବ୍ୟବସ୍ଥା ଯୋଗାଇଦେବା ଏବଂ ଅନାବଶ୍ୟକ ସରକାରୀ ଆଇନଗତ ବୋଝକୁ ହ୍ରାସ କରିବା ଜରୁରୀ। ଭାରତ ସରକାର ଆଇନ ସରଳୀକରଣ ଏବଂ କେତେକ ସାମାନ୍ୟ ଭୁଲକୁ ଅପରାଧମୁକ୍ତ କରିବା ପାଇଁ ପଦକ୍ଷେପ ନେଇଛନ୍ତି। କିନ୍ତୁ ଭାରତୀୟ ଶିଳ୍ପକୁ ବିଶ୍ୱସ୍ତରରେ ପ୍ରତିଯୋଗୀ କରିବା ପାଇଁ ଆଇନଗତ ଚୁକ୍ତିପତ୍ରର ଶୀଘ୍ର କାର୍ଯ୍ୟକାରିତା ଏବଂ ଶିଳ୍ପ କ୍ଲଷ୍ଟରଗୁଡ଼ିକର ବିକାଶ ପାଇଁ ଆହୁରି ସଂସ୍କାର ଆବଶ୍ୟକ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ଏବେ ଆଉ ଠକି ପାରିବନି ହସ୍ପିଟାଲ ! ଫ୍ଲୁଲିବ ରେଟ୍ ଚାର୍ଟ

ନୂଆଦିଲ୍ଲୀ : ସଚ୍ଛ, ଉତ୍ତରଦାୟୀ ଏବଂ ରୋଗୀ କୈନ୍ଦ୍ରିକ ସାସ୍ଥ୍ୟସେବା ପ୍ରଦାନକୁ ସୁଦୃଢ଼ କରିବା ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ହସ୍ପିଟାଲଗୁଡ଼ିକରେ ସାସ୍ଥ୍ୟସେବା ଦର ସ୍ୱଷ୍ଟ ଭାବେ ପ୍ରଦର୍ଶନ କରାଯିବାକୁ ସୁନିଶ୍ଚିତ କରିବା ଲାଗି କେନ୍ଦ୍ର ସରକାର ସୋମବାର ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଉଦ୍ଦେଶ୍ୟ ହେଲା ରୋଗୀମାନଙ୍କୁ ସାସ୍ଥ୍ୟସେବା ସବନ୍ଧୀୟ ଠିକ୍ ନିଷ୍ପତ୍ତି ନେବାରେ ସହାୟତା କରିବା। ଏହାଦ୍ୱାରା ବିଲ୍ ସସନ୍ଧୀୟ ବିବାଦକୁ ରୋକାଯିବା ସହ ସାସ୍ଥ୍ୟସେବା ଉପରେ ବିଶ୍ୱାସକୁ ସୁଦଢ଼ ହେବ। କେନ୍ଦ୍ର ସାସ୍ଥ୍ୟମନ୍ତ୍ରୀ ପୁଣ୍ୟସଲିଲା ଶ୍ରୀବାସ୍ତବ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନଙ୍କୁ ପତ୍ର ଲେଖି ସାସ୍ଥ୍ୟସେବା ଦରଗୁଡ଼ିକର ସଚ୍ଛ ପ୍ରଦର୍ଶନ ସବନ୍ଧୀୟ ବ୍ୟବସ୍ଥାଗୁଡ଼ିକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରିବାକୁ କହିଛନ୍ତି। ଏଥିସହିତ ବିଦେଶୀ ରୋଗୀ ଯେଉଁମାନେ ମେଡିକାଲ ଓ ଆୟୁଷ ଭିଜାରେ ଭାରତ ଆସୁଛନ୍ତି, ସେମାନଙ୍କ ପାଇଁ ପ୍ୟାକେଜ ମୂଲ୍ୟର ସଚ୍ଛ ପ୍ରଦର୍ଶନକୁ ସହଜ କରିବା ନିମନ୍ତେ ରାଜ୍ୟଗୁଡ଼ିକୁ କୁହାଯାଇଛି। ଏହାଦ୍ୱାରା ଉକ୍ତ ଅନ୍ତର୍ଜାତୀୟ ରୋଗୀମାନେ ସୂଚନାଭିତ୍ତିକ ନିଷ୍ପତ୍ତି ନେଇପାରିବେ ଏବଂ ମୂଲ୍ୟ ଏବଂ ବିଳି ସସନ୍ଧୀୟ ଅଭିଯୋଗକୁ ଏହା ହ୍ରାସ କରିବା ସହ ଚିକିତ୍ସା ଓ ଆୟୁଷ ଯତ୍ନ ପାଇଁ ଏକ ବିଶ୍ୱସନୀୟ ସ୍ଥାନ ଭାବେ ଭାରତର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ବୋଲି ଶ୍ରୀବାସ୍ତବ କହିଛନ୍ତି।

ମଣିପୁର ହିଂସା: ସରକାରଙ୍କୁ ୪୮ ଘଣ୍ଟିଆ କଣ୍ଟ ଦେଲା ନାଗା ସମ୍ପ୍ରଦାୟ

ଇମ୍ଫାଲ: ମଣିପୁର ହିଂସା ଥମିବାର ନା ଧରୁନି। ସ୍ଥିତି ଦିନକୁ ଦିନ ଅଧିକ ଜଟିଳ ହେବାରେ ଲାଗିଛି। ମଣିପୁରର କାଙ୍ଗପୋକପି ଜିଲାରେ ୫୨ ବର୍ଷୀୟ ଅଜିନବୋଉ ଆର୍‌ଙ୍କ ହତ୍ୟା ପରେ ତାଙ୍କ କଟାମୁଣ୍ଡ ଫେରାଇବାକୁ ଦାବି ହୋଇଛି। ନାଗା ସଂଗଠନ 'ଜଏଣ୍ଟ ଟ୍ରାଇବ୍‌ସ କାଉନସିଲ୍ ମଣିପୁର' କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏଥିପାଇଁ ୪୮ ଘଣ୍ଟାର କଣ୍ଟ ଦେଇଛି। ମୃତକଙ୍କ କଟାମୁଣ୍ଡ ନ ମିଳିବା ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ କରାଇ ଦିଆଯିବ ନାହିଁ ବୋଲି କୁହାଯାଇଛି। ସୂଚନା ଅନୁଯାୟୀ, ଶନିବାର ଦିନ ମାକୁଇ ଅଶାଙ୍ଗ ଗାଁରେ ଉଗ୍ରବାଦୀ ଆକ୍ରମଣ କରି ଅଜିନବୋଉଙ୍କୁ ହତ୍ୟା କରିଥିଲେ। ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିବା ଏକ ଭିଡିଓରେ ଅସ୍ତ୍ରଶସ୍ତ୍ର ଧରିଥିବା ବ୍ୟକ୍ତି ତାଙ୍କ କଟାମୁଣ୍ଡ ଧରିଥିବା ଦେଖିବାକୁ ମିଳିଥିଲା। ମୁଣ୍ଡ ବିହୀନ ମୃତଦେହକୁ ରବିବାର ରାତିରେ ଇମ୍ଫାଲ୍‌ର ଜବାହାରଲାଲ ନେହରୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍‌କୁ ଅଣାଯାଇଥିଲା।

ସୂଚନାଯୋଗ୍ୟ ଯେ ମଣିପୁରରେ ନାଗା-କୁକି ହିଂସା ଯୋଗୁଁ ଶୁକ୍ରବାର ଓ ଶନିବାର ଦୁଇ ଦିନରେ ୧୦ ଜଣଙ୍କ ମୃତ୍ୟୁ ହେଲାଣି। ଉତ୍ତେଜନାକୁ ଦୃଷ୍ଟିରେ ରଖି କାଙ୍ଗପୋକପି ଓ କାମଜୋଙ୍ଗ ଜିଲାରେ ୨୪ ଘଣ୍ଟିଆ କର୍ଫ୍ୟୁ ଲାଗୁ କରାଯାଇଛି। ବଜାରଗୁଡ଼ିକ ବନ୍ଦ ରହିଥିବା ବେଳେ ସିଆର୍‌ପିଏଫ୍, ଆସାମ ରାଇଫଲ୍‌ସ, କୋବ୍ରା ବାଟାଲିୟନ୍ ଓ ମଣିପୁର ପୁଲିସର କମାଣ୍ଡୋମାନଙ୍କୁ ମୁତୟନ କରାଯାଇଛି।

୪୦ ଦିନରେ କମିଗଲା ୧୫ କେଜି ଓଜନ

'ଦୃଶ୍ୟମ ୩' ଅଭିନେତ୍ରୀ

ମୁମ୍ବାଇ: ବଲିଉଡ ଅଭିନେତା ଅଜୟ ଦେବଗନଙ୍କ ଅଭିନୀତ ଫିଲ୍ମ 'ଦୃଶ୍ୟମ ୩'ରେ ନଜର ଆସିଥିବା ଅଭିନେତ୍ରୀ ଇଶିତା ଦତ୍ତା ନିଜର ଦ୍ୱିତୀୟ ଗର୍ଭଧାରଣ ସମୟର କଷ୍ଟଦାୟକ ଅନୁଭୂତି ବଖାଣିଛନ୍ତି। ଗର୍ଭଧାରଣର ଶେଷ ପର୍ଯ୍ୟାୟରେ ତାଙ୍କ ଗଲବ୍ଲାଡରରେ ଷ୍ଟୋନ ହୋଇଥିବା ଜଣାପଡ଼ିଥିଲା। ଏହା ଯୋଗୁ ତାଙ୍କୁ ପ୍ରତି ସପ୍ତାହରେ ଯନ୍ତ୍ରଣା ସହିବାକୁ ପଡୁଥିଲା। ଅସୁସ୍ଥତା ଓ ଅସ୍ତ୍ରୋପଚାର ପରେ ମାତ୍ର ୪୦ ଦିନରେ ତାଙ୍କର ପ୍ରାୟ ୧୫ କିଲୋଗ୍ରାମ ଓଜନ କମିଯାଇଥିଲା ବୋଲି ଏକ ସାକ୍ଷାତକାରରେ ସେ କହିଛନ୍ତି।

ଇଶିତା ଓ ତାଙ୍କ ସ୍ୱାମୀ ବତ୍ସଲ ସେଠ ୨୦୨୫ରେ ଦ୍ୱିତୀୟ ଥର ପାଇଁ ମାତାପିତା ହୋଇଥିଲେ। ଏହା ପୂର୍ବରୁ ୨୦୨୩ରେ ସେମାନଙ୍କ ପୁଅ ବାୟୁଙ୍କ ଜନ୍ମ ହୋଇଥିଲା। ତେବେ ଦ୍ୱିତୀୟ ଗର୍ଭଧାରଣର ଶେଷ ଦିନଗୁଡ଼ିକରେ ଇଶିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଥିଲା। ଶୀଘ୍ର ପ୍ରସବ ହେବାର ଆଶଙ୍କା ଥିବାରୁ ତାଙ୍କୁ ବେଡ ରେଷ୍ଟରେ ରହିବାକୁ ପଡ଼ିଥିଲା। ଏହି କଷ୍ଟଦାୟକ ସମୟକୁ ମନେ ପକାଇ ଅଭିନେତ୍ରୀ କହିଛନ୍ତି, ମାତ୍ର ୪୦ ଦିନରେ ତାଙ୍କର ୧୫ କିଲୋଗ୍ରାମ ଓଜନ କମିଯାଇଥିଲା। ଲୋକେ ତାଙ୍କ ଓଜନ କମିବାର ପରିଣାମ ଦେଖୁଛନ୍ତି, କିନ୍ତୁ ଏହା ପଛରେ ଥିବା ଯନ୍ତ୍ରଣାଦାୟକ ପରିସ୍ଥିତି ଅତ୍ୟନ୍ତ ଭୟଙ୍କର ଥିଲା। ଏପରି ଅନୁଭୂତି ଆଉ କାହାକୁ ନ ମିଳୁ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଇଶିତାଙ୍କ କହିବା ଅନୁଯାୟୀ, ଝିଅ ଜନ୍ମ ହେବାର ପ୍ରାୟ ଏକ ମାସ ପରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ଏହି ସମଗ୍ର ପ୍ରକ୍ରିୟା ତାଙ୍କ ଶରୀର ଉପରେ ଗଭୀର ପ୍ରଭାବ ପକାଇଥିଲା ଏବଂ ସେ ବହୁତ ଦୁର୍ବଳ ହୋଇପଡ଼ିଥିଲେ। ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ତାଙ୍କୁ ପ୍ରାୟ ୬ ମାସ ସମୟ ଲାଗିଥିଲା। ଏହି ସମୟ ମଧ୍ୟରେ ସେ 'ଦୃଶ୍ୟମ ୩'ର ଶୁଟିଂ ମଧ୍ୟ ଆରମ୍ଭ କରିଦେଇଥିଲେ। ତାଙ୍କ ଓଜନ ହ୍ରାସ କୌଣସି ଯୋଜନାବଦ୍ଧ ପ୍ରକ୍ରିୟା ନ ଥିଲାଟ ବରଂ ଅସୁସ୍ଥତା ଯୋଗୁ ଏପରି ହୋଇଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି।

ଅନ୍ୟପଟେ, ଇଶିତା ଦତ୍ତା ଏବେ ନିଜର ନୂଆ ଫିଲ୍ମ 'ଦୃଶ୍ୟମ ୩'ର ସଫଳତାକୁ ନେଇ ବେଶ୍ ଖୁସି। ଫିଲ୍ମରେ ସେ ପୁଣିଥରେ ଅଞ୍ଜୁ ସାଲଗାଓଁକର ଭୂମିକାରେ ନଜର ଆସିଛନ୍ତି। ଏଥିରେ ଅଜୟ ଦେବଗନ, ଜୟଦୀପ ଅହଲାୱତ, ଶ୍ରିୟା ସରନ, ତବ୍ବୁ ଓ ରଜତ କପୁର ପ୍ରମୁଖ ଅଭିନୟ କରିଛନ୍ତି। ଅଭିଷେକ ପାଠକଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ କରୁଥିବା ଖବର ରହିଛି। ଫିଲ୍ମଟି ଭାରତରେ ୩୦୦ କୋଟି ଟଙ୍କାର ବ୍ୟବସାୟିକ ମାଇଲଖୁଣ୍ଟ ଛୁଇଁବା ଆଡ଼କୁ ଅଗ୍ରସର ହେଉଛି। ସେହିପରି ବିଶ୍ୱବ୍ୟାପୀ ଏହାର ମୋଟ ଆୟ ୪୪୬.୮ କୋଟି ଟଙ୍କା ହୋଇଥିବା ଉଲ୍ଲେଖ କରାଯାଇଛି।

ଟ୍ରମ୍ପ ସରକାର ସପକ୍ଷବାଦୀ ବିଜ୍ଞାପନ ବନ୍ଦ ନିର୍ଦ୍ଦେଶ

ୱାଶିଂଟନ: ଆମେରିକାର ଫେଡେରାଲ୍ ବିଚାରପତି ଜେନିଫର ଏଲ୍. ରୋଚନ୍ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନକୁ କରଦାତାଙ୍କ ଅର୍ଥ ଉପଯୋଗ କରି ସରକାରଙ୍କ ଗରିମା ବର୍ଣ୍ଣନା କରୁଥିବା ସମସ୍ତ ଟିଭି ବିଜ୍ଞାପନ ପ୍ରସାରଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ଆଦେଶ ପରେ ଟ୍ରମ୍ପ ପ୍ରଶାସନକୁ ବଡ଼ ଝଟକା ଲାଗିଛି। 'କମନ କଜ' ଏବଂ ଅନ୍ୟାନ୍ୟ ସଂଗଠନ ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନ ଉପରେ ଶୁଣାଣି କରି ବିଚାରପତି ଜେନିଫର ଏହି ଆଦେଶ ଜାରି କରିଛନ୍ତି। ବିଚାରପତି ରବିବାର ରାତିରେ ପ୍ରସାରଣ ହେବାକୁ ଥିବା ବିଜ୍ଞାପନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ହୋଇଥିଲା ଯେ, ଟ୍ରମ୍ପ ପ୍ରଶାସନ ନିଜ ରାଜନୈତିକ ବାର୍ତ୍ତାକୁ ପ୍ରଚାର କରିବା ପାଇଁ ଲକ୍ଷ ଲକ୍ଷ କରଦାତାଙ୍କ ଟଙ୍କା ଖର୍ଚ୍ଚ କରୁଛି ଏବଂ ଏହା ଜନସାଧାରଣଙ୍କ ପାଣ୍ଠିର ବେଆଇନ ବ୍ୟବହାର କରୁଛି। ଏହି ଆଧାରରେ ବିଜ୍ଞାପନଗୁଡ଼ିକର ପ୍ରସାରଣ ବନ୍ଦ କରିବାକୁ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଗୃହ ସୁରକ୍ଷା ବିଭାଗ ବିଜ୍ଞାପନ ପାଇଁ କରଦାତାଙ୍କ ୨୦ ନିୟୁତ ଡଲାର ଖର୍ଚ୍ଚ କରିଥିବା ଅଭିଯୋଗ ହୋଇଛି।

ସାରା ଦେଶ ଯନ୍ତର ମନ୍ତର ପାଲଟିବ: ସିଜେପି

ନୂଆଦିଲ୍ଲୀ: ଦିଲ୍ଲୀର ଯନ୍ତର ମନ୍ତରକୁ ନିର୍ଦ୍ଧାରିତ ବିକ୍ଷୋଭ ଓ ଧାରଣା ସ୍ଥଳ ତାଲିକାରୁ ବାଦ୍ ଦିଆଯିବା ପରେ କମ୍ୟୁନିଚ ଜନତା ପାର୍ଟି (ସିଜେପି) ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ସିଜେପି ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଦିଲ୍ଲୀ ପୁଲିସର ଏହି ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ସୋମବାର ସୋସିଆଲ ମିଡିଆ 'ଏକ୍ସ'ର ପୋଷ୍ଟରେ ଅଭିଜିତ୍ କହିଛନ୍ତି ଯେ ସରକାର ଭିନ୍ନ ମତ ପ୍ରକାଶ କରିବାର ଅଧିକାରକୁ ଟାର୍ଗେଟ କରୁଛନ୍ତି। ଅର୍ଥାତ୍ ସରକାରଙ୍କ ନିଷ୍ପତ୍ତିକୁ ଯିଏ ବିରୋଧ କରୁଛି ସେ ଟାର୍ଗେଟ ହେଉଛି। ତେଣୁ ଯନ୍ତର ମନ୍ତରରେ ବିକ୍ଷୋଭ କରିବାକୁ ସିଜେପି ଅନୁମତି ଲୋଡିଥିବାବେଳେ ସରକାର ଏହାକୁ ବିକ୍ଷୋଭ ଓ ଧାରଣା ସ୍ଥଳ ତାଲିକାରୁ ବାଦ୍ ଦେଇଛନ୍ତି। ତେବେ ଆଗାମୀ ଦିନରେ ସାରା ଦେଶକୁ ସିଜେପି ଯନ୍ତର ମନ୍ତରରେ ପରିଣତ କରିବ ବୋଲି ଅଭିଜିତ୍ କହିଛନ୍ତି। ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସିଜେପି ଯନ୍ତର ମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଅନୁମତି ମାଗିଥିଲା। ମାତ୍ର ପୁଲିସ ଏଥିପାଇଁ ଅନୁମତି ପ୍ରଦାନ କରି ନଥିଲା। ଅନ୍ୟ ଏକ ପୋଷ୍ଟରେ ଅଭିଜିତ୍ କହିଛନ୍ତି ଯେ ଯନ୍ତର ମନ୍ତରକୁ ବିକ୍ଷୋଭ ଓ ଧାରଣାସ୍ଥଳରୁ ବାଦ୍ ଦିଆଯିବା ନିଷ୍ପତ୍ତି ଗଣତାନ୍ତ୍ରିକ ସାଧୀନତା ପ୍ରତି ବଡ ବିପଦ। ମୋଦୀ ଯନ୍ତର ମନ୍ତରକୁ ବିକ୍ଷୋଭ ସ୍ଥଳ ତାଲିକାରୁ ବାଦ୍ ଦେଲେ ଆସନ୍ତାକାଲି ସେ ଦେଶରୁ ଗଣତନ୍ତ୍ର ହଟାଇଦେବେ।

ଉତ୍ତପ୍ତ ସେପ୍ଟେମ୍ବର ୨୦୨୬, ବିଶ୍ୱ ତାପମାତ୍ରାରେ ୧.୫ ଡିଗ୍ରୀ ବୃଦ୍ଧି



ନୂଆଦିଲ୍ଲୀ: ୨୦୨୬ ସେପ୍ଟେମ୍ବର ବିଶ୍ୱରେ ଦ୍ୱିତୀୟ ଉତ୍ତପ୍ତ ସେପ୍ଟେମ୍ବର ଭାବେ ପରିଗଣିତ ହୋଇଛି। କ୍ରମାଗତ ଦ୍ୱିତୀୟ ମାସ ପାଇଁ ବିଶ୍ୱର ତାପମାତ୍ରା ଶିଳ୍ପ ବିପ୍ଳବ ପୂର୍ବ ସମୟର ହାରାହାରି ତାପମାତ୍ରାଠାରୁ ୧.୫ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ରହିଛି। ୟୁରୋପୀୟ ସଂଘର କୋପର୍ନିକସ୍ ଜଳବାୟୁ ପରିବର୍ତ୍ତନ ସେବା (ସିଏସ୍) ପକ୍ଷରୁ ଏହି ତଥ୍ୟ ପ୍ରଦାନ କରାଯାଇଛି । ଏଥିରେ କୁହାଯାଇଛି, ସେପ୍ଟେମ୍ବରରେ ବିଶ୍ୱର ତାପମାତ୍ରା ଶିଳ୍ପ ବିପ୍ଳବ ପୂର୍ବ ସମୟର ହାରାହାରି ସ୍ତରଠାରୁ ୧.୬୩ ଡିଗ୍ରୀ ସେଲସିୟସ୍ ଅଧିକ ରହିଥିଲା। ଅଗଷ୍ଟରୁ ଆରମ୍ଭ ହୋଇଥିବା ୧.୫ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ତାପମାତ୍ରା ସେପ୍ଟେମ୍ବରରେ ମଧ୍ୟ ବଳବତ୍ତର ରହିଛି । ଏହି ଧାରା ୨୦୨୬ ପରଯ୍ୟନ୍ତ ଜାରି ରହିପାରେ ବୋଲି ଆଶା କରାଯାଉଛି। ବିଶ୍ୱ ପରିବେଶ ଉପରେ ଏଲ୍ ନିନୋ ପ୍ରଭାବ ଅଧିକ ଶକ୍ତିଶାଳୀ ହେଉଥିବାରୁ ସେପ୍ଟେମ୍ବର ମାସର ହାରାହାରି ସମୁଦ୍ର ପୃଷ୍ଠ ତାପମାତ୍ରା ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। କୋପର୍ନିକସ୍ ଜଳବାୟୁ ପରିବର୍ତ୍ତନ ସେବା କହିଛି ଯେ, ଭୂମଧ୍ୟରେଖା ନିକଟ ପ୍ରଶାନ୍ତ ମହାସାଗରରେ ଏଲ୍ ନିନୋ ଆହୁରି ଶକ୍ତିଶାଳୀ ହେବାର ଆଶଙ୍କା ରହିଛି, ଯାହା ଭୟଙ୍କର ପରିସ୍ଥିତି ସୃଷ୍ଟି କରିପାରେ। ଏହା ପୂର୍ବରୁ ସେପ୍ଟେମ୍ବର ମାସ ପାଇଁ ସର୍ବକାଳୀନ ସର୍ବୋଚ୍ଚ ରେକର୍ଡ ୨୦୨୩ ସେପ୍ଟେମ୍ବରରେ ସୃଷ୍ଟି ହୋଇଥିଲା । ଏହି ବର୍ଷ ସେପ୍ଟେମ୍ବର ମାସରେ ୨୦.୯୨ ଡିଗ୍ରୀ ସେଲସିୟସ୍‌ର ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଏବେ ତାହା ୨୧.୦୫ ଡିଗ୍ରୀ ସେଲସିୟସ୍‌ରେ ପହଞ୍ଚିଛି । ଆଗାମୀ କିଛି ମାସ ମଧ୍ୟରେ ଏଲ୍ ନିନୋ ଆହୁରି ଶକ୍ତିଶାଳୀ ହେବ ଏବଂ ଡିସେମ୍ବରରେ ଏହା ସର୍ବୋଚ୍ଚ ସ୍ତରରେ ପହଞ୍ଚିବାର ଆଶଙ୍କା କରାଯାଉଛି । ଏହାଦ୍ୱାରା ବିଶ୍ୱର ଅନେକ ଅଞ୍ଚଳରେ ସାଧାରଣ ଅପେକ୍ଷା ଅଧିକ ତାପମାତ୍ରା ଅନୁଭୂତ ହୋଇପାରେ। ଏଥିସହ ବର୍ଷାର ଧାରାରେ ପରିବର୍ତ୍ତନ ଘଟିବା ସହ ବିଭିନ୍ନ ଅଞ୍ଚଳରେ ମରୁଡ଼ି ଓ ବନ୍ୟାର ଆଶଙ୍କା ବଢ଼ିପାରେ ବୋଲି ସଂସ୍ଥା ପକ୍ଷରୁ ସତର୍କ କରାଯାଇଛି ।

ପାନାମାରେ ଶକ୍ତିଶାଳୀ ଭୂକମ୍ପ, ଭାଙ୍ଗିଲା ୯୦୦ରୁ ଅଧିକ ଘର

ପାନାମା : ଶୁକ୍ରବାର ପାନାମାର ଦକ୍ଷିଣ ଉପକୂଳ ନିକଟରେ ଦୁଇଟି ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହେବା ପରେ, ସୋମବାର ୬ ତୀବ

ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ଯୋଡିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ସକ୍ରିୟ ଅଭିଯାନ

କେନ୍ଦୁଝର:୧୩/୧୦(ଦିଲ୍ଲୀପ କୁମାର ସାହୁ) - ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ, ଜାରି ରହିଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମୟରେ କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନପଡ଼ନ୍ତି, ତାହା ସୁନିଶ୍ଚିତ କରିବା ପାଇଁ କେନ୍ଦୁଝର ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଏକ ସକ୍ରିୟ ଅଭିଯାନ ଆରମ୍ଭ କରାଯାଇଛି। ଏହି ପଦକ୍ଷେପର ଅଂଶସ୍ୱରୂପ, ଭୋଟର ସତ୍ୟାପନ, ଅଭିଯୋଗର ସମାଧାନ ଏବଂ ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦୁଝର ଜିଲ୍ଲାର ସମସ୍ତ ୧,୯୧୫ଟି ପୋଲିଂ ବୁଥ୍‌ରେ ସତନ୍ତ୍ର କ୍ୟାମ୍ପ ଆୟୋଜନ କରାଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ୧,୯୧୫ ଜଣ ବୁଥ୍ ସ୍ତରୀୟ ଅଧିକାରୀ, ୨୮ ଜଣ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ୬ ଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ମାଧ୍ୟମରେ ଏକ ସମର୍ପିତ ଅଭିଯୋଗ ନିବାରଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଭୋଟର ତାଲିକାରେ ନିଜ ନାମକୁ ନେଇ କୌଣସି ଅଭିଯୋଗ, ତ୍ରୁଟି କିମ୍ବା ଆଶଙ୍କା ଥିଲେ ନାଗରିକମାନେ ଆବଶ୍ୟକ ସହାୟତା ପାଇଁ ନିର୍ଦ୍ଦିଷ୍ଟ ନିର୍ବାଚନ ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ। ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ମତାଧିକାରକୁ ସୁରକ୍ଷିତ ରଖିବା ଏବଂ କୌଣସି ଯୋଗ୍ୟ ଭୋଟର ଯେପରି ଭୋଟର ତାଲିକାରୁ ବଞ୍ଚିତ ନହୁଅନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ପ୍ରଶାସନ ନିଜର ପ୍ରତିବଦ୍ଧତା ଦୋହରାଇଛି। ନାଗରିକମାନଙ୍କୁ ଏହି ସତ୍ୟାପନ ପ୍ରକ୍ରିୟାରେ ଭାଗ ନେବାକୁ ଏବଂ କୌଣସି ତ୍ରୁଟି ଥିଲେ ତୁରନ୍ତ ସମ୍ପୃକ୍ତ ନିର୍ବାଚନ ଅଧିକାରୀଙ୍କୁ ଜଣାଇବାକୁ ଅନୁରୋଧ କରାଯାଇଛି। ଏହି ପଦକ୍ଷେପ ଭାରତ ନିର୍ବାଚନ ଆୟୋଗଙ୍କ ଦିଶାନିର୍ଦ୍ଦେଶ ଅନୁଯାୟୀ ଏକ ନିର୍ଭୁଲ, ସମସ୍ତଙ୍କୁ ସାମିଲ କରୁଥିବା ଏବଂ ବିଶ୍ୱସନୀୟ ଭୋଟର ତାଲିକା ବଜାୟ ରଖିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନର ନିଷ୍ଠାକୁ ଦର୍ଶାଉଛି।

ମଦ ଦୋକାନରୁ ୫୦ ହଜାର ଟଙ୍କା କଏନ ଚୋରି

ସିସିଟିଭିରେ ଚୋରି ସମୟର ଦୃଶ୍ୟ କଏଦ

କେନ୍ଦୁଝର:୧୩/୧୦(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲାର ଖଣିଜ ସହର ବଡ଼ବିଲରେ ଏକ ଚୋରି ଘଟଣା ସାମ୍ନାକୁ ଆସିଛି। ସହରର ବାଟା ଛକ ନିକଟରେ ଥିବା ଏକ ମଦ ଦୋକାନରୁ ପ୍ରାୟ ୫୦ ହଜାର ଟଙ୍କାର ମୁଦ୍ରା ବା କଏନ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗତ ରବିବାର ରାତିରେ ଜଣେ ମୁଖାପିନ୍ଧା ବ୍ୟକ୍ତି ଦୋକାନର ଉପର ପାର୍ଶ୍ୱରେ ଥିବା ଟିଣ ଖୋଲି ଭିତରକୁ ପ୍ରବେଶ କରିବା ପରେ ଏହି ଚୋରି କରିଥିବା ସୂଚନା ମିଳିଛି । ପ୍ରାପ୍ତ ସୂଚନାନୁଯାୟୀ, ଗତ ରାତିରେ ମୁହଁରେ ମାସ୍କ ପିନ୍ଧିଥିବା ଜଣେ ବ୍ୟକ୍ତି ଦୋକାନର ଉପର ଭାଗରେ ଲାଗିଥିବା ଟିଣ ଖୋଲି ଭିତରକୁ ପଶିଥିଲା। ଏହାପରେ ସେ ଦୋକାନ ଭିତରେ ନଗଦ ଟଙ୍କା ଖୋଜାଖୋଜି କରିଥିଲା। ହେଲେ ନଗଦ ନୋଟ୍ ନ ପାଇବାରୁ ଦୋକାନରେ ରଖାଯାଇଥିବା ଏକ ବସ୍ତାରେ ଥିବା ୧୦ ଓ ୨୦ ଟଙ୍କିଆ କଏନ୍ ନେଇ ପଳାଇଥିବା ଅଭିଯୋଗ ହୋଇଛି। ଚୋରି ହୋଇଥିବା କଏନ୍‌ର ଆନୁମାନିକ ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି। ଏହି ଘଟଣାର ଦୃଶ୍ୟ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଜଣାପଡ଼ିଛି । ଘଟଣା ସମ୍ପର୍କରେ ଜାଣିବା ପରେ ଦୋକାନ ମାଲିକ ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ବଡ଼ବିଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି ।

ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବିରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

କେନ୍ଦୁଝର:୧୩/୧୦(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡକୁ ଭାରତୀୟ ରେଳବାଇ ସବୁବେଳେ ଅବହେଳା କରିଆସିଛି। ଆନନ୍ଦପୁରକୁ ରେଳପଥ ସଂଯୋଗ କରିବା ଦାବିରେ ଗତ ସୋମବାର ଏକ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଛି। ବାରିଗାଁସ୍ଥିତ ଧନେଇ ପୀଠରୁ ଏହି ଶୋଭାଯାତ୍ରା ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ରେଳପଥ ସଂଯୋଗ ଦାବିନେଇ ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଆନନ୍ଦପୁରକୁ ରେଳପଥ ସହ ସଂଯୋଗ କରିବା ପାଇଁ ୨୦୧୪ ମସିହାରୁ ଦାବି ହୋଇଆସୁଛି। ଦୀର୍ଘ ବର୍ଷ ଧରି ଏହି ଦାବି ଉଠିଆସୁଥିଲେ ମଧ୍ୟ ଏଯାଏଁ ଏହା ପୂରଣ ହୋଇପାରିନାହିଁ। ଏହି ଦାବିକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭିନ୍ନ ସମୟରେ ଧର୍ମଘଟ, ସଂକୀର୍ତ୍ତନ ଯାତ୍ରା ଓ ଦଣ୍ଡବତ ଯାତ୍ରା ଭଳି ଅଭିନବ ପ୍ରତିବାଦ କରାଯାଇଛି। ତଥାପି ପ୍ରତିବର୍ଷ ରେଳ ବଜେଟ୍‌ରେ ଆନନ୍ଦପୁରକୁ ରେଳପଥ ସଂଯୋଗ ନେଇ କୌଣସି ଆଶାଜନକ ଘୋଷଣା ନହେବାରୁ ଅଞ୍ଚଳବାସୀ ନିରାଶ ହୋଇଆସୁଛନ୍ତି। ରେଳପଥ ସଂଯୋଗ ହେଲେ ଯାତାୟାତ ସୁବିଧା ବୃଦ୍ଧି ସହ ଅଞ୍ଚଳର ବାଣିଜ୍ୟ, ପର୍ଯ୍ୟଟନ ଓ ଆର୍ଥିକ ବିକାଶକୁ ନୂଆ ଦିଗ ମିଳିପାରିବ ବୋଲି ଆଶା କରାଯାଉଛି। ଦୀର୍ଘ ୧୨ ବର୍ଷ ଧରି ଚାଲିଥିବା ଏହି ଦାବି ପ୍ରତି ସରକାର ଗୁରୁତ୍ୱ ଦେବା ସହ ଆନନ୍ଦପୁରକୁ ରେଳପଥ ସହ ସଂଯୋଗ କରିବା ଦିଗରେ ଠୋସ୍ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଗ୍ରୋସରୀ ଦୋକାନରୁ ଦେଢ଼ ଲକ୍ଷ ଟଙ୍କା ଲୁଟ୍, ଜଣେ ଗିରଫ

ହାଟଡିହି, ୧୩/୧୦ ଅମୀୟ ବରାଳ - ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ ନନ୍ଦିପଦା ଥାନା ଅନ୍ତର୍ଗତ ଜଳକଳଙ୍କ ଛକରେ ଥିବା ଏକ ଗ୍ରୋସରୀ ଦୋକାନରୁ ସେଲସମ୍ୟାନକୁ ଛୁରୀ ଦେଖାଇ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଖବର ଅନୁଯାୟୀ ଆନନ୍ଦପୁର ଭଦ୍ରକ ୫୩ ନଂ ରାଜ୍ୟ ରାଜପଥ ଜଳକଳଙ୍କ ଛକରେ ବେତିରା ଗ୍ରାମର ଦୀପକ ପାଢ଼ୀ ହାଟଡିହି ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା ନିକଟରେ ଏକ ଗ୍ରୋସରୀ ଦୋକାନ ରହିଛି। ଗତକାଲି ରାତି ପ୍ରାୟ ଗୋଟାଏ ବେଳେ, ହାଟଡିହି ଜଳକଳଙ୍କ ଗାଁର ସଂଜୟ ସେଠୀ (୨୫)ନାମକ ଜଣେ ଯୁବକ କବାଟ ଭାଙ୍ଗି ଗ୍ରୋସରୀ ଦୋକାନ ଭିତରେ ଶୋଇଥିବା ସେଲସମ୍ୟାନକୁ ଛୁରୀ ଦେଖାଇ ଭୟଭୀତ କରାଇ ଡ୍ର ରୁ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏନେଇ ଗ୍ରୋସରୀ ଦୋକାନ ମାଲିକ ଦୀପକ ନନ୍ଦିପଦା ଥାନାରେ ଅଭିଯୋଗ କରିବା ରୁ, ଥାନା ଅଧିକାରୀ ଧର୍ମେନ୍ଦ୍ର କୁମାର ଶାନ୍ତି କେଶ୍ ରୁଜୁ କରି ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତ ସଂଜୟ ନିକଟରେ ପହଞ୍ଚି ପାରିଥିଲେ। ତାହା ନିକଟରୁ ୬୫ ହଜାର ଟଙ୍କା ସହ ଏକ ଧାରୁଆ ଛୁରୀ ଜବତ କରିବା ସହିତ, ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଆନନ୍ଦପୁର ଏସଡିପିଓ କମଲ କୁମାର ପଣ୍ଡା ସୂଚନା ଦେଇଛନ୍ତି।

ଜୁଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବନ୍ୟପ୍ରାଣୀ ସୁରକ୍ଷା ନିମନ୍ତେ ସଚେତନ

ହରିଚନ୍ଦନପୁର,୧୩/୧୦(ଶୂନ୍ୟରଞ୍ଜନ ଘଣା) : ସେମବାର ଦୀନ, କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ, କେନ୍ଦୁଝର ବନଖଣ୍ଡ ଏବଂ ଜୁଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ସହଯୋଗରେ ବିଦ୍ୟାଳୟଠାରେ ବନ୍ୟପ୍ରାଣୀ ସୁରକ୍ଷା ଓ ହାତୀ -ମଣିଷ ସହାବସ୍ଥାନ ନିମତେ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ତ୍ରିଲୋଚନ ମୋଦି କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ, ୮୭ ଜଣ ଛତ୍ରଛତ୍ରୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। କେଡି ଟ୍ରଷ୍ଟ ସମ୍ପାଦକ ଗଛ ମଣିଷ ଭକ୍ତବତ୍ସଳ ମହାନ୍ତିଙ୍କ ମାର୍ଗଦର୍ଶନରେ ଚାଲିଥିବା, ବନ୍ୟପ୍ରାଣୀ ସୁରକ୍ଷା ଓ ହାତୀ -ମଣିଷ ଲଢ଼େରର ପ୍ରଶମନ ପାଇଁ ହରିଚନ୍ଦନପୁର ବ୍ଲକ ର ବିଭିନ୍ନ ବିଦ୍ୟାଳୟମାନଙ୍କରେ ସଚେତନତା ଅଭିଯାନ ଜାରି ରହିଛି। ଏହିକ୍ରମରେ, କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ବିକାଶ ଅଧିକାରୀ ସ୍ମୃତିରଞ୍ଜନ ମହାକୁଡ଼, ବନ୍ୟପ୍ରାଣୀଙ୍କ ସୁରକ୍ଷା ଥିବା ଆଇନକାନୁନ, ହାତୀମାନଙ୍କଠାରୁ ୨୦୦ମିଟର ଦୂରେଇ ରହିବା,ଅନ୍ଧାର ରାତିରେ ହାତୀପଲକୁ ନ ଖେଦିବା, ଗାଁ ପାଖ ଜଙ୍ଗଲକୁ ହାତୀ ଆସିଲେ ବନବିଭାଗକୁ ତୁରନ୍ତ ଖବର ଦେବାକୁ ବୁଝାଇଥିଲେ । କାର୍ଯ୍ୟକ୍ରମ ଶେଷରେ ମନୁଷ୍ୟ-ହାତୀ ସହାବସ୍ଥାନ ମାର୍ଗଦର୍ଶିକା ଛାତ୍ରଛାତ୍ରୀମାନଙ୍କୁ ବଣ୍ଟନ କରାଯାଇଛି। ଜେଡ଼ି ଟ୍ରଷ୍ଟ ବିକାଶ ଅଧିକରା ଭାଗିରଥୀ ମହାନ୍ତି ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

'ସାହିତ୍ୟଘର'ର ଦ୍ୱାଦଶ ବାର୍ଷିକ ଉତ୍ସବରେ କବିତା ପାଠ

ହରିଚନ୍ଦନପୁର, ୧୩/୧୦ (ଶୂନ୍ୟରଞ୍ଜନ ଘଣା): ହରିଚନ୍ଦନପୁର ହାଇସ୍କୁଲ ପରିସରରେ 'ସମ୍‌ବାଦ-ସାହିତ୍ୟଘର'ର ଦ୍ୱାଦଶ ବାର୍ଷିକ ଉତ୍ସବ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୋଷାଧ୍ୟକ୍ଷ ନରହରି ମହାନ୍ତ ବର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କବି ଚିନ୍ତାମଣି ମହାଳିକ, ବୀଣାପାଣି ଦାସ, ସଚ୍ଚିଦାନନ୍ଦ ସାହୁ ଏବଂ ଉପଦେଷ୍ଟା ଅଭିନ୍ନ କୁମାର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ମନୋରମା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ ଆସରରେ ତପନ କୁମାର ଦାସ, ଗୀତାଞ୍ଜଳି ପରିଡ଼ା, ରତିନାରାୟଣ ରାଉତ, ଜ୍ୟୋସ୍ନା ପାଢ଼ୀ, ସୁବ୍ରତ ସେଠୀ, ମନୋରମା ସାହୁ, ସରୋଜ କୁମାର ସେନାପତି, ଚିନ୍ତାମଣି ମହାଳିକ, ଘନଶ୍ୟାମ ବୋଇତେଇ, ସନାତନ ମହାନ୍ତ, ସୁଜିତ ମିଶ୍ର, ନରହରି ମହାନ୍ତ ବର୍ମା, କଳାକର ମହାନ୍ତ, ବିଦ୍ୟାଧର ମହାନ୍ତ, ଲିପିକା ଦାସ ପଟ୍ଟନାୟକ, ରନ୍ମଞ୍ଜରୀ ରାଉତ, ଆର୍ଯ୍ୟବାଳା ମହାପାତ୍ର, ଧ୍ରୁବଚରଣ ବିନ୍ଧାଣି, ବୀଣାପାଣି ଦାସ, କୀର୍ତ୍ତନ ବିହାରୀ ମହାନ୍ତ, ଦିଲ୍ଲୀପ ବୋଇତେଇ, ଇନ୍ଦୁମତୀ ପାତ୍ର, ସରସ୍ୱତୀ ସେଠୀ, ଶାନ୍ତନୁ କୁମାର ମହାପାତ୍ର, ସରୋଜିନୀ ମିଶ୍ର, ନିରଞ୍ଜନ ବାରିକ, ଜ୍ଞାନେନ୍ଦ୍ର କୁମାର ଦାସ, ବାବୁଲାଲ ପଲେଇ ଓ ଉମାକାନ୍ତ ବେହେରା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ 'ସାହିତ୍ୟଘର'ର ସଭାପତି ଡ. କଳ୍ପନା ମହାନ୍ତି, ଉପଦେଷ୍ଟା ରଘୁନାଥ ମହାରଣା, ସମ୍ପାଦକ ଅକ୍ଷୟ କୁମାର ପଲେଇ, ସହସମ୍ପାଦକ ସୁଜାତା ଗୁପ୍ତା ଏବଂ ସଂଯୋଜକ ଶ୍ରୀନିବାସ ପାଇକରାୟଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

ବୈଦ୍ୟୁତିକ ସଟସର୍କିଟ ଯୋଗୁଁ ଜଳିଗଲା ସ୍କର୍ପିଓ

କେନ୍ଦୁଝର:୧୩/୧୦(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା ବଡ଼ବିଲ ସହର ୪ ନମ୍ବର ୱାର୍ଡରେ ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ବୈଦ୍ୟୁତିକ ସର୍ଟସର୍କିଟ ଯୋଗୁଁ ଜଳିଯାଇଛି ଏକ ସ୍କର୍ପିଓ। ବିଳମ୍ବିତ ରାତିରେ ସ୍ଥାନୀୟ ବାସିନ୍ଦା ମହାବୀର ପ୍ରସାଦ ସିଂହଙ୍କ ଡ୍ରାଇଭର ପ୍ରତିଦିନ ଭଳି ତାଙ୍କ ସ୍କର୍ପିଓ ନେଇ ଘର ପାଖକୁ ଯାଇଥିଲେ। ଘର ପାଖରେ ହଠାତ୍ ଗାଡ଼ିରୁ ଧୂଆଁ ବାହାରି ନିଆଁ ଲାଗିଯାଇଥିଲା। ଡ୍ରାଇଭର ପ୍ରଥମେ ନିଜେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ନିଆଁ ଲିଭାଇବା ସମ୍ଭବ ନହେବାରୁ ଡ୍ରାଇଭର ଗାଡ଼ି ମାଲିକଙ୍କୁ ଖବର ଦେଇଥିଲେ।ସେତେବେଳକୁ ସର୍ପିଓ ଗାଡ଼ି ନିଆଁରେ ସମ୍ପୂର୍ଣ୍ଣ ଜଳିଯାଇଥିଲା। ସର୍ଟସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ସରସତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ଛିଡ଼ା ହୋଇଥିବା ଏକ ସ୍କର୍ପିଓ ଗାଡ଼ି (ଓଡ଼ି୦୯ଜେଡ୍ - ୦୪୪୦)ରେ ହଠାତ୍ ନିଆଁ ଲାଗିଯାଇଥିଲା। ଅଳ୍ପ ସମୟରେ ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଖବର ପାଇ ବଡବିଲ ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ଯଦିଓ ଗାଡ଼ିଟି ହୁତୁ ହୁତୁ ହୋଇ ଜଳୁଥିଲା, ବିଭାଗ ନିଆଁକୁ ଆୟତ କରିବାରେ ସଫଳ ହୋଇଥିଲା।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା

ହରିଚନ୍ଦନପୁର, ୧୩/୧୦(ଶୂନ୍ୟରଞ୍ଜନ ଘଣା): ହରିଚନ୍ଦନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ୪୫ଜଣ ଶିଶୁଙ୍କ ମା' ଉପସ୍ଥିତ ଥିଲେ। ପରିଚାଳନା କମିଟି ସଭାପତି ପ୍ରଣବ କିଶୋର ମହାନ୍ତିଙ୍କ ସଭାପତିତ୍ୱରେ ମହିଳା ସାସ୍ଥ୍ୟକର୍ମୀ ଅହଲ୍ୟା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁର ବିକାଶରେ ପିତାମାତାଙ୍କ ଭୂମିକା ବିଷୟରେ ମାର୍ଗଦର୍ଶନ କରିଥିଲେ। ସହସଂପାଦକ ଧରଣୀଧର ସେଠୀ, ସଂପାଦକ ପ୍ରଦୀପ କୁମାର ପଣ୍ଡା ଓ ସଦସ୍ୟ ପ୍ରୀତମ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରଧାନଆଚାର୍ଯ୍ୟ ସୁରେଶ କୁମାର ମହାନ୍ତ ଅତିଥି ପରିଚୟ ପ୍ରଦାନ ଓ ଶିଶୁ ବାଟିକା ପ୍ରମୁଖ ଗୀତାଞ୍ଜଳି ମହାନ୍ତ ଧନ୍ୟବାଦ ଦେଇଥିଲେ।ଗୁରୁମା ସସ୍ମିତା ସାହୁ, ବିଜୟଲକ୍ଷ୍ମୀ ମହାନ୍ତ, ସୁଜାତା ଚକ୍ର, ଅରୁନ୍ଧତୀ ମହାନ୍ତ, ରୀନା ମାଣ୍ଡି, ସୋନାଲି ମହାନ୍ତି, କୁନ୍ତଳା ମହାନ୍ତ, ଜସ୍ମିନ ମଣ୍ଡଳ ଓ ଉତ୍ତମ ଖଣ୍ଡା କର୍ମଶାଳା ପରିଚାଳନା କରିଥିଲେ।

ଦନ୍ତାହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ସୁନାଖଣି ଜଙ୍ଗଲରୁ ମିଳିଲା ମୃତଦେହ

କେନ୍ଦୁଝର/ବାଂଶପାଳ, ୧୩/୧୦ (ଡୋଳାନନ୍ଦ ମହାନ୍ତ) ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁକୁ ନେଇ ବାଂଶପାଳ ଅଞ୍ଚଳରେ ଚାଞ୍ଚଲ୍ୟ। କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଭୂୟାଁ ଯୁଆଙ୍ଗ ପିଢ଼ ରେଞ୍ଜର ସୁଆକାଟି ସେକ୍ସନ ଅନ୍ତର୍ଗତ ତରମାକାନ୍ତ ବିଟ୍‌ର ଜଳଡିହା ସୁନାଖଣି ଜଙ୍ଗଲରୁ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ, ବୁଦ୍ଧଦେବ ମହାପାତ୍ର ଗତକାଲି ଛେଳି ଚରାଇବା ପାଇଁ ପାଖ ଜଙ୍ଗଲକୁ ଯାଇଥିଲେ। ସେଇ ସମୟରେ ଅଡାଳ ଜଙ୍ଗଲରେ ରହିଥିବା ୧୯ଟିକିଆ ହାତୀପଲ ମଧ୍ୟରୁ ୧୦ଟି ହାତୀ ଜଳଡିହ ସୁନାଖଣି ଜଙ୍ଗଲକୁ ଚାଲି ଆସିଥିବା ସୂଚନା ମିଳିଛି। ସେଇ ହାତୀପଲ ମଧ୍ୟରୁ ଗୋଟିଏ ଦନ୍ତାହାତୀ ଆକ୍ରମଣ କରିବାରୁ ବୁଦ୍ଧଦେବ ମହାପାତ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗତକାଲିଠାରୁ ବୁଦ୍ଧଦେବଙ୍କ ପରିବାର ଲୋକେ ତାଙ୍କୁ ଆଖପାଖ ଜଙ ଜଙ୍ଗଲରେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇନଥିଲେ। ଆଜି ସକାଳେ ସୁନାଖଣି ଜଙ୍ଗଲରେ ତାଙ୍କ ମୃତଦେହ ଦେଖିବା ପରେ ବନ ବିଭାଗକୁ ଖବର ଦିଆଯାଇଥିଲା। ପରେ ବନ ବିଭାଗ ନୟାକୋଟ ପୋଲିସ ଘଟଣା ସ୍ଥଳରେ ପହଂଚି ପରିବାର ଲୋକଙ୍କୁ କ୍ଷତି ପୂରଣ ଯୋଗାଇ ଦେବାକୁ ପ୍ରତିଶୃତି ଦେଇ ମୃତ ଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ମେଡିକାଲକୁ ପଠାଇ ଥିବା ଜଣାପଡିଛି । ହାତୀପଲ ଗାଁ ଜଙ୍ଗଲ ନିକଟରେ ଚଳ ପ୍ରଚଳ କରୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବତାବରଣ ଦେଖା ଦେଇଛି ।

କେନ୍ଦୁଝରରେ ଜିଲ୍ଲାସ୍ତରୀୟ ଗୋଣ୍ଡୱାନା ଖଣ୍ଡାନୃତ୍ୟ କର୍ମଶାଳା

କେନ୍ଦୁଝର ସଦର, ୧୩/୧୦:(ମନୋଜ କୁମାର ପଟେଲ)କେନ୍ଦୁଝରଗଡ଼ସ୍ଥିତ ଗୋଣ୍ଡ ସାଂସ୍କୃତିକ ଭବନଠାରେ ଏକ ଜିଲ୍ଲାସ୍ତରୀୟ ପାରମ୍ପରିକ ଗୋଣ୍ଡୱାନା ଖଣ୍ଡାନୃତ୍ୟ କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। 'ଗୋଣ୍ଡୱାନା ସୋଡ୍ ଡ୍ୟାନ୍ସ ରିସର୍ଚ୍ଚ ସେଣ୍ଟର' ପକ୍ଷରୁ ଆୟୋଜିତ ଏହି ଶିବିରରେ ଲୋପ ପାଇଯାଉଥିବା ପାରମ୍ପରିକ ଯୁଦ୍ଧକଳାର ପୁନଃଉଦ୍ଧାର ଏବଂ ସମାଜରେ ମହିଳା ସଶକ୍ତିକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଗୋଣ୍ଡ ସାଂସ୍କୃତିକ ସମାଜର ପୂର୍ବତନ ବିଧାୟକ ପ୍ରାଣବଲ୍

ବୁଧବାର ୧୪।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ଚାରମାଳ ପଂଚାୟତର ମୁଗପାଳ ଗ୍ରାମରେ ହାତୀ ଉପଦ୍ରବ

ବିଲରେ ପଶି ଚାଷୀଙ୍କ ଧାନ ଖାଇଗଲେ ବନ୍ୟହାତୀ

ରେଢ଼ାଖୋଲ, ୧୩/୧୦ (ରାଜେଶ ପ୍ରଧାନ) : ରେଢ଼ାଖୋଲ ବ୍ଲକ,ଚାରମାଳ ପଞ୍ଚାୟତ ଅଞ୍ଚଳରେ ପୁଣି ଦେଖାଦେଇଛି ବନ୍ୟହାତୀଙ୍କ ଉପଦ୍ରବ। ବିଳମ୍ବିତ ରାତିରେ ଜଙ୍ଗଲରୁ ଏକ ବନ୍ୟହାତୀ ଜନବସତି ଗୁହାଁ ହେବା ସହ ମୁଗପାଳ ଗ୍ରାମ ର ଦେବେନ୍ଦ୍ର ପ୍ରଧାନ,ଚାଷୀଙ୍କ ୧.୩୦ ଏକର ଧାନ ବିଲରେ ପଶି ବ୍ୟାପକ ଫସଲ ନଷ୍ଟ କରିଥିବା ଜଣାପଡ଼ିଛି। ହାତୀଟି କେବଳ ଧାନ ଖାଇବା ସହ ଗଛଗୁଡ଼ିକୁ ଦଳିଚକଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଛି ।ମିଳିଥିବା ସୂଚନା ମୁତାବକ, ଚାରମାଳ ପଞ୍ଚାୟତର ସମ୍ପୃକ୍ତ ଚାଷୀଜଣକ ଚଳିତ ବର୍ଷ ଧାର କରଜ କରି ନିଜ ବିଲରେ ଧାନ ଚାଷ କରିଥିଲେ। ଫସଲ ପାକଳ ହୋଇ ଆସୁଥିବା ବେଳେ ଗତକାଲି ରାତିରେ ଜଙ୍ଗଲରୁ ବାହାରି ଆସିଥିବା ହାତୀ ବିଲରେ ପଶି ରକ୍ତଭିଡ଼ା ଶ୍ରମକୁ ମାଟିରେ ମିଶାଇ ଦେଇଛି। ସକାଳେ ଚାଷୀଜଣକ ବିଲକୁ ଯାଇ ଧାନ ଫସଲ ନଷ୍ଟ ହୋଇଥିବା ଦେଖି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ।ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସହ ଭୟର ବାତାବରଣ ଖେଳିଯାଇଛି। ପ୍ରତିବର୍ଷ ଏଭଳି ହାତୀ ଉପଦ୍ରବ ଯୋଗୁଁ ଚାଷୀମାନେ ସର୍ବସାନ୍ତ ହେଉଥିବା ବେଳେ ବନ ବିଭାଗ ଏଥିପ୍ରତି ସ୍ଥାୟୀ ପ୍ରତିକାର କରୁନଥିବା ଅଭିଯୋଗ ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଓ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବା ପାଇଁ ପଞ୍ଚାୟତବାସୀ ଓ ଚାଷୀ ସଂଘ ଦାବି କରିଛନ୍ତି। ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିବା ସହ ହାତୀ ର ଗତିବିଧି ଉପରେ ନଜର ରଖିବାକୁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି।

ହିଞ୍ଜିଳିକାଟୁ ଛାତ୍ର ସଂସଦ ନିର୍ବାଚନ

କ୍ୟାମ୍ପସରେ ଛାତ୍ରଙ୍କ ଲଢ଼େଇ, ବାହରେ ବରିଷ୍ଠଙ୍କ ଅଙ୍କକଷା

ହିଞ୍ଜିଳିକାଟୁ,୧୩/୧୦(ଅବନି କାନ୍ତ ପଟ୍ଟନାୟକ)ହିଞ୍ଜିଳିକାଟୁ ସୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟରେ ମୋଟ ୧୭ ଟି ପଦବୀ ନିମନ୍ତେ ୩୪ ଜଣ ନିର୍ବାଚନ ଲଢୁଥିବା ବେଳେ ଜଣେ ପ୍ରାର୍ଥୀ ବି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନାହାନ୍ତି । ଯାହାଫଳରେ ସମସ୍ତ ପଦବୀ ନିମନ୍ତେ ସମସ୍ତ ଆଶାୟୀ ପ୍ରାର୍ଥୀ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ଥିବା ଜଣାପଡିଛି । କିଏ ସୋସିଆଲ୍ ମିଡିଆରେ ପ୍ରଚାର କରୁଛନ୍ତି ତ ଆଉ କିଏ ଚକୋଲେଟ୍ ବାଣ୍ଟି ଛାତ୍ରଛାତ୍ରୀଙ୍କ ମନ ଜିତିବାକୁ ଉଦ୍ୟମ କରୁଛନ୍ତି । ପ୍ରାର୍ଥୀଙ୍କ ପ୍ରଚାର ସହ ବଢୁଛି ଛାତ୍ରଛାତ୍ରୀଙ୍କ ଉତ୍ସାହ । ତେବେ ଉକ୍ତ କଲେଜରେ ୧୭ ଟି ପଦବୀ ନିମନ୍ତେ ୩୪ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି । ଏହାରି ଭିତରେ ବାଜିରେ ଲାଗିଛି ସବୁ ରାଜନୈତିକ ଦଳଙ୍କ ଭାଗ୍ୟ । ତେଣୁ କ୍ୟାମ୍ପସ ଲଢେଇ ପାଇଁ ବାହାରେ ରହି ରଣନୀତି କରୁଛନ୍ତି ବିଭିନ୍ନ ଦଳର ସ୍ଥାନୀୟ ନେତା । କିଏ ସାମ୍ନାକୁ ଆସୁଥିବା ବେଳେ କିଏ ପଛରେ ରହି ଗୋଟି ଚଳାଉଛନ୍ତି । ଏହାରି ଭିତରେ କ୍ୟାମ୍ପସ ହୋଇଛି ରାଜନୈତିକ କୁରୁକ୍ଷେତ୍ର । ଅନ୍ୟପଟେ କ୍ୟାମ୍ପସରେ ଛାତ୍ରଙ୍କ ଲଢେଇ ଜାରି ରହିଥିବା ବେଳେ ବାହାରେ ବରିଷ୍ଠଙ୍କ ଚାଲିଛି ଅଙ୍କକଷା । ଲାଗୁଛି ଯେମିତି ଛାୟା ବିଧାନସଭା ନିର୍ବାଚନର ଲଢେଇ ଚାଲିଛି । ସକାଳୁ ହେବାଠୁ ଆରମ୍ଭ କରି ରାତି ପର୍ଯ୍ୟନ୍ତ ଚାଲିଛି ନିର୍ବାଚନୀ ଆଲୋଚନା । କେଉଁ ପ୍ରାର୍ଥୀ କେମିତି କାମ କରିବେ ? କାହାର ମୁଦ୍ଦା ଛାତ୍ରଛାତ୍ରୀଙ୍କ ସାର୍ଥ ସହ ଜଡ଼ିତ ? କାହାକୁ ଭୋଟ୍ ଦେବେ ? ଏସବୁକୁ ନେଇ ଚାଲିଛି ତର୍କ ଓ ଆଲୋଚନା । କ୍ୟାମ୍ପସରେ ଯାହା ଘଟୁଛି, ତାହାର ଝଲକ ମଧ୍ୟ ସୋସିଆଲ୍ ମିଡିଆରେ ଦେଖିବାକୁ ମିଳୁଛି ।ଛାତ୍ରଛାତ୍ରୀଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ସମସ୍ତ ରଣକୌଶଳ ଆପଣାଉଛନ୍ତି ସମସ୍ତ ପ୍ରମୁଖ ଦଳ । ଏଥିସହ ଶାନ୍ତି ବଜାୟ ରଖିବାକୁ ଛାତ୍ର ସଂଗଠନଗୁଡ଼ିକୁ ପୋଲିସ ପକ୍ଷରୁ ନିବେଦନ କରାଯାଇଥିବା ବେଳେ ପୋଲିସ ଟିମ୍ ଜଗିରହି ସ୍ଥିତି ଉପରେ ନଜର ରଖିଛି ।

ଷ୍ଟୁଡ଼ିଓ ବ୍ୟବସାୟଙ୍କ ଅକାଳ ବିୟୋଗ

ରଘୁନାଥପୁର, ୧୩ /୧୦(ଅକ୍ଷର ଓଡ଼ିଆ) ଜଗତସିଂହପୁର ପୁର ଜିଲ୍ଲା ରଘୁନାଥ ପୁର ଥାନ ଅନ୍ତର୍ଗତ ତାରପୁର ଅଞ୍ଚଳରେ ଏକ ଶୋକକୂଳ ପରିବେଶ ସୃଷ୍ଟି ହୋଇଅଛି । ତାରପୁର ଗ୍ରାମର ସୁଶାନ୍ତ ନାଏକ ପିତା - ଦୁଯ୍ୟଧନ ନାଏକ ଏକ ଜଣାଶୁଣା ତାରପୁର ବଜାରରେ ଷ୍ଟୁଡ଼ିଓ ଦୋକାନ କରିଥିଲେ କୌଣଷି କାରଣ ରୁ ପୁରୀ ଯାଇ ରାତିରେ ହୋଟେଲ ଲଜରେ ଏକରୁମ ନେଇ ରହିଥିବା ସମୟରେ ସକାଳ ରେ ହୋଟେଲ କର୍ମଚାରି ରୁମ ଝଲକଷ ବାଟେ ଦଖନ୍ତିତ ପଛରେ କବାଟ ଦିଆହୋଇ ତାଙ୍କ ମୃତ୍ୟୁ ଦେହ ରୁମରେ ପଡିଛି । ତୁରନ୍ତ ହୋଟେଲ କତୃପକ୍ଷ ପୋଲିସ କୁ ଫୋନ କରିଥିଲେ ପୋଲିସଆସି ଶବ ଦେଖି ବେବଚ୍ଛେଦ ପାଇଁ ପଠାଇ ଦେଇଥିଲେ । ଏହି ଖବର ତାରପୁର ଅଞ୍ଚଳରେ ପଚାର ହୋଇ ଗଲାପରେ ତାରପୁର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା ଏବଂ ସେଇ ମୃତ୍ୟୁ ବାକ୍ତିଙ୍କୁ ସନମାନତା ଜଣାଇ ଗତକାଲି ତାରପୁର ବଜାର ବନ୍ଦରଖା ଯାଇଥିଲକ୍ଷ ।

ଟିଗିରିଆ ପୋଲିସର ଚଢ଼ଉ

୭୫୦ ଲିଟର ଦେଶୀ ମଦ ଜବତ

ଆଠଗଡ଼, ୧୩/୧୦(ଅକ୍ଷର ଓଡ଼ିଶା) ନୂଆପାଟଣା ହାଟ ଛକରେ ଟିଗିରିଆ ପୋଲିସ ଚଢ଼ଉ କରି ୭୫୦ ଲିଟର ଦେଶୀ ମଦ ସହ ଏକ ମହିନ୍ଦ୍ରା ଜାଇଲୋ ଗାଡ଼ି ଜବତ କରାଯାଇଛି। ଏହି ଘଟଣାରେ କଟକ ଜିଲ୍ଲା ମାଣିଆବନ୍ଧ ଥାନା ଅନ୍ତର୍ଗତ ତାଳମୁଣ୍ଡଳୀ ଗ୍ରାମର ସୁଧାଂଶୁ ପ୍ରଧାନ (୩୫)ଙ୍କୁ ଗିରଫ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଟିଗିରିଆ ଥାନା ଅଧିକାରୀ ରମାକାନ୍ତ ନାଏକ ସୂଚନା ଦେଇଛନ୍ତି।

ବାଇକ୍ ଧକ୍କାରେ ବୃଦ୍ଧ ମୃତ, ୨ ଗୁରୁତର

ଦେବଗଡ଼ ୧୩/୧୦(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ବାରକୋଟର ପୁରୁଣାପାଣି ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମୃତ ବୃଦ୍ଧ ଜଣକ ପୁରୁଣାପାଣି ଗ୍ରାମର ବେନ୍‌ଜାନି ମିଞ୍ଜ୍ ବୋଲି ଜଣାପଡ଼ିଛି। ଗୁରୁତର ଦୁଇ ବାଇକ୍ ଆରୋହୀ ସୁନ୍ଦରଗଡ଼ ଜିଲ୍ଲାର ବଣେଇଁ ଅଞ୍ଚଳର ବୋଲି ସୂଚନା ମିଳିଛି। ସୂଚନା ଅନୁଯାୟୀ, ବୃଦ୍ଧ ଜଣକ ରାସ୍ତାରେ ଗାଈମାନଙ୍କୁ ପାର କରାଉଥିବା ସମୟରେ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ବୃଦ୍ଧଙ୍କ ସମେତ ବାଇକ୍‌ରେ ଥିବା ଦୁଇଜଣ ଆରୋହୀ ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ ଉଦ୍ଧାର କରି ବାରକୋଟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇ ଆହତଙ୍କ ଚିକିତ୍ସା ଚାଲିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବାରକୋଟ ଡାକ୍ତରଖାନାକୁ ପଠାଯାଇଥିଲା ।ଏହି ଦୁର୍ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ରାଜ୍ୟ ସ୍ତରୀୟ ସ୍କୋଏ ମାର୍ଶାଲ ଆର୍ଟ୍ସ ପ୍ରତିଯୋଗିତାରେ ଖୋର୍ଦ୍ଧା ଉପ-ବିଜେତା

ବାଲୁଗାଁ, ୧୩/୧୦ (ଅକ୍ଷର ଓଡିଶା), : ଅନୁଗୋଳ ଇନଡୋର ଷ୍ଟାଡିୟମରେ ଅକ୍ଟୋବର ୯ ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ସ୍କୋଏ ମାର୍ଶାଲ ଆର୍ଟ୍ସ ପ୍ରତିଯୋଗିତାରେ କଟକ ଜିଲ୍ଲା ଚମ୍ପିୟାନ ହୋଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ପୁରୁଷ ବିଭାଗରେ ଉପ-ବିଜେତା ହୋଇଛି ।ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାରୁ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧା ଜିଲ୍ଲାରୁ ୨୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି କାଟା ଓ ଫାଇଟ୍ ବିଭାଗରେ ୧୧ଟି ସର୍ଣ୍ଣ ଓ ୧ଟି ରୌପ୍ୟ ପଦକ ହାସଲ କରିଛନ୍ତି। - ବାଲୁଗାଁ ଅଞ୍ଚଳର ସୌମ୍ୟ ରଞ୍ଜନ ନାୟକ ୨ଟି ସର୍ଣ୍ଣ, ଧୀରଜ କୁମାର ଦାସ ୨ଟି ସର୍ଣ୍ଣ

ଏବଂ ନିରାକାରପୁର ଓ ଭୁଷଣ୍ଡପୁର ଅଞ୍ଚଳର ଶୁଭଙ୍କର ଦାସ ୨ଟି ସର୍ଣ୍ଣ, ଆଲୋକ ପ୍ରଧାନ ୧ଟି ସର୍ଣ୍ଣ ଓ ୧ଟି ରୌପ୍ୟ, କଳ୍ପନା ପ୍ରଧାନ ୧ଟି ସର୍ଣ୍ଣ, ଦେବସ୍ମିତା ମଣ୍ଡଳ ୧ଟି ସର୍ଣ୍ଣ, ଅଜୟ ସାହୁ ୧ଟି ସର୍ଣ୍ଣ ଓ ସିଦ୍ଧାର୍ଥ ମାର୍ଥା ୧ଟି ସର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ସମସ୍ତ ଖେଳାଳି ଆସନ୍ତା ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି ।ସମସ୍ତ ବିଜେତାଙ୍କୁ ରାଜ୍ୟ ସ୍କୋଏ ଆସୋସିଏସନର ସମ୍ପାଦକ ଏସ୍.କେ ସଲାଉଦ୍ଦିନ ଓ ଉପ-ସଭାପତି ଏକାଦଶୀ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

ଗଜପତିର ଦୁର୍ଗମାଞ୍ଚଳରେ ହାଡ଼ଫୁଟି ଆତଙ୍କ

ପାରଳାଖେମୁଣ୍ଡି, ୧୩/୧୦ (ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲାର ଦୁର୍ଗମାଞ୍ଚଳରେ ଗତ କିଛି ଦିନ ହେଲା ହାଡ଼ଫୁଟି ରୋଗର ଆତଙ୍କ ଦେଖାଦେଇଛି। ଘଟଣା ନେଇ ସାସ୍ଥ୍ୟବିଭାଗ ଜାଣିବା ପରେ ସମ୍ପୃକ୍ତ ଅଞ୍ଚଳକୁ ନିୟମିତ ସାସ୍ଥ୍ୟଟିମ ପଠାଇ ଆବଶ୍ୟକ ଯାଞ୍ଚ କରିବା ସହ ସମସ୍ତ ଚିକିତ୍ସା ସୁବିଧା ଯୋଗା ଯାଉଥିବା ସୂଚନା ମିଳିଛି. ଘଟଣାରୁ ପ୍ରକାଶ, ଏହି ଜିଲ୍ଲାର ମୋହନା ବ୍ଲକ କଟାମା ପଞ୍ଚାୟତ ପାଜିଗିଡି ଗ୍ରାମରେ ହାତଫୁଟି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ବର୍ତ୍ତମାନ ସୁଦ୍ଧା ୧୩ ଜଣ ପୁରୁଷ, ମହିଳା ଓ ଶିଶୁମାନେ ଏହି ରୋଗରେ ଆକ୍ରାନ୍ତ ଥିବା ସୂଚନା ମିଳିଛି। ସେମାନଙ୍କ ଶରୀରର ବିଭିନ୍ନ ସ୍ଥାନରେ ଫୁଲି ଯିବା ସହ ଦେହରେ କେତେକ ଫଳ ଦେଖା ଦେଇଛି। ଗତ ଏକ ସପ୍ତାହ ତଳେ ପ୍ରଥମେ ୬ ଜଣ ଏହି ରୋଗରେ ଆକ୍ରାନ୍ତ ହୋଇଥିଲେ। ବର୍ତ୍ତମାନ ହାଡ଼ଫୁଟି ରୋଗ ବ୍ୟାପିବା ଯୋଗୁଁ ରୋଗୀ ସଂଖ୍ୟା ୧୩ ରେ ପହଞ୍ଚି ଥିବା ଗ୍ରାମବାସୀ ଜଣାଇଛନ୍ତି। ହାଡ଼ଫୁଟି ଦିନକୁ ଦିନ ଏଭଳି ଭାବେ ବଢ଼ି ଚାଲି ଥିବାରୁ ସାଧାରଣଙ୍କ ଠାରେ ଭୟ ଓ ଆତଙ୍କ ଦେଖା ଦେଇଛି। ମୋହନା ସାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ଼. ତ୍ରିଶୂଳ ସେନାପତିକହିଛନ୍ତି ଗତ ଏକ ସପ୍ତାହ ତଳେ ଏନେଇ ଜଣା ପଡିବା ପରେ ସମ୍ପୃକ୍ତ ଗ୍ରାମକୁ ମୁଁ ସାସ୍ଥ୍ୟଟିମ ସହିତ ପହଞ୍ଚି ଆବଶ୍ୟକ ଯାଞ୍ଚ ଓ ଶାରୀରିକ ପରୀକ୍ଷା ଆଦି କରାଯାଇଥିଲା। ଏହି ରୋଗ ନେଇ ଲୋକଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ଦିଆଯିବା ସହ ଲୋକଙ୍କୁ ସଚେତନ ମଧ୍ୟ କରାଯାଇଛି । ଗତକାଲି ମଧ୍ୟ ଅଡବା ଡାକ୍ତରଖାନାରୁ ସାସ୍ଥ୍ୟଟିମ ସମ୍ପୃକ୍ତ ଗ୍ରାମକୁ ଯାଇ ରୋଗୀଙ୍କ ଶାରୀରିକ ଅବସ୍ଥା ଯାଞ୍ଚ କରିବା ସହ ଆବଶ୍ୟକ ଚିକିତ୍ସା ଓ ଔଷଧ ପତ୍ର ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି ଗ୍ରାମର ୪୦୦ ଜଣଙ୍କ ରକ୍ତ ପରୀକ୍ଷା ପାଇଁ ନମୁନା ସାସ୍ଥ୍ୟଟିମ ଦ୍ୱାରା ସଂଗ୍ରହ କରାଯାଇଛି ।

କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ଅନୁଷ୍ଠିତ

ଖଲିକୋଟ ୧୩/୧୦ (ନିଲୁ ପଣ୍ଡା)ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବାଦପଲୀ ପଞ୍ଚାୟତର ଛକାଙ୍ଗି ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୬ ଅନୁଷ୍ଠିତ ହୋଇଯାଇଛି। ଉତ୍ତାପଡା କ୍ଲଷ୍ଟର ସିଆରସିସି ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଂଜିତ କୁମାର ସୁବୁଦ୍ଧି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଏ ବି ଇ ଓ କିଶୋର ଚନ୍ଦ୍ର ଘାସି,ସାମ୍ବାଦିକ ତଥା ସମାଜସେବୀ ଅଶୋକ କୁମାର ତ୍ରିପାଠୀ, ସି ଆର ସି ସି ଲିପନ ପଣ୍ଡା, ସି ଆର ସି ସି ପ୍ରମୋଦ ପ୍ରଧାନ, ସି ଆର ସି ସି ପ୍ରକାଶ ଚନ୍ଦ୍ର ସେଠି,ଅବସରପ୍ରାପ୍ତ ଶିକ୍ଷକ ଦନାର୍ଦନ ପଣ୍ଡା,ଶିକ୍ଷକ ଦେବେନ୍ଦ୍ର ମହାରଣା ,ଧ୍ରୁସାଶନ ସାହୁ ଓ ଶଶିଭୂଷଣ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଛକାଙ୍ଗି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମନ୍ତ କୁମାର ସୁବୁଦ୍ଧି ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ପରିଚାଳନା ସଭାପତି ଭିକ ଶବର ସଭାପତିତ୍ୱ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ସୁମନ୍ତ ସୁବୁଦ୍ଧି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଚାର ମଇଦାନରେ ପ୍ରାର୍ଥୀ, ସରଗରମ ଛାତ୍ର ସଂସଦ ନିର୍ବାଚନ

ପାପଡ଼ାହାଣ୍ଡି, ୧୩/୧୦ (ଅକ୍ଷର ଓଡ଼ିଶା):ନବରଙ୍ଗପୁର ଜିଲ୍ଲାର ସର୍ବପୁରାତନ ମହାବିଦ୍ୟାଳୟ ଭାବେ ପରିଚିତ ନବରଙ୍ଗପୁର କଲେଜ ପରିସର ଏବେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଚଳଚଞ୍ଚଳ ହୋଇଉଠିଛି। କ୍ୟାମ୍ପସ୍ ଭିତରୁ ବାହାର ପର୍ଯ୍ୟନ୍ତ ନିର୍ବାଚନୀ ମାହୋଲ ଜମିଥିବାବେଳେ ପ୍ରାର୍ଥୀଙ୍କ ପ୍ରଚାର, ଛାତ୍ରନେତାଙ୍କ ଉପସ୍ଥିତି ଏବଂ ଭୋଟ୍ ପାଇଁ ନିବେଦନ ପରିବେଶକୁ ସରଗରମ କରିଛି ।ଏହି ନିର୍ବାଚନକୁ ନେଇ ବିଭିନ୍ନ ପ୍ରାର୍ଥୀ ନିଜ ନିଜ ସପକ୍ଷରେ ସମର୍ଥନ ଯୋଗାଡ଼ କରିବାକୁ ଜୋରଦାର ପ୍ରୟାସ ଚଳାଇଛନ୍ତି। ଛାତ୍ରଛାତ୍ରୀଙ୍କ ଗହଳି ମଧ୍ୟରେ ପ୍ରାର୍ଥୀମାନେ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଯୋଗାଯୋଗ କରି ନିଜ ସପକ୍ଷରେ ଭୋଟ୍ ଦେବାକୁ ନିବେଦନ କରୁଛନ୍ତି ।ଏହି କ୍ରମରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ସଭାପତି ପଦ ପାଇଁ ପ୍ରାର୍ଥୀ ହୋଇଥିବା ମୃତ୍ୟୁଞ୍ଜୟ ବିଷୋୟୀ ଏବଂ ସାଧାରଣ ସମ୍ପାଦକ ପଦ ପାଇଁ ପ୍ରାର୍ଥୀ ଗୀତାଞ୍ଜଳି ବିଷୋୟୀ ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଭାଷ ନାୟକଙ୍କ ସମେତ ପାପଡ଼ାହାଣ୍ଡି ଏବିଭିପିର ସକ୍ରିୟ ସଦସ୍ୟ ସୁଧାଂଶୁ ଶେଖର ବିଷୋୟୀ, କୈଳାସ ଚନ୍ଦ୍ର ବିଷୋୟୀ, ତ୍ରିନାଥ ଅମାନତ୍ୟ, ପୀରତିରାଣୀ କଲାର, ପିଙ୍କୁ ବିଶୋଇ, ଦେବେନ୍ଦ୍ର ବିଷୋୟୀ ଓ ନୀଳକଣ୍ଠ ମାଝୀ ପ୍ରମୁଖ ସାମିଲ ହୋଇ ଘରକୁ ଘର ବୁଲି ପ୍ରଚାର କାର୍ଯ୍ୟରେ ସହଯୋଗ କରିଥିଲେ ।ଅନ୍ୟପକ୍ଷରେ ଚଳିତ ବର୍ଷର ଛାତ୍ର ସଂସଦ ନିର୍ବାଚନ ପାଇଁ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି ଶେଷ ହୋଇଥିବା ଜଣାପଡ଼ିଛି । ଦୀର୍ଘ ଆଠ ବର୍ଷ ପରେ ନିର୍ବାଚନ ହେଉଥିବାରୁ ଏଥର କାହା ସପକ୍ଷରେ ଛାତ୍ରଛାତ୍ରୀଙ୍କ ସମର୍ଥନ ଯିବ, ତାହାକୁ ନେଇ କ୍ୟାମ୍ପସ୍‌ରେ ଚର୍ଚ୍ଚା ଜୋର ଧରିଛି । ନିର୍ବାଚନୀ ପ୍ରଚାର ଯେତିକି ଜୋରଦାର ହେଉଛି, ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିର୍ବାଚନୀ ଉତ୍ସାହ ମଧ୍ୟ ସେତିକି ବଢ଼ିବାରେ ଲାଗିଛି ।

ସରକାରୀ ନିୟମକୁ ଆର୍‌ଆଇଙ୍କ ବେଖାତିର

ଧାର୍ଯ୍ୟ ସମୟ ଅତିବାହିତ ପରେ ବି ମିଳୁନି ଜାତି ପ୍ରମାଣପତ୍ର

ଧର୍ମଶାଳା, ୧୩/୧୦ (ଅକ୍ଷର ଓଡିଶା):ରାଜ୍ୟ ସରକାର ଲୋକଙ୍କୁ ସହଜ ଓ ତ୍ୱରିତ ସେବା ଯୋଗାଇଦେବା ପାଇଁ ଡିଜିଟାଲ୍ ପୋର୍ଟାଲ ଜରିଆରେ ବିଭିନ୍ନ ପ୍ରମାଣପତ୍ର ପ୍ରଦାନର ସମୟସୀମା ଧାର୍ଯ୍ୟ କରିଛନ୍ତି । ମାତ୍ର ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅଧୀନରେ ଦେଖିବାକୁ ମିଳିଛି ଏହାର ସମ୍ପୂର୍ଣ୍ଣ ଓଲଟା ଚିତ୍ର । ସରକାରୀ ନିୟମକୁ ବୃଦ୍ଧାଙ୍ଗୁଳି ଦେଖାଇ ରାଜସ୍ୱ ନିରୀକ୍ଷକ (RI) ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି । ଆବେଦନର ନିର୍ଦ୍ଧାରିତ 'Delivery Time Limit' ଅତିକ୍ରମ କରିଯାଇଥିଲେ ସୁଦ୍ଧା ରିପୋର୍ଟ ହୋଇପାରୁ ନଥିବାରୁ ଶହ ଶହ ଛାତ୍ରଛାତ୍ରୀ ଜାତି ଓ ଆବାସିକ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉ



ବୁଧବାର ୧୪।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ଗଜପତିର ବିକାଶ ନେଇ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ଡ଼. ତିରୁପତି ପାଣିଗ୍ରାହୀଙ୍କ ଆଲୋଚନା



ପାରଳାଖେମୁଣ୍ଡି, ୧୩/୧୦(ତାରିଣୀ ପ୍ରସାଦ ପଣ୍ଡା): : ଗଜପତି ଜିଲ୍ଲା ସମେତ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶକୁ ନେଇ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ପାରଳାଖେମୁଣ୍ଡିର ସ୍ଥାୟୀ ବାସିନ୍ଦା ତଥା ହାଇଟେକ୍ ମେଡିକାଲ କଲେଜର ଅଧ୍ୟକ୍ଷ ଡ଼. ତିରୁପତି ପାଣିଗ୍ରାହୀ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଗଜପତି ଜିଲ୍ଲାର ବିକାଶକୁ ଆଗକୁ ନେବା ସହ ଅଞ୍ଚଳର ବିଭିନ୍ନ ଆବଶ୍ୟକତା ଓ ଉନ୍ନତିମୂଳକ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ଆଲୋଚନା ହୋଇଥିଲା. ଆଦିବାସୀ ବହୁଳ ଗଜପତି ଜିଲ୍ଲାରେ ଶିକ୍ଷା, ସାସ୍ଥ୍ୟସେବା, ଗମନାଗମନ, ପାନୀୟ ଜଳ, କୃଷି ଓ ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶ ଅତ୍ୟନ୍ତ ଜରୁରୀ। ଜିଲ୍ଲାର ଲୋକମାନେ ଯେପରି ସରକାରୀ ଯୋଜନାର ସୁଫଳ ପାଇପାରିବେ ଏବଂ ଅଞ୍ଚଳରେ ଉନ୍ନତ ମାନର ମୌଳିକ ସୁବିଧା ଉପଲବ୍ଧ ହେବ, ସେଥିପାଇଁ ବିକାଶମୂଳକ ସରକାରୀ ଯୋଜନା ଗୁଡିକୁ କାର୍ଯକାରୀ କରିବା ସହ ବିଶେଷକରି ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ସମେତ ଜିଲ୍ଲାର ଗ୍ରାମାଞ୍ଚଳରେ ଉନ୍ନତ ରାସ୍ତାଘାଟ, ସାସ୍ଥ୍ୟସେବାର ସୁଦୃଢ଼ୀକରଣ, ଯୁବପିଢ଼ିଙ୍କ ପାଇଁ ରୋଜଗାରର ସୁଯୋଗ ଏବଂ ଜନସାଧାରଣଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ଭଳି ବିଷୟଗୁଡ଼ିକ ଜିଲ୍ଲାର ସାମଗ୍ରିକ ପ୍ରଗତି ପାଇଁ ଉଭୟଙ୍କ ମଧ୍ୟରେ ଆଲୋଚନା ହେବା ପରେ ଏଗୁଡିକ କାର୍ଯକାରୀ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସିଂହଦେଓ ପ୍ରତିଶ୍ରୁତି ଦେଇଥିବା ମଧ୍ୟ ଜଣା ପଡିଛି।

ଜିଲ୍ଲାସ୍ତରୀୟ ନବମ ରାଷ୍ଟ୍ରୀୟ ପୋଷଣ ମାସ ପାଳନ

ନୂଆପଡ଼ା, ୧୩/୧୦(ଅକ୍ଷର ଓଡିଶା) ନବମ ରାଷ୍ଟ୍ରୀୟ ପୋଷଣ ମାସ୨୦୨୬ ପାଳନ ଅବସରରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ସଦଭାବନା ସଭାଗୃହଠାରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଉତ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ଶିକ୍ଷାଅଧିକାରୀ ଡ. ପ୍ରଶାନ୍ତ ମହାନ୍ତି ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରେମଲତା ସେଠାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।ମାତୃ ଓ ଶିଶୁ ପୋଷଣରେ ଉନ୍ନତି ଆଣିବା ସହ ପୁଷ୍ଟିକର ଖାଦ୍ୟ, ସୁସ୍ଥ ଜୀବନଶୈଳୀ ଓ ପୁଷ୍ଟିହୀନତା ନିରାକରଣ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ।

କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

କୋରାପୁଟ,୧୩ ।୧୦(ଅକ୍ଷର ଓଡ଼ିଶା)କୋରାପୁଟ ବ୍ଲକ ଓ ମୁନସିପାଲଟିରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦଯାପିତ ହୋଇଯାଇଛି ।ପୋଲିସ କ୍ଲଷ୍ଟରର ସୁରଭି ପୂର୍ବତନ ବୋର୍ଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । କ୍ଲଷ୍ଟର ଅନ୍ତର୍ଗତ ୧୨ ଟି ବିଦ୍ୟାଳୟରୁ ୧୧୩ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ ।ଉଦଯାପନୀ ଉତ୍ସବରେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିବା ସହ ଉତ୍ସାହିତ ମଧ୍ୟ କରିଥିଲେ । ସମ୍ମାନିତ ଅତିଥି ରୂପେ ବାଳିକା ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ ଓ ସୁଷମା ପାତ୍ର ଯୋଗ ଦେଇଥିଲେ । ସିଆରସିସି ପ୍ରଦୀପ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ଆୟୋଜନ ହୋଇଥିବା ବେଳେ ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ କାଳୁ ଚରଣ ଛୋଟରାୟ ପରିଚାଳନାରେ ସମସ୍ତ ପ୍ରକାର ସହଯୋଗ କରିଥିଲେ ।କନିଷ୍ଠ ଓ ବରିଷ୍ଠ ବିଭାଗରେ ବକ୍ତୃତା,ବିତର୍କ,କୁଇଜ୍,ସଙ୍ଗୀତ, ଚିତ୍ରାଙ୍କନ,ପ୍ରବନ୍ଧ ରଚନା ,ସୃଜନାତ୍ମକ ଲିଖନ,ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଥିବା ଜଣାପଡିଛି ।ସେହିପରି ରେଲିକୁମ୍ବା କ୍ଲଷ୍ଟର ସିଆରସିସି ହର ପ୍ରସାଦ ମିଶ୍ର କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।ଝଡିଗୁଡ଼ା ସିଆରସିସି ତ୍ରିଲୋକେଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ମଣ୍ଡିପୁଟ ଉଚ୍ଚ ବିଦ୍ୟାଳୟ ଠାରେ ଆଜି କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଆୟୋଜିତ ହୋଇଯାଇଛି ।ଏଥିରେ କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ ମୁଖ୍ୟ ଅତିଥି ଏବଂ ବରିଷ୍ଠ କଂଗ୍ରେସ ନେତା ବାବୁଲା ବେନିଆ ଓ ସହାୟକ ବ୍ଲକ ଶିକ୍ଷା ଅଧିକାରୀ ସଂଯୁକ୍ତା କୁଅଁର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ ।ମଣ୍ଡିପୁଟ ହାଇସ୍କୁଲର ପ୍ରଧାନଶିକ୍ଷକ ନଗେନ୍ଦ୍ର କୁମାର ଜେନା ଯୋଗଦେଇ ପରିଚାଳନା କରିଥିଲେ ।ପୋଲିସ କ୍ଲଷ୍ଟର ସୁରଭିର ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସୁଭ୍ରାରାଣୀ ପ୍ରଧାନ, ପ୍ରତିମା ପଣ୍ଡା, ସଂଯୁକ।

୧୦ମାସ ହେଲା ପାନୀୟ ଜଳରୁ ବଞ୍ଚିତ ଦାବିରୀ ସାହି ବାସିନ୍ଦା



ପାପଡାହାଣ୍ଡି, ୧୩/୧୦(ଅକ୍ଷର ଓଡ଼ିଶା) ମେଗା ପ୍ରକଳ୍ପ ଚାଲୁ ହୋଇ ନ ଥିବା ବେଳେ ଅନ୍ୟ ପଟେ ଦୀର୍ଘ ୧୦ମାସ ହେଲା ବସୁଧା ପ୍ରକଳ୍ପରୁ ପାନୀୟ ଜଳ ଯୋଗାଣ ଠପ ହୋଇ ପଡିଛି । ଜନ ସାଧାରଣଙ୍କୁ ସ୍ୱଚ୍ଛ ଓ ନିର୍ମଳ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାର ତରଫରୁ ବହୁ ବର୍ଷ ତଳେ ମୈଦଲପୁର ସଦର ଡ଼ଙ୍ଗର ସାହି ରେ ବସୁଧା ଜଳ ପ୍ରକଳ୍ପ ରେ ଟାଙ୍କି ନିର୍ମାଣ କରି ମୈଦଲପୁର ତେଲି ସାହି, ଡ଼ଙ୍ଗର ସାହି, ଦାବିରୀ ସାହି ଓ ଡେଙ୍ଗା ସାହିକୁ ଜଳ ସଂଯୋଗ କରାଯାଇ ଥିଲା । କିନ୍ତୁ ଗତ ୧୦ମାସ ହେଲା ଦାବିରୀ ସାହିକୁ ପାଣି ଆସୁନଥିବାରୁ ସାହି ବାସିନ୍ଦା ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସାହିର ମହିଳା ଓ ପୁରୁଷ ମାନେ ସାଇକେଲ, ଗାଡି ରେ ପିଇବା ପାଇଁ ପାଣି ଆଣୁଛନ୍ତି । ସାହି ବାସିନ୍ଦା ବହୁତ ଥର ପଂଚାୟତ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ ପରେ ମଧ୍ୟ କାମ ଶୂନ କ୍ଷ ଯଥା ଶୀଘ୍ର ପାଣି ସାଭାବିକ କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସାହି ର ରୁଚି ସିଂ, ରିତା ମାଝୀ, ଡାଲିମ୍ବ ପୂଜାରୀ, ଧରିତ୍ରୀ ନିଗି, ସୁକାନ୍ତି ବହୁକ, ସୁଜନ ବତୀ ଦାଉ,ବୈଜନ୍ତି ମାଝୀ,ଭଗବତୀ ଗୌଡ଼ ପ୍ରମୁଖ କହିଛନ୍ତି କ୍ଷ ଏ ନେଇ ଆମେ ପାପଡାହାଣ୍ଡି ବିଡ଼ିଓ କପିଳ ଦେବ ସାହୁଙ୍କୁ ଯୋଗାଯୋଗ କରିବାରୁ ଖୁବ ଶୀଘ୍ର ଜଳ ଯୋଗାଣ ସାଭାବିକ କରିବୁ ବୋଲି କହିଛନ୍ତି ।

ସିଙ୍ଗିପୁର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ

ବେଲଗୁଣ୍ଡା, ୧୩/୧୦ (ଅକ୍ଷର ଓଡିଶା) ଗାଙ୍ଗପୁର ଥାନା ସିଙ୍ଗିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି ୨୦୨୬'ଅନୁଷ୍ଠିତ ହୋଇଯାଇଛି !ଚଳିତ ବର୍ଷର ବିଷୟବସ୍ତୁ 'ସମୃଦ୍ଧ ଭାଷା ସମୃଦ୍ଧ ଓଡିଶା 'ଆଧାରରେ ଆୟୋଜିତ ଏହି ମହୋତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ମହତ୍ୱ ସହ ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ ଉପରେ ଗୁରୁତ୍ୱ ଦିଆ ଯାଇଥିଲା !ସିଙ୍ଗିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଧାନଶିକ୍ଷୟତ୍ରୀ ଅଳକା ପଣ୍ଡା ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ସବିତା ସାଇଁ ମୁଖ୍ୟ ଅତିଥି ଏବଂ ସନମାନିତ ଅତିଥି ଭାବେ ମୁନିଗାଡ଼ି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଗାୟତ୍ରୀ ପଣ୍ଡା ଓ ଖୁକୁଣ୍ଡିଆ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଭଗବାନ ସାଇଁ, ସିଆରସିସିରଂଜିତା ପାତ୍ର, ବେଲଗୁଣ୍ଡା ବ୍ଲକ ପ୍ରାକ୍ତନ ସିଆରସିସି ବାଳକୃଷ୍ଣ ସାବତ, ତଥା ନାହାଡା ପ୍ରଧାନ ଶିକ୍ଷକ ବଂଶୀଧର ପରିଡା,ଜୟରାମ ବେହେରା ବାଙ୍ଗରଡ଼ା, ରାଜେନ୍ଦ୍ର ପ୍ରଧାନ କେନ୍ଦୁପଦର ଓ କେଶରପଲ୍ଲୀ ରିତା ବେହେରା, ବସନ୍ତ ପାତ୍ର, ସଭାପତି ନୃସିଂହ ଜେନା ପ୍ରମୁଖ ମଂଚାସୀନ ରହି ପିଲା ମାନଙ୍କୁ ଉଦବୋଧନ ଦେଇଥିଲେ। କ୍ଲଷ୍ଟର ସ୍ତରୀୟ ସୁରଭି ମହୋତ୍ସବ ସମୃଦ୍ଧ ଭାଷା ସମୃଦ୍ଧ ଓଡ଼ିଶା ବିଷୟକୁ ନେଇ ବିଭିନ୍ନ ପ୍ରତି ଯୋଗିତା ଆୟୋଜିତ ହେଇଥିଲା। ଶିକ୍ଷକ କାଳୁ ଚରଣ ଖଣ୍ଡୁଆଳ ମଞ୍ଚ ପରିଚାଳନା କରିଥିଲେ।

ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ସଡ଼କ ସୁରକ୍ଷା ସମ୍ବନ୍ଧୀୟ ପ୍ରତିଯୋଗିତା

ନୟାଗଡ଼, ୧୩/୧୦ (ବିଶ୍ୱଜିତ) :- ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଜାରି କରାଯାଇଥିବା SOP (କାର୍ଯ୍ୟ-ପଦ୍ଧତି ନିୟମାବଳୀ) ଅନୁଯାୟୀ, ନୟାଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (RTO) ପକ୍ଷରୁ ନୟାଗଡ଼ ସ୍ଥିତ ବ୍ରଜେନ୍ଦ୍ର ହାଇସ୍କୁଲରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ସ୍ଲୋଗାନ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି ପ୍ରତିଯୋଗିତାରେ ଅଷ୍ଟମରୁ ଦଶମ ଶ୍ରେଣୀର ପ୍ରାୟ ୪୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ନୟାଗଡ଼ର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, ଆଞ୍ଚଳିକ ପରିବହନ ଅଧିକାରୀ , ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସମେତ RTO ଏବଂ ଶିକ୍ଷା ବିଭାଗର ଅଧିକାରୀ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ । ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳତା ଓ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା ଥିଲା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା 'ସୁରକ୍ଷିତ ଭାବରେ ଘରକୁ ଫେରନ୍ତୁ' ।

କୁସୁମଖୁଣ୍ଟିରେ ବାର୍ଷିକ ଦଶରା ପର୍ବ ପାଳିତ

କୋକସରା:୧୩/୧୦(ମଙ୍ଗରାଜବେହେରା) ଶକ୍ତି ଓ ଆସ୍ଥାର ପ୍ରତୀକ ମା' ପଞ୍ଚମୁଖୀ କାଳୀଙ୍କ ଆଶୀର୍ବାଦ ଲାଭ ପାଇଁ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ମୋଟେର ପଞ୍ଚାୟତ ଅନ୍ତର୍ଗତ କୁସୁମଖୁଣ୍ଟି ଗ୍ରାମରେ ପାରମ୍ପରିକ ରୀତିନୀତି ଓ ଧାର୍ମିକ ଶ୍ରଦ୍ଧାର ସହ ବାର୍ଷିକ ଦସରା ପର୍ବ ପାଳିତ ହୋଇଯାଇଛି । ମା'ଙ୍କ ପୂଜାର୍ଚ୍ଚନାକୁ ନେଇ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଥିଲା ।କୁସୁମଖୁଣ୍ଟି ଗ୍ରାମରେ ପ୍ରତିବର୍ଷ ଆଶ୍ୱିନ ମାସ ଶୁକ୍ଳପକ୍ଷର ପ୍ରଥମ ମଙ୍ଗଳବାର ଦିନ ଦଶରା ପର୍ବ ପାଳନ କରାଯାଉଥିବାରୁ ଏହି ଗ୍ରାମରୁ ଏହି ଅଞ୍ଚଳର ଦଶରା ପର୍ବ ଆରମ୍ଭ ହେବାର ପରମ୍ପରା ରହିଛି । ଗ୍ରାମବାସୀଙ୍କ ଅଗାଢ଼ ଆସ୍ଥା ଓ ବିଶ୍ୱାସ ସହ ଜଡ଼ିତ ଏହି ପର୍ବରେ ଗ୍ରାମର ଆରାଧ୍ୟ ଦେବି ମା' ପଞ୍ଚମୁଖୀ କାଳୀଙ୍କ ସତନ୍ତ୍ର ପୂଜାର୍ଚନା କରି ରକ୍ତଭୋଗ ଦିଆଯାଉ ଥିବା ବେଳେ , ମା ଆଦିଶକ୍ତି ଙ୍କୁ ଶୁକ୍ଳ ଭୋଗ ଅର୍ପଣ କରାଯାଇଥାଏ, ଅନ୍ୟ ଦେବା ଦେବିଙ୍କ ମଧ୍ୟରେ ବୁଢ଼ାରଜା,ମା'ଠାକୁରାଣୀ ମା'ମାଉଳି, ମାଟିମାତା, ଧରଣୀ ଦେବିଙ୍କ ପୂଜାର୍ଚ୍ଚନା ରୀତି ନୀତି ଅନୁଯାଇ ପୂଜାର୍ଚନା କରାଯାଇଥାଏ । ଦଶରା ପର୍ବକୁ ସୁଚାରୁରୂପେ ପରିଚାଳନା ନିମନ୍ତେ ଗଠିତ କମିଟିର ସଭାପତି ଭାବେ ଇଂ. ସୁଶୀଲ କୁମାର ଶବର, ସମ୍ପାଦକ, ମିତ୍ରଭାନୁ ବେହେରା ଓ କୋଷାଧକ୍ଷ ଭାବେ ସୁଦର୍ଶନ ବେହେରା ଦାୟିତ୍ୱ ତୁଲାଇଥିବା ବେଳେ କମିଟିର ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ । ସେହିପରି କୋକସରା ବ୍ଲକର ବୋବରିଆ ଗ୍ରାମରେ ମଧ୍ୟ ମଙ୍ଗଳବାର ମା' ଲଙ୍କେଶ୍ୱରୀଙ୍କ ଦଶରା ପର୍ବ ପାରମ୍ପରିକ ରୀତିନୀତି ଓ ଶ୍ରଦ୍ଧାଭକ୍ତିର ସହ ପାଳନ କରାଯାଇଛି । ମା'ଙ୍କ ପୂଜାର୍ଚ୍ଚନାରେ ଗ୍ରାମରେ ଧାର୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ ଶ୍ରଦ୍ଧାଳୁ ଓ ଗ୍ରାମବାସୀ ପର୍ବରେ ସାମିଲ ହୋଇଥିଲେ ।

ଅଭିଯୋଗ ଶୁଣାଣି ଶିବିରକୁ ବର୍ଜନ କଲେ ସରପଞ୍ଚଙ୍କ ସମେତ ସମସ୍ତ ଜନପ୍ରତିନିଧି

ଲକ୍ଷ୍ମୀପୁର, ୧୩ /୧୦(ଅକ୍ଷର ଓଡିଶା) କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଅନ୍ତର୍ଗତ କାବ୍ରିବାଡ଼ି ଗ୍ରାମପଞ୍ଚାୟତରେ ଆୟୋଜିତ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିରକୁ ସରପଞ୍ଚଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ ବର୍ଜନ କରିଛନ୍ତି । ଅଭିଯୋଗ କରିବା ସତ୍ତ୍ୱେ ସମସ୍ୟାର ସମାଧାନ ହେଉନଥିବାରୁ ସେମାନେ ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି ।ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରତି ସୋମବାର ବନ୍ଧୁଗାଁ ବ୍ଲକର ଧାର୍ଯ୍ୟ ପଞ୍ଚାୟତରେ ଏହି ଶିବିର ଆୟୋଜନ କରାଯାଉଛି । ଏଥିରେ ବ୍ଲକ ଓ ପଞ୍ଚାୟତସ୍ତରୀୟ ଅଧିକାରୀ, ଜନପ୍ରତିନିଧି ଏବଂ ଗ୍ରାମବାସୀ ନିଜ ନିଜର ସମସ୍ୟା ଜଣାଇଥାନ୍ତି । ମାତ୍ର ପୂର୍ବରୁ ଦିଆଯାଇଥିବା ଅଭିଯୋଗଗୁଡ଼ିକର ସମାଧାନ ହୋଇନଥିବାରୁ ଏହି ଶିବିର କେବଳ ସଚେତନତା କାର୍ଯ୍ୟକ୍ରମରେ ସୀମିତ ରହୁଥିବା ଜନପ୍ରତିନିଧିମାନେ ଅଭିଯୋଗ କରିଛନ୍ତି ।ଗ୍ରାମର ବିକାଶମୂଳକ କାର୍ଯ୍ୟରେ ସ୍ଥାନୀୟ ବେକାର ଯୁବକମାନଙ୍କୁ ସୁଯୋଗ ମିଳୁନଥିବା ନେଇ ମଧ୍ୟ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।ସରପଞ୍ଚ ସସ୍ମିତା ପିଡ଼ିକା, ସମିତି ସଭ୍ୟ କିଶୋର ରାଉତ ଓ ନାଏବ ସରପଞ୍ଚ ତାଉଡୁ ମାଣ୍ଡିଙ୍କିଙ୍କ ସମେତ ସମସ୍ତ ଜନପ୍ରତିନିଧି ଏହି ଶିବିରରେ ଯୋଗ ଦେଇନଥିଲେ । ସେମାନେ ପୂର୍ବରୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ବସନ୍ତ ନାୟକଙ୍କୁ ଏ ସମ୍ପର୍କରେ ଜଣାଇଥିଲେ । ବିଡିଓ ଅସିତ କୁମାର ମହାନ୍ତି ସରପଞ୍ଚଙ୍କୁ ଶିବିରରେ ଯୋଗଦେବାକୁ ଅନୁରୋଧ କରିଥିଲେ ମଧ୍ୟ ସେ ମନା କରିଥିଲେ । ଅଭିଯୋଗର ସମାଧାନ ନହେଲେ ଏପରି ଶିବିର ଆୟୋଜନର କୌଣସି ଅର୍ଥ ନାହିଁ ବୋଲି ଜନପ୍ରତିନିଧିମାନେ ମତ ପ୍ରକାଶ କରିଛନ୍ତି ।

ଶିଶୁ ମହୋତ୍ସବ ସୁରଭି ୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ

କଲାହାଣ୍ଡି, ୧୩/୧୦ (ରାମ କୁମାର ସେନାପତି) କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ଙ୍କ ଅଧିନରେ ଥିବା ଟେ ମରି ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି,୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି, ଏହି ମହୋତ୍ସବ ସମୃଦ୍ଧ ଭାଷା ସମୃଦ୍ଧ ଓଡ଼ିଶା ଆଧାରରେ ଆୟୋଜିତରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମହତ୍ୟ ସହ ଛାତ୍ର ଛାତ୍ରୀ ଙ୍କ ପ୍ରତିଭା ବିକାଶ ଉପରେ ଗୁରୁତ୍ୱ ଦିଆଯାଇ ଥିଲା,ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏ ବିଓ ପ୍ରଭାତ କୁମାର ଖମାରୀ, ଟେ ମରି କେନ୍ଦ୍ର ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଖଗେଶ୍ୱର ନାଏକ, ସି ଆରସିସି ଖୁସିରାମ ନାଇକ,ପ୍ରଧାନ ଶିକ୍ଷକ ଲକ୍ଷ୍ମୀ ନାରାୟଣ ମାଝୀ ଙ୍କ ନେତୃତ୍ୱରେ ସୁରଭୀ କାର୍ଯ୍ୟ କ୍ରମ ମହା ସମାରୋହରେ ପାଳିତ ହୋଇ ଥିଲା, ଏହି ଅବସରରେ ଶହ ଶହ ସଂଖ୍ୟାରେ ଅଭିଭାବକ, ଓ ଗ୍ରାମର ବହୁ ମାନ୍ୟଗଣ ବ୍ୟକ୍ତି ମାନେ ଉପସ୍ଥିତ ରହି ଖୁସିର ଲହରୀ ଖେଳି ଯାଇ ଥିଲା, ଏ ନେଇ ସମ୍ମାନୀତ ଅତିଥି ଭାବେ ଟେମରି ଗ୍ରାମ ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀ ସା ଙ୍କ ପ୍ରତିନିଧି କୁମୁଦ ସା, କୁମାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ପୂର୍ବତନ ଏବିଓ କୁମ୍ଭ ସୁନାନି, ପୂର୍ବତନ ସିଆରସିସି ବିନୋଦ ପାଣି ଗ୍ରାହି, ସମେତ ସହକାରୀ ଶିକ୍ଷକ ତରୁଣ କୁମାର ଶୁନାନି, ସୁନାଧର ନାଏକ, ଆରତି ଧଙ୍ଗଡା ମାଝୀ, ନବୀନ କୁମାର ସରାପ, ଓ ସଙ୍ଗମିତ୍ରା ନାୟକ, ଶ୍ୟାମ ସୁନ୍ଦର ମେହେର , ରାଜପାଲ ହରିଜନ ତଥା କମିଟି ବୃନ୍ଦ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଯୋ

ବୁଧବାର ୧୪।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ଓଡ଼ିଶା ୩୨୪, ଗୁଜରାଟର ଦୃଢ଼ ଜବାବ

ଭୁବନେଶ୍ୱର, ୧୩/୧୦ : ରଣଜୀ ଟ୍ରଫିର ନୂଆ ଋତୁ (୨୦୨୬-୨୭)ର ପ୍ରଥମ ଦିନ ଓଡ଼ିଶା ପ୍ରଶଂସନୀୟ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ଦ୍ୱିତୀୟ ଦିନରେ ଜାରି ରଖି ପାରିନି। ଗୁଜରାଟ ବିପକ୍ଷ ଏହି ମୁକାବିଲାରେ ମଙ୍ଗଳବାର ୨୭୨/୩ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଏଥିରେ ଆଉ ମାତ୍ର ୫୨ ରନ୍ ଯୋଡ଼ି ୭ ୱିକେଟ୍ ହରାଇ ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରିଛି। ପୂର୍ବଦିନର ଅପରାଜିତ ବ୍ୟାଟର୍ ସନ୍ଦୀପ ପଟ୍ଟନାୟକ (୬୯, ୧୪୮ ବଲ୍, ୧୨ ଚୌକା) ନିଜ ଖାତାରେ ରନ୍ ଯୋଡ଼ିବା ପୂର୍ବରୁ ସୋମବାର ଦ୍ୱିତୀୟ ଓଭର ଶେଷ ବଲ୍‌ରେ ଅର୍ଜନ ନାଗୱାସୱାଲିଆଙ୍କ ଦ୍ୱାରା ବୋଲ୍ଡ ହୋଇ ପ୍ୟାଭିଲିୟନ୍ ଫେରିଥିଲେ। ଏହାପୂର୍ବରୁ ସେ ଗୌରବ ଚୌଧୁରୀଙ୍କ ସହ ପଞ୍ଚମ ୱିକେଟ୍‌ରେ ୧୨୭ ରନ୍ ଯୋଡ଼ି ଦଳକୁ ଭଲ ସ୍ଥିତିରେ ରଖିଥିଲେ। ତେବେ ଆଶୀର୍ବାଦ ସାଇଁ (୨)ଙ୍କୁ ମଧ୍ୟ ନାଗୱାସୱାଲିଆ ଆଉଟ୍ କରିଦେବାରୁ ଓଡ଼ିଶା ୨୮୩/୫ରେ ସଂଘର୍ଷ କରିଥିଲା। ଦଳୀୟ ସ୍କୋର୍ ୨୯୯ ଥିଲା ବେଳେ ଗତକାଲି ଶତକ ଅର୍ଜନ କରି ଅପରାଜିତ ଥିବା ଗୌରବ ଚୌଧୁରୀ (୧୩୭, ୨୯୮ ବଲ୍, ୧୨ ଚୌକା, ୨ ଛକା) ଆଉଟ୍ ହୋଇଯାଇଥିଲେ। ଗୌରବଙ୍କ ଆଉଟ୍ ପରେ ଅନ୍ୟ କୌଣସି ବ୍ୟାଟର୍ ଅଧିକ ସମୟ ଟିଣ୍ଟି ନ ରହିବାରୁ ଓଡ଼ିଶା ୩୨୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରଥମ ପଦାର୍ପଣକାରୀ ସମ୍ବିତ ବେଜଙ୍କ ପାଳି ୩୨ ବଲ୍ ୧୫ ରନରେ ସୀମିତ ରହିଯାଇଥିଲା। ଦୁଇ ପେସାଦାର ଖେଳାଳି ନିନାଦ ରାଥୱା (୯) ଏବଂ ଲଳିତ ଯାଦବ (୦) ନିରାଶ କରିଥିଲେ। ମାତ୍ର ୨୫ ରନ୍ ଭିତରେ ଶେଷ ୫ ୱିକେଟ୍ ହରାଇ ଓଡ଼ିଶା ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଥିଲା।

ଜବାବରେ ଗୁଜରାଟକୁ ପ୍ରାରମ୍ଭିକ ୱିକେଟ୍‌ରେ ୧୬୪ ରନ୍ ଯୋଡ଼ି ଓଡ଼ିଶା ବୋଲରଙ୍କୁ ନଯାନ୍ତ କରିଥିଲେ। ଆର୍ଯ୍ୟ (୯୪, ୧୦୭ ବଲ୍, ୧୧ ଚୌକା, ୩ ଛକା) ଶତକ ଆଡ଼କୁ ଗତି କରୁଥିଲା ବେଳେ ବାଦଲ ବିଶ୍ୱାଳଙ୍କ ବଲ୍‌ରେ ୱିକେଟ୍‌କିପର ଆଶୀର୍ବାଦ ସାଇଁଙ୍କ ହାତରେ ଧରାପଡ଼ି ଫେରିଥିଲେ। ଦ୍ୱିତୀୟ ଦିନର ଷଷ୍ଠ ବେଳକୁ ଗୁଜରାଟ ୨ ୱିକେଟ୍ ହରାଇ ୨୦୫ ରନ୍ କରିଛି। ବେଦାନ୍ତ (୯୪) ଓ ମନନ ହିଙ୍ଗରାଜିଆ (୧୩) ତୃତୀୟ ୱିକେଟ୍ ୪୧ ରନ୍ ଯୋଡ଼ି ବ୍ୟାଟିଂ ଜାରି ରଖିଛନ୍ତି।

ସଂକ୍ଷିପ୍ତ ସ୍କୋର: ଓଡ଼ିଶା ପ୍ରଥମ ପାଳି ୧୧୩ ଓଭରରେ-୩୨୪ (ଗୌରବ ଚୌଧୁରୀ-୧୩୭, ସନ୍ଦୀପ ପଟ୍ଟନାୟକ-୬୯, ଏମ୍ ଟି ମୁଣ୍ଡେ-୩୭, ଶୁଭ୍ରାଂଶୁ ସେନାପତି-୨୯, ଅର୍ଜନ ନାଗୱାସୱାଲିଆ-୩/୬୫, ସିଦ୍ଧାର୍ଥ ଦେଶାଇ-୨/୫୪, ଚିନ୍ତନ ଗାଜା-୨/୭୨, ହର୍ଷଲ ପଟେଲ୍-୨/୮୍ୟ)। ଗୁଜରାଟ ପ୍ରଥମ ପାଳି ୫୫ ଓଭରରେ- ୨୦୫/୨ (ଆର୍ଯ୍ୟ ଦେଶାଇ-୯୪, ବେଦାନ୍ତ ତ୍ରିବେଦୀ-୯୪ଅ, ମନନ ହିଙ୍ଗରାଜିଆ-୧୩*, ବାଦଲ ବିଶ୍ୱାଳ-୧/୩୧, ରାଜେଶ ମହାନ୍ତି-୧/୩୬)।

ରଣଜୀ ଟ୍ରଫିକୁ ଅଣଦେଖା

ମୁମ୍ବାଇ: ରଣଜୀ ଟ୍ରଫି ଚାଲିଥିବା ସମୟରେ 'ଭାରତ-ଏ' ଦଳକୁ ନ୍ୟୁଜିଲାଣ୍ଡ ଗସ୍ତରେ ପଠାଇବା ନିଷ୍ପତ୍ତିର ସମାଲୋଚନା କରିଛନ୍ତି ଦୁଇ ପୂର୍ବତନ ଅଧିନାୟକ ସୁନୀଲ ଗାଭାସ୍କର ଓ ଦିଲୀପ ଭେଙ୍ଗସରକାର। ଏହାଦ୍ୱାରା ଦେଶର ଏହି ପ୍ରମୁଖ ଘରୋଇ କ୍ରିକେଟ୍ ପ୍ରତିଯୋଗିତାର ଗୁରୁତ୍ୱ କମୁଥିବା ସେମାନେ କହିଛନ୍ତି। ରଣଜୀ ଟ୍ରଫି ସମୟରେ ଭାରତ 'ଏ' ମ୍ୟାଚ୍ ଚାଲିଥିବାରୁ ଚିନ୍ତା ପ୍ରକାଶ କରିଛନ୍ତି ଗାଭାସ୍କର। ସେ କହିଛନ୍ତି ଯେ ରବିବାର ରଣଜୀ ଋତୁ ଆରମ୍ଭ ହୋଇଛି, କିନ୍ତୁ ସେହିଦିନ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ 'ଏ' ମ୍ୟାଚ୍ ଖେଳାଯାଇଥିଲା। ଏହା ଦ୍ୱାରା କେତେକ ଖେଳାଳି ନିଜ ନିଜ ରାଜ୍ୟ ଦଳ ପାଇଁ ଖେଳିପାରି ନଥିଲେ। ଏପରି 'ଖେଳସୂଚୀ' ଯୋଗୁଁ ଘରୋଇ ପ୍ରତିଯୋଗିତାଗୁଡ଼ିକୁ ଅଣଦେଖା କରାଯାଉଛି ଏବଂ ରଣଜୀ ଟ୍ରଫିର ମାନ ମଧ୍ୟ ହ୍ରାସ ପାଉଛି ବୋଲି ସେ କହିଛନ୍ତି।

ଗାଭାସ୍କର, ଭେଙ୍ଗସରକାରଙ୍କ ସମାଲୋଚନା

ପ୍ରାକ୍ତନ ମୁଖ୍ୟଚୟନକର୍ତ୍ତା ଭେଙ୍ଗସରକାର କହିଛନ୍ତି, ରଣଜୀ ଟ୍ରଫି ଚାଲିଥିବାବେଳେ ଏଭଳି ଗସ୍ତ ଆୟୋଜନ କରିବା ଅଯୌକ୍ତିକ। ରଣଜୀ ଟ୍ରଫି ଆୟୋଜନର ଆଉ ମୂଲ୍ୟ କ'ଣ ରହିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଘରୋଇ ଋତୁ ବେଳେ ଦେଶର ଶ୍ରେଷ୍ଠ ପ୍ରଥମ ଶ୍ରେଣୀ ଖେଳାଳିଙ୍କୁ ବିଦେଶ ଗସ୍ତରେ ପଠାଯିବା ଦ୍ୱାରା ରଣଜୀ ଟ୍ରଫିରେ ରନ୍ କରୁଥିବା ଓ ୱିକେଟ୍ ନେଉଥିବା ଖେଳାଳିଙ୍କ ପ୍ରଦର୍ଶନର ମୂଲ୍ୟ କମିଯାଉଛି। ବିଦେଶୀ ପରିବେଶ ସହ ଖାପ ଖୁଆଇବା ଲକ୍ଷ୍ୟ ଥିଲେ ମୁଖ୍ୟ ଦଳକୁ ଆଗୁଆ ପଠାଇବା ଉଚିତ, ଟେଷ୍ଟ ଦଳରେ ଖେଳିବାର ସମ୍ଭାବନା ନଥିବା ଖେଳାଳିଙ୍କୁ ନୁହେଁ ବୋଲି ସେ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ଧ୍ରୁବ ଜୁରେଲଙ୍କ ନେତୃତ୍ୱରେ ୧୫ ଜଣିଆ ଭାରତ-ଏ' ଦଳ ଅକ୍ଟୋବର ୨୪ରୁ ନଭେମ୍ବର ୧୦ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ଗସ୍ତ କରି ତିନିଟି ଚାରିଦିନିଆ ମ୍ୟାଚ୍ ଖେଳିବ।

ପୂର୍ବତନ ବୋଲର, ଇତିହାସ ରଚିଥିବା ଆମ୍ପାୟର ସାର ଡମ୍ବାନେଓ୍ୱାନାଙ୍କ ପରଲୋକ

ହରାରେ, ୧୩/୧୦ : ଜିମ୍ବାୱେର ପୂର୍ବତନ ବୋଲର ଏବଂ ଅନ୍ତର୍ଜାତୀୟ ଆମ୍ପାୟର ସାରା ଡମ୍ବାନେଓ୍ୱାନଙ୍କ ସୋମବାର ପରଲୋକ ହୋଇଯାଇଛି। ସେ ମାତ୍ର ୩୬ ବର୍ଷ ବୟସର ଥିଲେ। ଜିମ୍ବାୱେ କ୍ରିକେଟ ତାଙ୍କର ପରଲୋକ ନେଇ ସ୍ୱଷ୍ଟ କରିଛି। ମାର୍ଚ୍ଚ ମାସରେ ହୋଇଥିବା ଏକ ମେଡିକାଲ ସର୍ଜରୀ ପରେ ସେ ଗତ କିଛି ମାସ ହେବ ଡାକ୍ତରଖାନାରେ ଭର୍ତ୍ତି ଥିଲେ, ଯେଉଁଠାରେ ସେ ଅନ୍ତିମ ନିଶ୍ୱାସ ନେଇଛନ୍ତି। ୨୦୦୯ରୁ ୨୦୧୪ ମଧ୍ୟରେ ଜିମ୍ବାୱେ ପାଇଁ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିଥିବା ଡମ୍ବାନେଓ୍ୱାନା ପରେ ଅମ୍ପାୟାରିଂରେ ପାଦ ଥାପିଥିଲେ ଏବଂ ବିଶ୍ୱମଞ୍ଚରେ ଅନେକ ଐତିହାସିକ ରେକର୍ଡ ନିଜ ନାମରେ ଦାଖଲ କରିଥିଲେ।

ଅନେକ ଐତିହାସିକ ଉପଲବ୍ଧି

ଏହା ପରେ ତାଙ୍କର ନାମ ଅନେକ ଐତିହାସିକ ଉପଲବ୍ଧି ହାସଲ ହୋଇଥିଲା। ୨୦୨୪ ମହିଳା ଟି-୨୦ ବିଶ୍ୱକପ୍‌ରେ ଅମ୍ପାୟାରିଂ କରିଥିବା ସେ ହେଉଛନ୍ତି ଜିମ୍ବାୱେରୁ ପ୍ରଥମ। ସେ ମୋଟ ୬୩ଟି ବରିଷ୍ଠ ଅନ୍ତର୍ଜାତୀୟ ମୁକାବିଲାରେ ଅମ୍ପାୟାରିଂ କରିଛନ୍ତି, ଯେଉଁଥିରେ ୪୨ଟି ମହିଳା ଟି-୨୦, ୧୧ ମହିଳା ଦିନିକିଆ ଏବଂ ୧୦ ପୁରୁଷ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍। ଏତଦ୍ ବ୍ୟତୀତ ସେ ୨୦୨୨ରେ ଆଇସିସିର ଡେଭଲପମେଣ୍ଟ ପ୍ୟାନେଲ ଅଫ୍ ଅମ୍ପାୟାରର୍ସ ସହିତ ଜଡ଼ିତ ଥିଲେ। ଅମ୍ପାୟାର ହେବା ପୂର୍ବରୁ ସେ ଜଣେ ଖେଳାଳି ଭାବେ ମଧ୍ୟ ଦେଶରୁ ପ୍ରତିନିଧିତ୍ୱ କରିଥିଲେ ଏବଂ ୨୦୧୧ର ବିଶ୍ୱକପ କ୍ୱାଲିଫାୟରରେ ଜିମ୍ବାୱେ ଦଳର ସଦସ୍ୟ ଥିଲେ।

ଜିମ୍ବାୱେ କ୍ରିକେଟ୍ ଦେଲା ଶ୍ରଦ୍ଧାଞ୍ଜଳି

ଜିମ୍ବାୱେ କ୍ରିକେଟର ଅଧ୍ୟକ୍ଷ ତଓ୍ୱେଗଓ୍ୱା ମୁକୁହଲାନୀ ଜଣେ ଖେଳାଳି ଏବଂ ଅମ୍ପାୟାର ଭାବେ ଡମ୍ବାନେଓ୍ୱାନାଙ୍କ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ସାରା ପ୍ରଥମେ ଜଣେ ଖେଳାଳି ଏବଂ ପରେ ଅମ୍ପାୟାର ଭାବେ ଜିମ୍ବାୱେ ପାଇଁ ସେବା କରିଛନ୍ତି। ତାଙ୍କୁ ବିଶ୍ୱକପର ଫାଇନାଲରେ ଛିଡ଼ା ହୋଇଥିବା ଦେଖିବା ଆମର କ୍ରିକେଟ ଗୋଷ୍ଠୀ ଏବଂ ପୂରା ଦେଶ ପାଇଁ ଗର୍ବର ମୁହୂର୍ତ୍ତ ଥିଲା।

ଗିଲ୍ ଓ ଶେଫାଳି ମାସର ଶ୍ରେଷ୍ଠ ଆଇସିସି ଖେଳାଳି

ନୂଆଦିଲ୍ଲୀ, ୧୩/୧୦ : ଦୁଇ ଭାରତୀୟବ୍ୟାଟର୍ ଶୁଭମନ ଗିଲ୍ ଏବଂ ଶେଫାଳି ବର୍ମା ସେପ୍ଟେମ୍ବର ମାସ ପାଇଁ ଆଇସିସିର ଶ୍ରେଷ୍ଠ ଖେଳାଳି ସମ୍ମାନ ଅର୍ଜନ କରିଛନ୍ତି। ଗିଲ୍ ପୁରୁଷ ବର୍ଗ ପାଇଁ ଏବଂ ଶେଫାଳି ମହିଳା ବର୍ଗ ପାଇଁ ଏହି ପୁରସ୍କାର ବିଜେତା ହୋଇଛନ୍ତି। ଭାରତୀୟ ଦିନିକିଆ ଦଳ ଅଧିନାୟକ ଗିଲ୍ ରେକର୍ଡ ପଞ୍ଚମ ଥର ପାଇଁ ଏହା ଅର୍ଜନ କରି ନୂଆ କୀର୍ତ୍ତିମାନ ବି ପ୍ରତିଷ୍ଠା କରିଛନ୍ତି। ଗିଲ୍ ଗତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ଶତକ (୧୧୦) ଏବଂ ଦ୍ୱିଶତକ (୨୨୩) ଅର୍ଜନ କରିଥିଲେ। ଶେଫାଳି ମହିଳା ଏସିଆ କପ୍‌ରେ ଅଗ୍ରଣୀ ରନ୍ ସଂଗ୍ରହକାରୀ ଓ ଏସୀୟ କ୍ରୀଡ଼ା ସେମିଫାଇନାଲ୍‌ରେ ଶତକ ହାସଲ କରିଥିଲେ। ତୃତୀୟ ଥର ପାଇଁ ଗୋଟିଏ ମାସର ଉଭୟ ପୁରୁଷ ଓ ମହିଳା ବର୍ଗର ପୁରସ୍କାର ଭାରତୀୟ ଜିତି ନେଇଛନ୍ତି। ଗିଲ୍ ପୂର୍ବରୁ ୨୦୨୩ରେ ଜାନୁଆରି ଓ ସେପ୍ଟେମ୍ବରରେ ଏବଂ ୨୦୨୫ ମସିହାର ଫେବ୍ରୁଆରି ଓ ଜୁଲାଇରେ ମଧ୍ୟ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ୨୭ ବର୍ଷୀୟ ଗିଲ୍ ଗତ ମାସରେ ୧୩୩ ବଲ୍‌ରୁ ୨୨୩ ରନ୍ ସଂଗ୍ରହ କରିବା ଅବସରରେ ଦ୍ରୁତତମ ଦ୍ୱିଶତକ ହୋଇଥିଲା। ଫଳରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୪୦୬ ରନ୍ ପଶ୍ଚାଦ୍ଧାବନକୁ ଭାରତ ୩୯ ବଲ୍ ପୂର୍ବରୁ ହାସଲ କରି ନେଇଥିଲା। ସେହିଭଳି ଶେଫାଳି ଏସିଆ କପ୍‌ରେ ୧୮୪.୬୧ ଷ୍ଟ୍ରାଇକରେଟ୍‌ରେ ସର୍ବାଧିକ ୩୬୦ ରନ୍ ସଂଗ୍ରହ କରିବା ସହ ଏସୀୟ କ୍ରୀଡ଼ାରେ ବାଂଲାଦେଶ ବିପକ୍ଷ ସେମିଫାଇନାଲ୍‌ରେ ଜୀବନର ପ୍ରଥମ ଟ୍ୱେଣ୍ଟି-୨୦ ଶତକ (୧୦୦) ଏବଂ ଶ୍ରୀଲଙ୍କା ବିପକ୍ଷ ଫାଇନାଲ୍‌ରେ ୪୮ ରନ୍ କରି ଭାରତକୁ ସର୍ବମ ସଫଳତା ଦେଇଥିଲେ। ପୂର୍ବରୁ ୨୦୨୪ ଜୁନ୍‌ରେ ଯଶପ୍ରୀତ୍ ବୁମ୍‌ରା, ସ୍ମୃତି ମନ୍ଧାନା ଏବଂ ୨୦୨୫ ଅଭିଷେକ ଶର୍ମା ଓ ସ୍ମୃତି ମନ୍ଧାନା ଏହି ସମ୍ମାନକୁ ପୋଛି ନେଇଥିଲେ।

ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ୍ ବାଳକ ଫୁଟବଲ୍ ମ୍ୟାଚ ଉଦଘାଟିତ

ସୁବର୍ଣ୍ଣପୁର:୧୩।୧୦(ସଂଗ୍ରାମ ମହାପାତ୍ର) ସୁବର୍ଣ୍ଣପୁରରେ ପ୍ରଥମ ଥର ପାଇଁ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ୍ ବାଳକ ଫୁଟବଲ୍ ଚାମ୍ପିୟନସିପ୍‌ରେ ଭାରତୀୟ ପେସାଦାର ଧାବିକା ତଥା ଅଲିମ୍ପିଆନ୍ ଦୂତୀ ଚାନ୍ଦ ସତନ୍ତ୍ର ଅତିଥି ଭାବେ ଯୋଗଦେବେ । ସୁବର୍ଣ୍ଣପୁରରେ ପ୍ରଥମ ଥର ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ୍ ବାଳକ ଫୁଟବଲ୍ କପ୍ ଅକ୍ଟୋବର ୧୩ରୁ ୧୬ ଯାଏଁ ଗାନ୍ଧୀ ଷ୍ଟାଡିୟମ୍‌ରେ ଆୟୋଜିତ ହେବ। ଉଦ୍‌ଘାଟନୀ ଉତ୍ସବ ଅପରାହ୍ନ ୩ଟାରେ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର । ଏହି କ୍ରୀଡ଼ା ମହୋତ୍ସବକୁ ନେଇ ଦୂତୀ ଚାନ୍ଦ ଏକ ସତନ୍ତ୍ର ଭିଡିଓ ବାର୍ତ୍ତା ମଧ୍ୟ ପଠାଇଛନ୍ତି। ତାଙ୍କର ଏହି ବାର୍ତ୍ତା ଯୁବ ଫୁଟବଲ୍ ଖେଳାଳିଙ୍କୁ ଉତ୍ସାହିତ କରିବା ସହ କ୍ରୀଡ଼ା ପ୍ରତି ଆଗ୍ରହ ବୃଦ୍ଧିରେ ପ୍ରେରଣା ଯୋଗାଇବ।

କୁଶୁପୁର ପାଣି ଟାଙ୍କି ବିପଦସଙ୍କୁଳ: ମରାମତି ନହେବା ପର୍ଯ୍ୟନ୍ତ ଠିକାଦାରଙ୍କ ଫାଇନାଲ୍ ବିଲ୍ ଅଟକାଇବାକୁ ଦାବି



ଗୋପ, ୧୩/୧୦:(ସନ୍ତୋଷ କୁମାର ଭୋଳ) ଗୋପ ବ୍ଲକ୍ ଅନ୍ତର୍ଗତ ଗୋପ ଗ୍ରାମପଞ୍ଚାୟତର କୁଶୁପୁର ଗ୍ରାମରେ ୨୦୧୮ ମସିହାରେ ନିର୍ମିତ ପାନୀୟ ଜଳ ପ୍ରକଳ୍ପର ପାଣି ଟାଙ୍କି ଏବେ ବିପଦସଙ୍କୁଳ ଅବସ୍ଥାରେ ଥିବା ଅଭିଯୋଗ ହୋଇଛି। ପ୍ରକଳ୍ପର ରକ୍ଷଣାବେକ୍ଷଣ ଓ ନିର୍ମାଣ ମାନକୁ ନେଇ ଗୁରୁତର ପ୍ରଶ୍ନ ଉଠାଇ ପ୍ରଶାନ୍ତ ସାଇଁ ପୁରୀ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ଅନୁଲିପି ଗୋପ ବିଡିଓ ଓ ପୁରୀ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ, ପାଣି ଟାଙ୍କିର ମୁଖ୍ୟ ଖୁମ୍ଭଗୁଡ଼ିକର ବିଭିନ୍ନ ସ୍ଥାନରେ କଂକ୍ରିଟ୍ ଖସି ଲୁହା ରଡ୍ ବାହାରକୁ ଦେଖାଯାଉଛି। ଫଳରେ ଟାଙ୍କିର ସ୍ଥାୟିତ୍ୱ ଓ ଜନସୁରକ୍ଷାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହା ସହ ବୋରିଂ ଆବଶ୍ୟକ ଗଭୀରତା ପର୍ଯ୍ୟନ୍ତ ହୋଇନଥିବାରୁ ଖରାଦିନେ ଭୂତଳ ଜଳସ୍ତର ହ୍ରାସ ପାଇଲେ ଟାଙ୍କିକୁ ପାଣି ଉଠୁନଥିବା ଏବଂ ଗ୍ରାମବାସୀ ଜଳକଷ୍ଟର ସମ୍ମୁଖୀନ ହେଉଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ସେହିପରି ଟାଙ୍କିର ନିୟମିତ ସଫେଇ ପାଇଁ ଉପଯୁକ୍ତ ମାନହୋଲ୍ ଓ ସୁରକ୍ଷିତ ସିଡ଼ି ବ୍ୟବସ୍ଥା ନଥିବା, ବିଦ୍ୟୁତ୍ ବୋର୍ଡ ଖୋଲା ଓ ଅସୁରକ୍ଷିତ ଅବସ୍ଥାରେ ରହିଥିବା ଏବଂ ପ୍ରକଳ୍ପ ପରିସରର ପାଚେରୀ ଆବଶ୍ୟକ ଉଚ୍ଚତାରେ ନଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ଆବଶ୍ୟକ ମରାମତି ଓ ରକ୍ଷଣାବେକ୍ଷଣ ପରିବର୍ତ୍ତେ କେବଳ ରଙ୍ଗ କରି କାମ ସମ୍ପୂର୍ଣ୍ଣ ଦେଖାଇ ଠିକାଦାରଙ୍କ ଫାଇନାଲ୍ ବିଲ୍ ପାସ୍ କରାଇବାକୁ ଉଦ୍ୟମ ହେଉଛି। ତେବେ ଏହି ଅଭିଯୋଗଗୁଡ଼ିକର ସାଧୀନ ବିଭାଗୀୟ ଯାଞ୍ଚ ହେବା ବାକି ରହିଛି। ପ୍ରଶାନ୍ତ ସାଇଁ ଜିଲ୍ଲାପାଳଙ୍କୁ ଏକ ବୈଷୟିକ ଟିମ୍ ଦ୍ୱାରା ତୁରନ୍ତ ସ୍ଥଳ ପରିଦର୍ଶନ ଓ ନିର୍ମାଣର ଗୁଣବତ୍ତା ଯାଞ୍ଚ କରାଇବାକୁ ଦାବି କରିଛନ୍ତି। ଟାଙ୍କିର କ୍ଷତିଗ୍ରସ୍ତ ଖୁମ୍ଭର ସ୍ଥାୟୀ ମରାମତି, ଆବଶ୍ୟକ ଗଭୀର ବୋରିଂ, ସୁରକ୍ଷିତ ବିଦ୍ୟୁତ୍ ବ୍ୟବସ୍ଥା, ଟାଙ୍କି ସଫେଇର ବ୍ୟବସ୍ଥା ଏବଂ ପାଚେରୀର ଉଚ୍ଚତା ବୃଦ୍ଧି ନହେବା ପର୍ଯ୍ୟନ୍ତ ସମ୍ପୃକ୍ତ ଠିକାଦାରଙ୍କ ଫାଇନାଲ୍ ବିଲ୍ ପାସ୍ ନକରିବାକୁ ସେ ଦାବି କରିଛନ୍ତି। ସରକାରୀ ଅର୍ଥର ସଦୁପଯୋଗ ସହ ଗ୍ରାମବାସୀଙ୍କୁ ସୁରକ୍ଷିତ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

ନୟାଗଡ଼ ଜିଲ୍ଲାର ପିଏମ୍ ଶ୍ରୀ ବିଦ୍ୟାଳୟ ପରିଦର୍ଶନ କଲେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ନୟାଗଡ଼୧୩/୧୦ (ବିଶ୍ୱଜିତ) :- ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ସ୍ମିତା ରାଉତ (ଆଇଏଏସ୍) ତା ୧୩.୧୦.୨୦୨୬ ରିଖ ନୟାଗଡ଼ ଜିଲ୍ଲାର ବିଭିନ୍ନ ପିଏମ୍ ଶ୍ରୀ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷାକାର୍ଯ୍ୟର ନିରୀକ୍ଷଣ ଓ ସମୀକ୍ଷା କରିଥିଲେ। ଏହି ପରିଦର୍ଶନ ସମୟରେ ପି ଏମ୍ ଶ୍ରୀ ବ୍ରଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ରଣପୁର,ପି ଏମ୍ ଶ୍ରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ,ଗୋପାଳପୁର,ପି ଏମ୍ ଶ୍ରୀ ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ଓଡ଼ଗାଁ, ପି ଏମ୍ ଶ୍ରୀ ନାରାୟଣ ଉଚ୍ଚ ବିଦ୍ୟାଳୟ ଶରଣକୁଳ ଆଦି ବିଦ୍ୟାଳୟ ଗୁଡ଼ିକ ପରିଦର୍ଶନ କରିଥିଲେ। ସରକାରଙ୍କର ବିଭିନ୍ନ ଯୋଜନା ଗୁଡ଼ିକ ଓ ପି ଏମ୍ ଶ୍ରୀ ବିଦ୍ୟାଳୟର ସୁପରିଚାଳନା ପାଇଁ ମତ ବ୍ୟକ୍ତ କରିବା ସହ ଭିତ୍ତିଭୂମିକୁ ଗୁରୁତ୍ୱ ଦେଇଥିଲେ । ସରକାରୀ ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଅନ୍ୟ ବିଭାଗ ସହ ସହଯୋଗ କରିବା ପାଇଁ ଉପଦେଶ ଦେଇଥିଲେ ।ପରିଦର୍ଶନ ସମୟରେ ଶିଶୁ ବାଟିକା କାର୍ଯ୍ୟକ୍ରମ ସୁଚାରୁ ଭାବେ ଚାଲୁଥିବା ଦେଖାଯାଇଥିଲା। ଖେଳାଧାରିତ ଶିକ୍ଷା ପ୍ରଣାଳୀ ଓ ଟିଚିଂଲର୍ଣ୍ଣିଂ ମେଟେରିଆଲ (ଯାଦୁ ପେଟି) ବ୍ୟବହାର ବ୍ୟାପକ ଭାବରେ ହେଉଥିବା ପରିଲକ୍ଷିତ କରି ଖୁସୀ ବ୍ୟକ୍ତ କରିଥିଲେ। ସମସ୍ତ ବିଦ୍ୟାଳୟରେ ଶିକ୍ଷଣ ସୋପାନ ରେଜିଷ୍ଟର ରଖାଯାଇଥିବା ସହ ପାଠନ ଅଭିଯାନ ଓ ରିମେଡିଆଲ ସହାୟତା ସକ୍ରିୟ ଭାବେ କାର୍ଯ୍ୟକରୀ ହେଉଥିବା ଦେଖିଥିଲେ ।ତାଙ୍କ ସହ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ବନଲତା ବେହେରା, ଜୁନିଅର ରେଡକ୍ରସ୍ ଅଫିସର୍ ନୟାଗଡ଼ ପ୍ରତାପ କୁମାର ପରିଡ଼ା ଉପସ୍ଥିତ ଥିଲେ ।

କୁଚିଣ୍ଡା କଲେଜରେ ଛାତ୍ର ସଂସଦ ନିର୍ବାଚନ ମାହୋଲ ସରଗରମ

କୁଚିଣ୍ଡା, ୧୩/୧୦ (ଚତୁର୍ଭୁଜ ଜୟପୁରିଆ) ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ପୁଣିଥରେ ଫେରିଛି ଛାତ୍ର ସଂସଦ ନିର୍ବାଚନ। ସମ୍ବଲପୁର ଜିଲ୍ଲା କୁଚିଣ୍ଡା ମହାବିଦ୍ୟାଳୟ ପରିସରରେ ଏବେ ନିର୍ବାଚନୀ ଉଷ୍ମତା ଚରମ ସୀମାରେ ପ